RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -222 | ସଂଖ୍ୟା-୨୨୨
ଭୁବନେଶ୍ୱର, ମଙ୍ଗଳବାର ୧୮ ନଭେମ୍ବର ୨୦୨୫
Bhubaneswar, Tuesday 18 November, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ | ଦୈନିକ ସମ୍ବାଦପତ୍ର



# ଜୀବନ ଯୁଦ୍ଧରେ ହାରିଗଲେ ହ୍ୟୁମାନ



**ଭୁବନେଶ୍ୱର,୧୭।୧୧:** ଓଡ଼ିଶା ସଙ୍ଗୀତ ଦୁନିଆରେ ଅଦିନରେ କଳା ବାଦଲ ଘୋଟି ଯାଇଛି। ଆଉ ନାହାଁନ୍ତି ଓଡ଼ିଶାର ଘରେ ଘରେ ପରିଚିତ ତଥା ସୁନାମଧନ୍ୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର। ସୋମବାର ରାତି ୯ଟା ୮ ମିନିଟରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୩୬ ବର୍ଷ ହୋଇଥିଲା। ତାଙ୍କର ଅକାଳ ବିୟୋଗରେ ଓଡ଼ିଆ ସଂଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ମୃତ୍ୟୁଖବର ଶୁଣି ଏମ୍ସ ପରିସର ଲୋକାରଣ୍ୟ ହୋଇଯାଇଥିଲା। ତାଙ୍କର ଶେଷ ଦର୍ଶନ ପାଇଁ କଣ୍ଠଶିଳ୍ପୀ ଓ ଶୁଭେଚ୍ଛୁ ଭିଡ଼ ଜମିଥିଲା। ରାତିରେ ତାଙ୍କ ମରଶରୀରକୁ କଟକ ବାସଭବନକୁ ନିଆଯାଇଥିଲା। ତାଙ୍କର ଶେଷ ଦର୍ଶନ ପରେ ପୈତୃକ ଗାଁ ଟିଟିଲାଗଡ଼କୁ ନିଆଯାଇଛି। ସେଠାରେ ରୀତିନୀତି ଅନୁଯାୟୀ ଅନ୍ତିମ ସଂସ୍କାର କରାଯିବ।ଗତ କିଛି ଦିନ ହେବ ହ୍ୟୁମାନ୍ ସାଗର ଅସୁସ୍ଥ ଥିଲେ। ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ୧୪ ତାରିଖ ସୋମବାର ଦିନ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଏମ୍ସର ଆଇସିୟୁରେ ସେ ଭେଣ୍ଟିଲେଟର ସପୋର୍ଟରେ ଥିଲେ। ଲିଭର୍ ଓ କିଡ଼ନିରେ ସମସ୍ୟା ଥିଲା। ତାଙ୍କ ଶରୀର ଅନେକ ଅଙ୍ଗ ଅକାମୀ ହୋଇଯାଇଥିଲା। ଶ୍ୱାସକ୍ରିୟା ଅସୁବିଧା ସମ୍ମୁଖୀନ ହେବା ସହିତ ହେପାଟୋପାଥି, ଥ୍ରୋମ୍ବୋସାଇଟୋପେନିଆ ଓ କୋଆଗୁଲୋପାଥିରେ ଭଳି ରୋଗରେ ପୀଡ଼ିତ ଥିଲେ। ଡାକ୍ତର ତାଙ୍କୁ ୭୨ ଘଣ୍ଟା ସମୟ ଦେଇଥିଲେ। ପରିବାର ଲୋକେ ତାଙ୍କ ଏୟାରଲିଫ୍ଟ କରିବାକୁ ସରକାରଙ୍କୁ ସାହାଯ୍ୟ ମାଗିଥିଲେ। ମୁଖ୍ୟମନ୍ତ୍ରୀ ମଧ ଡାକ୍ତରଙ୍କ ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଆଲୋଚନା କରିଥିଲେ। ମାତ୍ର ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିଥିବାରୁ ଡାକ୍ତର ଏୟାରଲିଫ୍ଟ ପାଇଁ ଅନୁମତି ଦେଇ ନ ଥିଲେ।ଶେଷରେ ସମସ୍ତଙ୍କୁ ଶୋକ ସାଗରେ ଭସାଇ ଦେଇ ଚାଲିଯାଇଛନ୍ତି ହ୍ୟୁମାନ ସାଗର।

୧୯୯୦, ନଭେମ୍ବର ୨୫ ତାରିଖରେ ହ୍ୟୁମାନ୍ ସାଗର ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ରେ ଜନ୍ମ ଗ୍ରହଣ କରିଥିଲେ। ଯୁବପୀଢ଼ିଙ୍କ ହୃଦୟରେ ହ୍ୟୁମାନ୍ ଏକ ସ୍ୱତନ୍ତ୍ର ଘର ତିଆରି କରିଥିଲେ।୨୦୧୨ ରେ ତରଙ୍ଗ ଟିଭିର ରିଆଲିଟି ଶୋ ଭଏସ୍ ଏଫ୍ ଓଡ଼ିଶାରେ ଅଂଶ ଗ୍ରହଣ କରି ହ୍ୟୁମାନ୍ ବିଜୟୀ ହୋଇଥିଲେ। ଏହା ପରେ ଇସ୍କ ତୁ ହି ତୁ ପ୍ରଥମ ଗୀତରେ କଣ୍ଠଦାନ କରି ସାରା ଓଡ଼ିଶାରେ ଯୁବ ପୀଢ଼ିଙ୍କ ହୃଦୟରେ ରାଜ୍ କରିଥିଲେ। ଏଇଠୁ ଆରମ୍ଭ ହୋଇଥିଲା ତାଙ୍କର ସଙ୍ଗୀତ ଯାତ୍ରା। ଏହା ପରେ ସେ ଚଳଚ୍ଚିତ୍ର, ଓଡ଼ିଆ ଆଲବମ୍ ଓ ସମ୍ବଲପୁରୀରେ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଗୀତରେ କଣ୍ଠଦାନ କରିଛନ୍ତି। ସେ ବିବାହିତ ହୋଇଥିବାବେଳେ ତାଙ୍କର ଗୋଟିଏ ଝିଅ ମଧ ଅଛନ୍ତି।

ସିନେମାରେ ହ୍ୟୁମାନଙ୍କ ସ୍ୱର

ଇସ୍କ ତୁ ହି ତୁ, ଅଗସ୍ତ୍ୟା, ବେବି, ଅଭୟ, ହାପି ଲକି, ଲଭ ଏକ୍ସପ୍ରେସ, ତୋ ପ୍ରେମରେ ପଡିଲା ପରେ, ଶ୍ରୀମାନ ସୁରଦାସ, ସୁନ୍ଦରଗଡ଼ର ସଲମନଖାନ, ଟୋକାଟା ଫସିଗଲା, ଚାରିଧାମ ଯାଏଁ ଅନେକ ସିନେମାରେ ସିଏ ଗୀତ ଗାଇଛନ୍ତି ।

ହ୍ୟୁମାନଙ୍କ ଅଭୁଲା ଗୀତ

କେମିତି ଭୁଲିବି ସେ ଅଭୁଲା ଦିନ, କୁଆଡେ ଗଲୁ ପାଗେଳୀ, କାହିଁ କାନ୍ଦୁଛୁ କହ, ତୁ ମେଘ ହେଇଯା, ଗଜରା ଗଭା ବାଲି, ମରିଯିବି ଧନ ତୋ ବିନା, ମନେ ତୁ ପଡୁଛୁ ଆଲୋ ପାଗେଳୀ, ଝରିଯାଏ ଲୁହ, ଏଢ଼େ ବେଇମାନି ତୁ, ମା ତୋ ବିନା, ସେଦିନୁ ମୁଁ ହୁନୁ ହୁନୁ, ହଜାରେ ଥର, ବୁଝିଯାରେ ହୃଦୟ ତୁ, କିଛି ଲୁହ ଝରି ଥିଲା ଖୁସିରେ, ହେଲା କି ପ୍ରେମ, ଏଢ଼େ ବେଇମାନି ତୁ, ମା... ଧିମା ଧିମା ଆଖି, ମିଠା ମିଠା ସ୍ୱପ୍ନ, ସୁନ ଜରା, ଇସ୍କ ତୁ ହି ତୁ, ମୁସ୍କିଲ ହେ ଜୀନା, ମଲକା ମଲକା, ହାଏ ତୋ ପ୍ରେମର ରଙ୍ଗୋଲି, ଗଜଲ ଗଜଲ, ସବୁ ନଜର ଲାଗେ ପ୍ରେମ ନଜର, ନାରେ ନାରେ, ଫାଷ୍ଟ ଟାଇମ ଗୋଟେ ଝିଅ ତୁ, ଛାତି ଟା ରଗଡି ଦେଲାରେ , ବେବି ଓ ବେବି, ବାପା... ।ହ୍ୟୁମାନଙ୍କ ବାପା କୋଭିଡରେ ପ୍ରାଣ ହରାଇଥିବାବେଳେ ତାଙ୍କ ସାନ ଭାଇ ତା ପୂର୍ବରୁ ଚାଲି ଏକ ଦୂରାରୋଗ୍ୟରେ ପୀଡ଼ିତ ହୋଇ ପ୍ରାଣ ହରାଇଛନ୍ତି।

## ୪୨ ଭାରତୀୟ ଜୀବନ୍ତ ଦଗ୍ଧ

**ନୂଆଦିଲ୍ଲୀ,୧୭।୧୧(ନି.ପ୍ର.):** ସାଉଦି ଆରବର ମଦିନା ନିକଟରେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି। ଉମରା କରିବାକୁ ଯାଉଥିବା ଅନେକ ଭାରତୀୟ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଛନ୍ତି । ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ବସ୍ ଏକ ଡିଜେଲ ଟ୍ୟାଙ୍କର ସହିତ ଧକ୍କା ଖାଇବା ଫଳରେ



ବସଟି ଜଳିଯାଇଥିଲା, ଯାହା ଫଳରେ ପ୍ରାୟ ୪୨ଜଣ ଭାରତୀୟ ଜୀବନ୍ତ ଦଗ୍ଧ ହୋଇଥିବା ଜଣାଯାଇଛି ।ସୋମବାର ସକାଳେ ମୁଫାରିହାତ ଅଞ୍ଚଳ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ସୂଚନା ମିଳିଛି ଯେ, ବସ୍ଟି ମକ୍କାରୁ ମଦିନା ଯାଉଥିବା ବେଳେ ଏହି ଦୁଃଖଦ ଦୁର୍ଘଟଣା ଘଟିଥିଲା । ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ ମହିଳା ଏବଂ ଶିଶୁ ସମେତ ଅନ୍ୟୂନ ୪୨ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଯାତ୍ରୀ ତେଲେଙ୍ଗାନା ଏବଂ ହାଇଦ୍ରାବାଦର ଥିବା କୁହାଯାଉଛି । ଦୁର୍ଘଟଣା ସମୟରେ ବସରେ ଅନେକ ଯାତ୍ରୀ ଶୋଇଥିଲେ । ଏହି କାରଣରୁ ଯାତ୍ରୀ ବାହାରକୁ ନଅରସିପାରିବାରୁ ଜୀବନ୍ତ ଦଗ୍ଧ ହୋଇଯାଇଥିବା କୁହାଯାଉଛି । ବସ୍ ଦୁର୍ଘଟଣାକୁ ଦୃଷ୍ଟିରେ ରଖି, ଜେଦ୍ଦାହରେ ଥିବା ଭାରତୀୟ ଦୂତାବାସ ଏକ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରିଛି । ପ୍ରାସଙ୍ଗିକ ସୂଚନା ପାଇଁ ପରିବାର ସଦସ୍ୟମାନେ ଟୋଲ୍-ଫ୍ରି ନମ୍ବର ୮୦୦୨୪୪୦୦୦୩ରେ ଯୋଗାଯୋଗ କରିପାରିବେ ।ସାଉଦି ଆରବର ମଦିନା-ମକ୍କା ରାଜପଥରେ ଏକ ଦୁର୍ଘଟଣାରେ ଭାରତୀୟ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ଏକାଠି ହୋଇ ଲଢିବାରୁ ବିଜୟ ଲାଭ କଲୁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୭।୧୧ (ନି.ପ୍ର.):** ଦିନ ଥିଲା ସବୁ ପୋଲିଂ ବୁଥରେ ଆମର ଏଜେଂଟ ନଥିଲେ। ପରାଜୟରୁ ଶିକ୍ଷା ଗ୍ରହଣ କରି ଏବଂ ପରାଜୟର ସମୀକ୍ଷା କରି, ଆଜି ଆମେ ବିଜୟୀ ହୋଇଛୁ । ନୂଆପଡା ଉପନିର୍ବାଚନରେ ଆମେ ସମସ୍ତେ ଏକାଠି ହୋଇ ଲଢିଲୁ ଏବଂ ଐତିହାସିକ ବିଜୟ ଲାଭ କରିଲୁ। ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଦଳ ନିଜ ଆସନ୍ନ ପରାଜୟର ଭୟରେ ଅନେକ ମିଛ କଥା କହି ଆମକୁ ଆକ୍ରମଣ କଲେ । ଏପରିକି ଭୋଟ ଚୋରୀ, ବେଇମାନ ଭଳି ଅପଶବ୍ଦ ମଧ ବ୍ୟବହାର କରିବାକୁ ପଛାଇଲେ ନାହିଁ। କିନ୍ତୁ ବିରୋଧୀଙ୍କ ମିଛ କାମ ଦେଲା ନାହିଁ ଏବଂ ନୂଆପଡାବାସୀ ସେମାନଙ୍କୁ ଉଚିତ ଜବାବ୍ ଦେଲେ। ଅପରେସନ ସିନ୍ଦୁର ଭଳି ଅପରେସନ ନୂଆପଡା ହେଲା । ନୂଆପଡାବାସୀ ବହୁଳ ସଂଖ୍ୟାରେ ରେକର୍ଡ ପରିମାଣରେ ନିଜ ମତଦାନ ସାବ୍ୟସ୍ତ କରି ଐତିହାସିକ ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟୀ କରାଇଛନ୍ତି। ଯାହା ରାଜ୍ୟରେ ରାଜନୈତିକ



ମୋଡ ବଦଳାଇ ଦେଇଛି। ବିଭୀଷଣଙ୍କ ପାଇଁ କଂଗ୍ରେସ ପରାଜୟବରଣ କରିଲା ଏବଂ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଦାସ କହିଛନ୍ତି। ଯଦିତାହା ହୁଏ, ତାହେଲେ ୭୦ ପ୍ରତିଶତ ବିଭୀଷଣ ଥିବା କଂଗ୍ରେସ ଦଳ ସଂପୂର୍ଣ୍ଣ ମୂଳପୋଛ ହୋଇଯିବ ବୋଲି ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଆମେ ସଂଗଠିତ ହୋଇ ନିର୍ବାଚନ ଲଢିଲୁ। ନିର୍ବାଚନ ଏକ ଯୁଦ୍ଧ। ଯୁଦ୍ଧ ପାଇଁ ସଠିକ ରଣନୀତି ଆବଶ୍ୟକ । ରଣନୀତି ପାଇଁ ଯୋଜନା ପ୍ରସ୍ତୁତ କରାଗଲା। ଯୋଜନାକୁ କାର୍ଯ୍ୟକର୍ତ୍ତାମାନେ କ୍ରିୟାନ୍ୱୟନ କରିଲେ। କାର୍ଯ୍ୟକର୍ତ୍ତାଙ୍କ ଆତ୍ମବିଶ୍ୱାସ ହିଁ ବିଜେପିକୁ ବଡ ବିଜୟ ଦେଲା। ପ୍ରଥମେ ୫ଟି ସଂସଦୀୟ କ୍ଷେତ୍ରର କାର୍ଯ୍ୟକର୍ତ୍ତାଙ୍କୁ ନେଇ ନିର୍ବାଚନ ଲଢିବାର ରଣକ୍ଷେତ୍ର ପ୍ରସ୍ତୁତ କରାଯାଇଥିଲା । ପରବର୍ତ୍ତୀ ସମୟରେ ମନ୍ତ୍ରୀମାନଙ୍କୁ ମଣ୍ଡଳ, ବିଧାୟକମାନଙ୍କୁ ପଂଚାୟତ ଦାୟୀତ୍ୱ ପ୍ରଦାନ କରାଗଲା । ରାଜ୍ୟସ୍ତରରୁ ପଂଚାୟତସ୍ତର ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଭିନ୍ନ ସ୍ଥାନରେ ଦାୟୀତ୍ୱ ଦିଆଗଲା । ଯେଉଁ କାର୍ଯ୍ୟକର୍ତ୍ତାଙ୍କୁ ଯେଉଁଠି ଦାୟୀତ୍ୱ ଦିଆଗଲା, ସେମାନେ ନିଜ ଦାୟୀତ୍ୱକୁ ସୁଚାରୁ ରୂପେ ନିର୍ବାହ କରିଲେ । ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ବିଜେପି ସରକାରର କାର୍ଯ୍ୟ ଓ ସଫଳତାକୁ ପ୍ରତ୍ୟେକ ଲୋକଙ୍କ ପାଖରେ ପହଂଚାଇଲେ । ନୂଆପଡାବାସୀ ଆସ୍ଥା ପ୍ରକଟ କରିଲେ। ଭୋଟଦାନର ୭ ଦିନ ପୂର୍ବରୁ ଏକପାଖିଆ ବିଜୟ ହେବ ବୋଲି ସ୍ପଷ୍ଟ ଜଣାପଡିଥିଲା । ଗତ ସାଧାରଣ ନିର୍ବାଚନରେ ତୃତୀୟ ସ୍ଥାନରେ ଥିବା ବିଜେପି ପ୍ରତି ନୂଆପଡାବାସୀଙ୍କ ବିଶ୍ୱାସ ବୃଦ୍ଧି ପାଇଲା ଏବଂ ରେକର୍ଡ ସଂଖ୍ୟାରେ ଭୋଟ ଦେଇ ଆମକୁ ପ୍ରଥମ କରିଲେ। ବିଜେପି ସରକାରର ସମସ୍ତ ମନ୍ତ୍ରୀ, ବିଧାୟକ, ସାଂସଦ, ପାର୍ଟିର ବରିଷ୍ଠ ନେତୃବୃନ୍ଦ, ସମସ୍ତ ମୋର୍ଚ୍ଚା ଓ ପ୍ରକୋଷ୍ଠର ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କୁ ଆନ୍ତରିକ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଉଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । କାର୍ଯ୍ୟକ୍ରମରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂପଦ ସ୍ୱାଇଁ, ଗୋକୁଳାନନ୍ଦ ମଲ୍ଲିକ, ପ୍ରଦୀପ ବଳସାମନ୍ତ, କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେବୀ ପ୍ରମୁଖ ଯୋଗ ଦେଇଥିଲେ।

## ନୂତନ ଉପାଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ଟି.ଭେନୁ ଗୋପାଲ

ପାରାଦୀପ,୧୬ (ନି.ପ୍ର.): ଦୀର୍ଘ ଦିନ ବ୍ୟବଧାନ ପରେ ବିଶାଖାପାଟଣା ବନ୍ଦର ପ୍ରାଧିକରଣ ର ପୂର୍ବତନ ସଚିବ ଟି.ଭେନୁ ଗୋପାଲ ପାରାଦୀପ ବନ୍ଦର ପ୍ରାଧିକରଣର ନୂତନ ଉପାଧକ୍ଷ ଭାବରେ ସୋମବାର ଦିନ ଗୁରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଗୋପାଲ ୧୯୯୫ ମସିହାରେ ବିଶାଖାପାଟଣା ବନ୍ଦରରେ ସହାୟକ



ବ୍ୟକ୍ତିଗତ ଅଧିକାରୀ (ଶ୍ରେଣୀ-୧) ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ ଏବଂ ପରେ ବିଭିନ୍ନ ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ କାର୍ଯ୍ୟ କରିଥିଲେ।

୨୦୧୯ ମସିହାରେ, ତାଙ୍କୁ ଦୀନଦୟାଲ (କାଣ୍ଡଲା) ବନ୍ଦର ପ୍ରାଧିକରଣ ସଚିବ ଭାବରେ ନିଯୁକ୍ତି ଦିଆଯାଇଥିଲା। ଏହା ପୂର୍ବରୁ, ସେ ୨୦୧୪ ରୁ ୨୦୧୮ ପର୍ଯ୍ୟନ୍ତ ବିଶାଖାପାଟଣା ବନ୍ଦର ସଚିବ ଥିଲେ। ୨୦୨୦ ମସିହାରେ, ତାଙ୍କୁ ବିଶାଖାପାଟଣା ବନ୍ଦରର ସଚିବ ଭାବରେ ପୁନର୍ବାର ସ୍ଥାନାନ୍ତର କରାଯାଇଥିଲା। ସେ ଟ୍ରାଫିକ୍ ମ୍ୟାନେଜର ଏବଂ ମୁଖ୍ୟ ଚିକିତ୍ସା ଅଧିକାରୀ ଭାବରେ ଅତିରିକ୍ତ ଦାୟିତ୍ୱ ମଧ ନିର୍ବାହ କରିଥିଲେ, ଯାହା ତାଙ୍କର ପରିଚାଳନାଗତ କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିଥିଲା। ସେ ଭାରତୀୟ ବନ୍ଦର ସଂଘ (ଆଇପିଏ) ଏବଂ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ଗଠିତ ବିଭିନ୍ନ କମିଟିର ସଦସ୍ୟ ରହିଆସିଛନ୍ତି। ତାଙ୍କର ଅବଦାନ ଏବଂ ପ୍ରତିବଦ୍ଧତାକୁ ସମଗ୍ର କ୍ଷେତ୍ରରେ ପ୍ରଶଂସା କରାଯାଇଛି। ତେବେ ପାରାଦୀପ ବନ୍ଦରର ଉପାଧକ୍ଷ ଦାୟିତ୍ୱ ଗ୍ରହଣ ପରେ ବନ୍ଦରର ଅଧିକାରୀ ଏବଂ କର୍ମଚାରୀମାନେ ଟି. ଭେଣୁ ଗୋପାଳଙ୍କୁ ସ୍ୱାଗତ କରିବା ସହ ତାଙ୍କ ନୂତନ ଦାୟିତ୍ୱରେ ସଫଳତା କାମନା କରିଥିଲେ।

## ଡିସେମ୍ବର ୧ରୁ ଘରୋଇ ବସ୍ ଧର୍ମଘଟ ଚେତାବନୀ

କଟକ : ଡିସେମ୍ବର ୧ ତାରିଖରୁ ଘରୋଇ ବସ ଧର୍ମଘଟ ଚେତାବନୀ । ମୋଟର ଯାନ ଯାଞ୍ଚ ପାଇଁ ପୁଲିସ ବିଭାଗକୁ ଅତିରିକ୍ତ କ୍ଷମତା ପ୍ରଦାନ ପ୍ରତିବାଦରେ ଅଲ୍ ଓଡ଼ିଶା ବସ୍ ମାଲିକ ସଂଘ ଡିସେମ୍ବର ୧ରୁ ରାଜ୍ୟବ୍ୟାପୀ ଧର୍ମଘଟ ଧମକ ଦେଇଛି। ୧୪ ହଜାର ଘରୋଇ ବସ୍ ଏହି ଆନ୍ଦୋଳନରେ ସାମିଲ ହେବେ। ପୁଲିସକୁ ଏମିତି କ୍ଷମତା ନ ଦେବାକୁ ବସ୍ ମାଲିକ ସଂଘ ଦାବି କରିଛି । ଏ ନେଇ ବସ୍ ମାଲିକ ସଂଘ ସରକାରଙ୍କୁ ଦାବିପତ୍ର ଦେବ । ଡିସେମ୍ବର ୧ରୁ ପୁଲିସ୍‌କୁ ଗାଡି ଚେକିଂ ପାଇଁ ଦିଆଯାଉଥିବା ଅଖଣ୍ଡ କ୍ଷମତାକୁ ଘରୋଇ ମାଲିକ ସଂଘ ବିରୋଧ କରୁଛି । ଏହି କ୍ଷମତା ବଳରେ ପୁଲିସ୍ ପୂର୍ବାପେକ୍ଷା କ୍ଷମତାଶାଳୀ ଓ ଅର୍ଥଶାଳୀ ହେବ । ମୋଟର ଭେଇକିଲ୍ ଆଇନର ବିଭିନ୍ନ ଦଫାରେ ପୁଲିସ୍ ଗାଡି ଯାଞ୍ଚ କରିବା ଓ ଗାଡି ଉପରେ ଜରିମାନା ଲଗାଇପାରିବେ । ପୂର୍ବରୁ ଏହି ସମସ୍ତ କ୍ଷମତା କେବଳ ପରିବହନ ବିଭାଗ ବା ଆରଟିଓଙ୍କ ନିକଟରେ ସୀମିତ ଥିଲା । ଏବେ ଏହି କ୍ଷମତା ଓଡିଶା ପୁଲିସକୁ ହସ୍ତାନ୍ତର କରାଯାଉଥିବାରୁ ରାଜ୍ୟ ଘରୋଇ ବସ ମାଲିକ ସଂଘ ଓ ଅନ୍ୟାନ୍ୟ ଗାଡି ମାଲିକ ସଂଘ ଏହାକୁ ବିରୋଧ କରିଛି। ସେପଟେ ଏହାକୁ ନେଇ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି, ଏହି ପଦକ୍ଷେପ ବସ୍ ଅପରେଟରମାନଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି । କାରଣ ପୁଲିସକୁ ଅଧିକ କ୍ଷମତା ପ୍ରଦାନ କରାଯିବା ପାଇଁ ସରକାରୀ ଯୋଜନା ରହିଛି। ଏହା ହେଲେ ସେମାନେ ଆମକୁ ଅଯଥାରେ ହଇରାଣ କରିବା ସହିତ ବସ୍ ସେବାରେ ବାଧା ଉପୁଜିବାର ଆଶଙ୍କା ରହିଛି।

## ଜନଗଣନା ପୂର୍ବରୁ ପ୍ରାକ୍-ପରୀକ୍ଷଣ

**ଭୁବନେଶ୍ୱର,୧୭।୧୧ (ନି.ପ୍ର):** ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଓ ଗୃହତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମର ପ୍ରାକ୍-ପରୀକ୍ଷଣ (ପ୍ରି ଟେଷ୍ଟ), ଜନଗଣନା ନିର୍ଦ୍ଦେଶାଳୟ, ଓଡିଶା ଦ୍ୱାରା ରାଜ୍ୟ ସରକାରଙ୍କ ମିଳିତ ସମନ୍ୱୟରେ ରାଜ୍ୟର ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ତହସିଲର ୨୦ଟି ରାଜସ୍ୱ ଗ୍ରାମରେ ଓ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ତହସିଲର ୪୪ଟି ରାଜସ୍ୱ ଗ୍ରାମରେ ଏବଂ ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ ୨୨ ଓ କଟକ ମହାନଗର ନିଗମ ୱାର୍ଡ ନଂ ୧୭ରେ ନଭେମ୍ବର ୧୦ ତାରିଖ ରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି ।ଏହି ସମୟ ଅବଧି ମଧ୍ୟରେ ଗଣନାକାରୀ ଆପଣଙ୍କ ଗୃହକୁ ପରିଦର୍ଶନ କରି ଗୃହରେ ନମ୍ବର ଦେବେ ଓ ଗୃହଗଣନା ତଥ୍ୟ ସଂଗ୍ରହ କରିବେ। ୨୦୨୭ ଜନଗଣନାର ବିଶେଷତ୍ୱ ହେଉଛି :ଡିଜିଟାଲ ତଥ୍ୟ ସଂଗ୍ରହ ଓ ସ୍ୱ-ଗଣନା ପୋର୍ଟାଲର ବ୍ୟବହାର କରି ନିଜେ ନିଜର ତଥ୍ୟ ପ୍ରଦାନ କରିପାରିବାର ପ୍ରାବଧାନ ବା ସୁବିଧା ସହିତ ଡିଜିଟାଲ ଲେଆଉଟ ମ୍ୟାପିଂ ଆପରେ ପ୍ରତ୍ୟେକ ଘରକୁ ଜିଓ ଟ୍ୟାଗ କରାଯିବ ଓ ଜନଗଣନା ତଥ୍ୟର ତୁରନ୍ତ ପ୍ରସାର କରାଯାଇ ପାରିବ ।ଭାରତ ସରକାରଙ୍କ ମହା ରେଜିଷ୍ଟ୍ରାର ଓ ଜନଗଣନା ଆୟୁକ୍ତଙ୍କ ସୌଜନ୍ୟରୁ ଗଣନାକାରୀ ଜନସାଧାରଣଙ୍କ ଗୃହକୁ ପରିଦର୍ଶନ କରି – ଗୃହର ଅବସ୍ଥା,ଗୃହରେ ଥିବା ସୁବିଧା ସୁଯୋଗ, ପରିବାର ଦ୍ୱାରା ବ୍ୟବହୃତ ଉପକରଣ ଇତ୍ୟାଦିର ତଥ୍ୟ ସଂଗ୍ରହ କରିବେ ।ତେଣୁ,ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରଶାସନ ଓ କର୍ତ୍ତବ୍ୟରତ ଜନଗଣନା ଅଧିକାରୀଙ୍କୁ ସହଯୋଗ ପ୍ରଦାନ କରିବା ସହ ଯେଉଁ ଅଞ୍ଚଳଗୁଡିକରେ ପ୍ରାକ୍-ପରୀକ୍ଷଣ କାର୍ଯ୍ୟକ୍ରମ ରହିଛି ସେହି ଅଞ୍ଚଳର ଜନସାଧାରଣଙ୍କୁ ସହଯୋଗ ନିମନ୍ତେ ଜନଗଣନା ନିର୍ଦ୍ଦେଶାଳୟ, ଓଡିଶା ପକ୍ଷରୁ ନିବେଦନ କରାଯାଇଛି ।

## ରିମାଣ୍ଡରେ ଆସିବେ ବିହାରୀ ବନ୍ଧୁକ ମାଫିଆ

**ଭୁବନେଶ୍ୱର,୧୭।୧୧ :** ବିହାର ଗଲା ସ୍ପେଶାଲ କ୍ରାଇମ ୟୁନିଟ। ରିମାଣ୍ଡରେ ଆସିବେ ବିହାରି ବନ୍ଧୁକ ମାଫିଆ। ୫ ଦିନିଆ ରିମାଣ୍ଡ ପାଇଁ ଆବେଦନ କଲା ସ୍ପେଶାଲ କ୍ରାଇମ ୟୁନିଟ। ବନ୍ଧୁକ କାରବାର ମାଷ୍ଟରମାଇଣ୍ଡକୁ ଧରିବା ପାଇଁ ବିହାର ଯାଇଛି ସ୍ପେଶାଲ କ୍ରାଇମ ୟୁନିଟର ସ୍ପେଶାଲ ଟିମ। ଗତ ଶନିବାର ବିହାର ବନ୍ଧୁକ ମାଫିଆ ଦିବ୍ୟାନ୍ସୁ କୁମାର ଓ ଚନ୍ଦନ କୁମାରଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ସ୍ପେଶାଲ କାର୍ବାଇନ୍, ୫ଟି ମାଉଜର, ଗୁଳି ଆଦି ଜବତ କରାଯାଇଥିଲା। କାର୍ବାଇନ୍‌ର ଦାମ ଦେଢ଼ ଲକ୍ଷ ଟଙ୍କା ରେ ବିକ୍ରି ପାଇଁ ଯୋଜନା ହୋଇଥିବା ବେଳେ ମାଉଜର ଗୋଟାକୁ ୬୦ ରୁ ୭୦ ହଜାର ରେ ବିକ୍ରି ପାଇଁ ଯୋଜନା ହୋଇଥିଲା। ତେବେ ବିହାରରୁ ପିଛା କରି ଗରାଖ ବେଶରେ ଭୁବନେଶ୍ୱର ମାଳିସାହିରେ ମାଡିବସିଥିଲା ସ୍ପେଶାଲ କ୍ରାଇମ ୟୁନିଟ। ରିମାଣ୍ଡ ସମୟରେ ଗରାଖଙ୍କ ସମୟରେ ଅନେକ ତଥ୍ୟ ମିଳିପାରିବ ବୋଲି ସୂଚନା ଦେଇଛି ସ୍ପେଶାଲ କ୍ରାଇମ ୟୁନିଟ।

## ଟାଟା ଷ୍ଟିଲ୍ କଳିଙ୍ଗନଗରର ଏକ ଦଶନ୍ଧି: ଭାରତର ଆତ୍ମନିର୍ଭରଶୀଳତା ପାଇଁ ଏକ ଦୃଢ଼ ପଦକ୍ଷେପ

କଳିଙ୍ଗନଗର,୧୭।୧୧(ନି.ପ୍ର.): ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ଉତ୍ପାଦନ ଆରମ୍ଭ କରିବାର ଏକ ଦଶନ୍ଧି ପୂରଣ କରିଛି, ଯାହା ରାଜ୍ୟର ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଆଣିବା ସହିତ ଏବଂ ସ୍ଥାନୀୟ ଅଞ୍ଚଳର ବିକାଶ କ୍ଷେତ୍ରରେ ସହଯୋଗ କରିଚାଲିଛି । ୨୦୧୫ ନଭେମ୍ବର ୧୮ରୁ ଉତ୍ପାଦନ ଆରମ୍ଭ କରିଥିବା କଳିଙ୍ଗନଗର ପ୍ଲାଣ୍ଟ କେବଳ ଷ୍ଟିଲ୍ ଉତ୍ପାଦନ କ୍ଷେତ୍ରରେ ଏକ ଶିଳ୍ପ ଶକ୍ତି ଭାବରେ ପରିଣତ ହୋଇନାହିଁ, ବରଂ ଏହାର ଚତୁଃପାର୍ଶ୍ୱରେ ଥିବା ଲୋକମାନଙ୍କ ବିକାଶରେ ଭାଗୀଦାରୀ ସାଜିବା ସହିତ ପରିଚାଳନା ଦକ୍ଷତା, ପ୍ରଯୁକ୍ତିଗତ ଅଗ୍ରଗତି, ନିରାପତ୍ତା ଏବଂ ଦୀର୍ଘସ୍ଥାୟୀ ଅଭ୍ୟାସ କ୍ଷେତ୍ରରେ ଉନ୍ନତି ଆଣିପାରିଛି।



ଟିଏସକେ ବାର୍ଷିକ ଉତ୍ପାଦନ କ୍ଷମତା ୩ ନିୟୁତ ଟନ୍ (ଏମଟିପିଏ) ରୁ ଆରମ୍ଭ କରି, ବର୍ତ୍ତମାନ ୮ ଏମଟିପିଏକୁ ବୃଦ୍ଧି ପାଇଛି । ଏଥି ପାଇଁ କମ୍ପାନୀ ୫୦,୦୦୦ କୋଟିରୁ ଅଧିକ ପୁଞ୍ଜି ନିବେଶ କରିଛି, ଯାହା ଟାଟା ଷ୍ଟିଲର ଇତିହାସରେ ସବୁଠାରୁ ବଡ଼ ସମ୍ପ୍ରସାରଣ । ଏହି ପ୍ଲାଣ୍ଟର ବିଶେଷତ୍ୱ ମଧ୍ୟରେ ରହିଛି ଦେଶର ସର୍ବବୃହତ ବ୍ଲାଷ୍ଟ ଫର୍ଣ୍ଣେସର କାର୍ଯ୍ୟକ୍ଷମ କରିବା। ବର୍ତ୍ତମାନ, କଳିଙ୍ଗନଗର ପ୍ଲାଣ୍ଟ ଉଚ୍ଚ-ଗୁଣବତ୍ତାର ୧୦୦ ରୁ ଅଧିକ ଗ୍ରେଡ ଷ୍ଟିଲ୍ ଉତ୍ପାଦନ କରି ଆତ୍ମନିର୍ଭର ଭାରତ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି, ଯାହା ଦେଶର ଆମଦାନୀ ନିର୍ଭରତାକୁ ବିଶେଷ ଭାବରେ ହ୍ରାସ କରିଛି । ଟାଟା ଷ୍ଟିଲର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଟି ଭି ନରେନ୍ଦ୍ରନ୍ କହିଛନ୍ତି: ଟାଟା ଷ୍ଟିଲ କଳିଙ୍ଗନଗର ଆମ ସମସ୍ତଙ୍କ ହୃଦୟରେ

ଏକ ବିଶେଷ ସ୍ଥାନ ଅଧିକାର କରିଛି। ଏହା ଏକ ନୂତନ ଯୁଗର ପ୍ରତୀକ - ଯେଉଁଠାରେ ଆମେ ଶତାବ୍ଦୀର ଅଭିଜ୍ଞତାକୁ ଭବିଷ୍ୟତ ଦୃଷ୍ଟିକୋଣ ସହିତ ଯୋଡ଼ି, ଭାରତୀୟ ନିର୍ମାଣ କ୍ଷେତ୍ର ପାଇଁ ଏକ ବ୍ଲୁପ୍ରିଣ୍ଟ ସୃଷ୍ଟି କରିଛୁ । କଳିଙ୍ଗନଗର ଆମର ସହନଶୀଳତା, ଦଳଗତ କାର୍ଯ୍ୟ, ଏବଂ ଆମ ବିଶ୍ୱାସକୁ ପରୀକ୍ଷା କରିଛି । ପ୍ରତ୍ୟେକ ସମୟରେ ଆମ କର୍ମଚାରୀମାନେ ନିଜ ନିଜ ଦାୟିତ୍ୱକୁ ସଠିକ ଭାବେ ପ୍ରତିପାଦାନ କରିଆସିଛନ୍ତି । ଗତ ଦଶବର୍ଷ ମଧ୍ୟରେ, କଳିଙ୍ଗନଗର ପ୍ରମାଣ କରିଦେଇଛି ଯେ, ଅଭିବୃଦ୍ଧି, ଜ୍ଞାନକୌଶଳ ଏବଂ ଦୀର୍ଘସ୍ଥାୟୀତା ଏକ ସମନ୍ୱୟରେ ଚାଲି ସ୍ଥାୟୀ ମୂଲ୍ୟ ସୃଷ୍ଟି କରିପାରେ। ଆଜି, ଆମେ ଏହି ୧୦ ବର୍ଷର ପୂରଣ କରୁଥିବାବେଳେ, ମୁଁ ଏହି ଯାତ୍ରାର ଅଂଶ ହୋଇଥିବା ଆମ କର୍ମଚାରୀ, ଯୋଗାଣକାରୀ, ବ୍ୟବସାୟ ସହଯୋଗୀ, ସ୍ଥାନୀୟ ଅଧିବାସୀ ଏବଂ ଓଡିଶା ସରକାରଙ୍କୁ ଅଟଳ ସହଯୋଗ ଆମର ଦୃଷ୍ଟିକୋଣ ଉପରେ ବିଶ୍ୱାସ ରଖିଥିବାରୁ ହୃଦୟରୁ କୃତଜ୍ଞତା ଜଣାଉଛି।"

ଟାଟା ଷ୍ଟିଲର ଇତିହାସରେ କଳିଙ୍ଗନଗର ପ୍ଲାଣ୍ଟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଅନେକ ବର୍ଷ ଧରି, ଓଡିଶାର ପ୍ରଚୁର ଖଣିଜ ସମ୍ପଦ ମୁଖ୍ୟତଃ ଜାମସେଦପୁର କାରଖାନା ପାଇଁ କଞ୍ଚାମାଲ ଉତ୍ସ ଭାବରେ କାର୍ଯ୍ୟ କରୁଥିଲା। ଓଡ଼ିଶାରେ ପ୍ରତ୍ୟକ୍ଷ ଭାବରେ ବୃହତ୍ ପରିମାଣର ଇସ୍ପାତ ଉତ୍ପାଦନ ଆରମ୍ଭ କରି ଟାଟା ଷ୍ଟିଲ କଳିଙ୍ଗନଗର ଏହି ଗତିଶୀଳତାକୁ ମୂଳତଃ ପରିବର୍ତ୍ତନ କରିଛି । ଗତ ୧୦ ବର୍ଷ ମଧ୍ୟରେ ୧,୦୦,୦୦୦ କୋଟିରୁ ଅଧିକ ପୁଞ୍ଜି ବିନିଯୋଗ ସହିତ ସମଗ୍ର ବିଶ୍ୱରେ ଏହାର ଥିବା କାର୍ଯ୍ୟ ସ୍ଥଳ ମଧ୍ୟରେ ଟାଟା ଷ୍ଟିଲ ପାଇଁ ଓଡିଶା ସର୍ବବୃହତ ପୁଞ୍ଜି ବିନିଯୋଗ ସ୍ଥଳୀ ଭାବରେ ପସନ୍ଦର ସ୍ଥାନ ହୋଇପାରିଛି । ନିକଟରେ ରାଜ୍ୟର ଅନ୍ୟତମ ଷ୍ଟାର ନିଯୁକ୍ତିଦାତା ଭାବେ ଓଡିଶାର ମୁଖ୍ୟମନ୍ତ୍ରୀ ଟାଟା ଷ୍ଟିଲକୁ ସମ୍ମାନିତ କରିଥିଲେ ।ଡିଜିଟାଲ ଏବଂ ସ୍ମାର୍ଟ ମ୍ୟାନୁଫ୍ୟାକ୍‌ଚରିଂରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ନେତୃତ୍ୱ ଏହାକୁ ୱାର୍ଲ୍ଡ ଇକୋନୋମିକ୍ ଫୋରମରେ ବିଶ୍ୱସ୍ତରୀୟ ସ୍ୱୀକୃତି ଦେଇଛି । ଏହା ଭାରତର ପ୍ରଥମ ମ୍ୟାନୁଫ୍ୟାକ୍‌ଚରିଂ ପ୍ଲାଣ୍ଟ (ଏବଂ ବିଶ୍ୱରେ ଦ୍ୱିତୀୟ) ଭାବରେ ଏକ ଆଡଭାନ୍ସଡ୍ ୪ର୍ଥ ଇଣ୍ଡଷ୍ଟ୍ରିଆଲ୍ ରିଭୋଲ୍ୟୁସନ୍ ଲାଇଟହାଉସ୍ ଭାବରେ ମାନ୍ୟତା ପାଇଛି।

ଦୀର୍ଘସ୍ଥାୟୀ ଅଭିବୃଦ୍ଧି ହେଉଛି ଟିଏସକେର ଦର୍ଶନର ମୂଳଭିତ୍ତି । ଏହି କାରଖାନା ଦକ୍ଷ ସପ୍ଲାଇ ଚେନ୍ ପରିଚାଳନ ଏବଂ କାର୍ବନ୍ ନିର୍ଗମନକୁ କମ କରି ଏହାର ପରିବେଶଗତ ପ୍ରଭାବକୁ କମ କରିଥାଏ । ପ୍ଲାଣ୍ଟର ୩୩% ଅଞ୍ଚଳ ସବୁଜିମା ପାଇଁ ଉତ୍ସର୍ଗୀକୃତ । ଟିଏସକେ ଶୂନ୍ୟ ଅଶୋଧିତ ବର୍ଜ୍ୟ ନିର୍ଗମନ (ଜେଡଇଡି) ସ୍ଥଳୀ ଭାବରେ ମଧ କାର୍ଯ୍ୟ କରେ ଏବଂ ପରିବେଶ ପରିଚାଳନା ପ୍ରତି ଏହାର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ୧୦୦% କଠିନ ବର୍ଜ୍ୟବସ୍ତୁର ପୁନଃବ୍ୟବହାର କରିଥାଏ । ୨୦୨୪ ରେ, ଟିଏସକେ ମାନ୍ୟତାପ୍ରାପ୍ତ ରେସ୍ପନ୍ସିବଲ ଷ୍ଟିଲ ମାନ୍ୟତା ହାସଲ କରିଛି, ଯାହା ନୈତିକ ଉତ୍ସ ଏବଂ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ଅଭ୍ୟାସ ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିଥାଏ।

ଟିଏସକେ ଏକ ବିବିଧ ଏବଂ ଅନ୍ତର୍ଭୂକ୍ତୀ କାର୍ଯ୍ୟସ୍ଥଳୀ ଗଠନରେ ମଧ ଅଗ୍ରଣୀ ଭୂମିକା ନିର୍ବାହ କରୁଛି । ଏହି ପ୍ଲାଣ୍ଟ ରେ ୩୦% କର୍ମଚାରୀ ମହିଳା, ଦିବ୍ୟାଙ୍ଗ ବ୍ୟକ୍ତି, ଏଲଜିବିଟିକ୍ୟୁ+ ବ୍ୟକ୍ତିବିଶେଷ, ଏବଂ ଅନୁସୂଚିତ ଜାତି ଓ ଜନଜାତିର ସଦସ୍ୟମାନଙ୍କୁ ସାମିଲ କରାଯାଇଛି। ଟିଏସ୍‌କେର ଏହାର ଶିଳ୍ପ କାର୍ଯ୍ୟଠାରୁ ଆରମ୍ଭ କରି ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ସକାରାତ୍ମକ ପ୍ରଭାବ ପକାଇଛି । ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ମାଧ୍ୟମରେ ଏକାଧିକ ଲୋକହିତକର କାର୍ଯ୍ୟ ହାତକୁ ନିଆଯାଇଛି । ସେଗୁଡିକ ମଧ୍ୟରେ ଲୋୟୋଲା ସ୍କୁଲ୍ ପରି ଅନୁଷ୍ଠାନ ମାଧ୍ୟମରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଏବଂ ୧୦୦ ଶଯ୍ୟା ବିଶିଷ୍ଟ ମଲ୍ଟିସ୍ପେସିଆଲିଟି ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ ଉନ୍ନତ ଚିକିତ୍ସା ସେବା ଆଦି ପ୍ରଦାନ କରାଯାଉଛି ।



## ଜାତୀୟ ପ୍ରେସ ଦିବସ ପାଳିତ

କୁକୁଡାଖଣ୍ଡି,**୧୭।୧୧:(ମନ୍ଥନ)**ପ୍ରତି ବର୍ଷ ନଭେମ୍ବର ୧୬ ତାରିଖ କୁ ଜାତୀୟ ପ୍ରେସ୍ ଦିବସ ରୁପେ ପାଳନ କରାଯାଉଛି । ଏହି ଦିନକ ପାଇଁ ରାଜ୍ୟସମ୍ବାଦିକ ସଂଘ ଗଂଜାମ ଜିଲ୍ଲା ଶାଖା ତରଫରୁ ପାଳନ କରଯାଇଛି । ବ୍ରହ୍ମପୁର ପୁର୍ତ୍ତ ଡାକବଙ୍ଗଳା ଠାରେ ସଙ୍ଘ ର ଜିଲ୍ଲା ସଭାପତି ବିଶ୍ୱନାଥ ମାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ ଖବରକାଗଜର ଦକ୍ଷିଣାଞ୍ଚଳ ମୁଖ୍ୟ ଶିଶିର ପାଣିଗ୍ରାହୀ ଯୋଗଦେଇ



ସମ୍ପ୍ରତି ପରିସ୍ଥିତିରେ ସାମ୍ବାଦିକତା କ୍ଷେତ୍ରରେ ସ୍ୱଚ୍ଛତା ପାଇଁ ସମସ୍ତେ ଏକତ୍ରିତ ହେବା ଆବଶ୍ୟକ ବୋଲି କହିଥିଲେ । ଅତିଥିଭାବେ ରାଜ୍ୟ ସମ୍ପାଦକ ହେମାଙ୍ଗ ପ୍ରସାଦ ରାଉଳ ଯୋଗଦେଇ ନିରପେକ୍ଷ ଏବଂ ନିର୍ଭିକ ସାମ୍ବାଦିକତା ଉପରେ ଆଲୋକପାତ କରିବା ସହିତ ଆଜିର ଦିବସ ଉପରେ ଆଲୋଚନା କରିଥିଲେ। ସମ୍ପାଦକ ଦିଗାମ୍ବର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସୁରଜିତ ପଣ୍ଡା, ସିଏଚ୍ ମନୋଜ କୁମାର ପାତ୍ର, ହିମାଂଶୁ ପାଢ଼ୀ, ରୂପକ ମହାନ୍ତି, ସନ୍ତୋଷ ପାଳ, ଈଶ୍ୱର ସେଠି, ଆଲୋକ ବେହେରା, କପିଳ ପାଢ଼ୀ, ପବିତ୍ର କୁମାରଙ୍କ ସମେତ ବହୁ ସଦସ୍ୟ ଯୋଗଦାନ କରି ଜାତୀୟ ପ୍ରେସ ଦିବସ ପାଳନ କରିଥିଲେ ।

## କବିସୂର୍ଯ୍ୟନଗରର ପକ୍ଷରୁ ଜାତୀୟ ସାମ୍ବାଦିକ ଦିବସ ପାଳନ

କବିସୂର୍ଯ୍ୟନଗର,**୧୭।୧୧:(ମନ୍ଥନ)**ସାମ୍ବାଦିକ ଙ୍କ ପାଇଁ ଦିନ ଟିଏ... ଆଜି ଦେଶ ପାଳିଲା ସାମ୍ବାଦିକ ଦିବସ.. ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର କଲ୍ୟାଣ ମଣ୍ଡପ ଠାରେ ଓଡିଶା କର୍ମଜୀବୀ ସାମ୍ବାଦିକ ସଙ୍ଘ ଓ ମିଡ଼ିଆ ହାଉସ କବିସୂର୍ଯ୍ୟନଗର ମିଳିତ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ସାମ୍ବାଦିକ ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସମ୍ପାଦକ ନାରାୟଣୀ ପ୍ରସାଦ ମିଶ୍ର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଓଡିଶା କର୍ମଜୀବୀ ସାମ୍ବାଦିକ ସଙ୍ଘ ରାଜ୍ୟ ସାଧାରଣ ସମ୍ପାଦକ ନିରଞ୍ଜନ ବିଶ୍ୱାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷ ବୀରେନ୍ଦ୍ର ଖଟାଇ, ପୂର୍ବତନ ଘଇଉ ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର, ଯୁବ ନେତା ତଥା ସମାଜସେବୀ ପ୍ରମୋଦ ପଣ୍ଡା, ଇରଙ୍ଗ ଅଭିମନ୍ୟୁ ସାହୁ, ଯୋଗ ଦେଇ ମୁକ୍ତ ଗଣ ମାଧ୍ୟମ । ସୁସ୍ଥ ଗଣତନ୍ତ୍ର ସମ୍ପର୍କ ରେ ମତବ୍ୟକ୍ତ କରିଥିଲେ । ସେହିପରି ସାମ୍ବାଦିକ ସଙ୍ଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିବା ପରେ ବିଧାୟକ ଓ ମଞ୍ଚାସିନ ଅତିଥି



ମାନେବିଭିନ୍ନ ଜିଲା ଏବଂ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚରୁ ଆସିଥିବା ପ୍ରାୟ ୮୦ ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ବିଭିନ୍ନ ବର୍ଗର ପ୍ରତିଭାବାନ ବ୍ୟକ୍ତି ବିଶେଷ ଏବଂ ମୋ ଗାଁକୁ ରାସ୍ତା ନାହିଁ ଚଳଚିତ୍ର ର ସିନେ କଳାକାର ଜୀବନ ପଣ୍ଡା, ଶିଶୁ ସିନେ କଳାକାର ପ୍ରିୟାଂଶୁ ସାହୁ, ଅନୁଷ୍କା ଆରାଧନା ସ୍ୱାଇଁ, ଶୁଭଶ୍ରୀ ମହାନ୍ତି ଙ୍କୁ ଶ୍ରେଷ୍ଠ ପ୍ରତିଭା ସମ୍ମାନ ରେ ସମ୍ମାନିତ କରାଯାଇଥିଲା । କୁନିକଳାକାର ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପରେ ବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ରେ ବଲାଙ୍ଗୀର, ନୟାଗଡ, କୋରାପୁଟ, ରାୟଗଡା, କଟକ, ଭୁବନେଶ୍ୱର, ନବରଙ୍ଗପୁର ଜିଲାରୁ ବହୁ ସାମ୍ବାଦିକ ଯୋଗ ଦେଇଥିବା ବେଳେ ସାମ୍ବାଦିକ ସରୋଜ ମିଶ୍ର, ବିବେକାନନ୍ଦ ସାହୁ, କୃଷ୍ଣ ନାହାକ, ସୁଶାନ୍ତ ପଟ୍ଟନାୟକ, କୃଷ୍ଣ ପଲେଇ, ବିଜୟ ନାୟକ, ଗୁଲସନ କର, ଜିଲ୍ଲା ପ୍ରତିନିଧି ଅନିଲ ପାଢ଼ୀ, ଭଗବାନ ପାଢ଼ୀ, ଙ୍କ ସମେତ ଗଞ୍ଜାମ ଜିଲାରୁ ୧୦୦ ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ କୁ ଶ୍ରୀମତୀ ବିଜୟଶ୍ରୀ ପାଣିଗ୍ରାହୀ ଉପସ୍ଥାପିକା କାର୍ଯ୍ୟ ତୁଲାଇଥିବା ବେଳେ ଶେଷରେ ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ ।

## ନୂତନ ତହସିଲଦାରଙ୍କୁ ଟ୍ୱିଟର ଆଟିଭିଷ୍ଟଙ୍କ ସ୍ୱାଗତ ସମ୍ବର୍ଦ୍ଧନା

ଗୋପ,**୧୭।୧୧:(ମନ୍ଥନ)**ପୁରୀ ଜିଲ୍ଲା ର ଗୋପ ବ୍ଲକ ରେ ପ୍ରଥମ କରି ତହସିଲ ସ୍ଥାପନ ହୋଇଥିଲା ୧୯/୦୪/୨୦୦୮ ମସିହା ରେ । ଏବେ ଗୋପ ର ୨୫ ତମ ନୂତନ ତହସିଲଦାର ଭାବେ କାଯ୍ୟ ରେ ଯୋଗ ଦେଲେ ସୂର୍ଯ୍ୟ ଶଙ୍କର ଦାଶ । ସେଥିପାଇଁ ତାଙ୍କୁ ଗୋପ ବ୍ଲକ ଟୁଇଟର ଆଟିଭିଷ୍ଟ ଙ୍କ ପକ୍ଷରୁ ନୂତନ ତହସିଲଦାର ଶ୍ରୀଯୁକ୍ତ ଦାଶ ଙ୍କୁ ସାକ୍ଷାତ କରିବା ସହିତ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଗୋପ



ଅଞ୍ଚଳ ର ବଶିଷ୍ଠ ସାମ୍ବାଦିକ ତଥା ଟୁଇଟର ଆଟିଭିଷ୍ଟ ସଚ୍ଚିଦାନନ୍ଦ ଗୋଚ୍ଛାୟତ , ସମାଜସେବୀ ତଥା ଉତ୍ସର୍ଗ ପରିବାର ର ପ୍ରମୁଖ ବିଷ୍ଣୁ ମୋହନ ପ୍ରଧାନ, ଟ୍ୱିଇଟର ଆଟିଭିଷ୍ଟ ପବିତ୍ର ବେହେରା, ସନ୍ତୋଷ କୁମାର ନାୟକ, ଦେବାଂଶୀ ସ୍ୱାଇଁ ପ୍ରଭୃତି କର୍ମକର୍ତ୍ତାମାନେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଗୋପ ର ସମସ୍ୟା ସମ୍ପର୍କ ରେ ଅବଗତ କରାଇଥିଲେ । ଆଶା ଓ ବିଶ୍ୱାସ ପୂର୍ବରୁ ଥିବା ତହସିଲଦାର ଙ୍କ ଠାରୁ ଅଧିକ ସମୟ ଗୋପରେ ରହି ସମସ୍ତ ସମସ୍ୟା ର ସମାଧାନ କ୍ଷେତ୍ରରେ ଅଗ୍ରସର ହୁଅନ୍ତୁ ବୋଲି ଗୋପ ବାସୀଙ୍କ ଇଚ୍ଛା ।

## ଅମରାବତୀ ଆଞ୍ଚଳିକ କଳାକାର ମହାସଂଘର ପ୍ରଥମ ବାର୍ଷିକ ବୈଠକ

ବଡ଼ଚଣା,**୧୭।୧୧:(ମନ୍ଥନ)**ଯାଜପୁର ଜିଲ୍ଲା ଛତିଆ। ସ୍ଥିତ ମା ବୁଢେଇ ଠାକୁରାଣୀ ଙ୍କ ପୀଠରେ ଅମରାବତୀ ଆଞ୍ଚଳିକ କଳାକାର ମହାସଂଘ ପକ୍ଷରୁ ପ୍ରଥମ ବାର୍ଷିକ ବୈଠକ ଅନୁଷ୍ଠିତ



ହୋଇଥିଲା । ଅନୁଷ୍ଠାନ ର ସଭାପତି କରୁଣାକର ରାଉଳ ସଭାପତିତ୍ୱ କରିଥିଲେ, ସମ୍ପାଦକ ମାଧବ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ବଡ଼ଚଣା ମାହାଙ୍ଗା ସାଲେପୁର,ଓ ଟାଙ୍ଗୀ ଅଞ୍ଚଳର ୮୦ରୁ ଉର୍ଦ୍ଧ୍ୱ କଳା କାର ମାନେ ବୈଠକ ରେ ସାମିଲ ହୋଇଥିଲେ । ମୁଖ୍ୟାନଂଶରେ ଉପସ୍ଥାପକ ତଥା କଣ୍ଠଶିଳ୍ପୀ କୁମାର ସିଲୁ , ଗୋବିନ୍ଦ ବାରିକ, ଶିଶିର କୁମାର, ଚିତ ରଞ୍ଜନ ମଲ୍ଲିକ, ଜଗନ୍ନାଥ ରାଉତ ରାୟ, ସୁପ୍ରିୟା ନାୟକ, ଇତିଶ୍ରୀ ତ୍ରିପାଠୀ, ଅମର ପ୍ରସାଦ ପାତ୍ର,ଅଜୟ ବେହେରା, ସୁରେଶ ରାଉତ ପ୍ରମୁଖ ଯୋଗ ଦେଇ ଥିବା ବେଳେ ଅନିଲ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ସୁସ୍ଥ ବ୍ୟକ୍ତି ଦ୍ୱାରା ହିଁ ସୁସ୍ଥ ସମାଜ ଗଢା ଯାଇପାରିବ

ଖୋର୍ଦ୍ଧା,**୧୭।୧୧:(ମନ୍ଥନ)**ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ବୃନ୍ଦା ସଙ୍ଗଠନ ମଜଲିସ ଅନସାରୁଲ୍ଲାଃ ପକ୍ଷରୁ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସାଇକେଲ ଚଲାଅ ସୁସ୍ଥ ରୁହ, ମଣିଷ ସୁସ୍ଥ ରହିଲେ ହିଁ ସୁସ୍ଥ ସମାଜ ଗଢିପାରିବ ବୋଲି ଜନସଚେତନତାର ବାର୍ତ୍ତା ଦେଇଥିଲେ । ଏହି



ସାଇକେଲ ଶୋଭାଯାତ୍ରା ସକାଳ ୭ଟାରେ କେରଙ୍ଗ ମାର୍କେଟ ଠାରୁ ବାହାରି କୁଣ୍ଡିଲୋ, ଠାକୁରପଡା, ବରସାହି ରାସ୍ତା ଦେଇ କେରଙ୍ଗ ପର୍ଯ୍ୟନ୍ତ ଯାଇଥିଲା । ଏହି ଶୋଭାଯାତ୍ରାକୁ ଜଇମ ଆଲା ମଜଲିସ ଅନସାରୁଲା ଅମଜାଦ ଖାନ ସଞ୍ଚାଳନ କରିଥିଲେ । କେରଙ୍ଗ ଗ୍ରାମ ସଭାପତି ଓ୍ୱସିମ ଅହମ୍ମଦ ନିରବ ପ୍ରାର୍ଥନା ସହ ଏହାର ଶୁଭାରମ୍ଭ କରିଥିଲେ । ଜିଲା ସଭାପତି ମଜଲିସ ଅନସାରୁଲ୍ଲାଃ ମେରାଜ ଅହମଦ ଯୋଗଦେଇ କହିଥିଲେ ଯେ, ସାଇକେଲ ଚଲାଅ ସୁସ୍ଥ ରୁହ । ମଣିଷ ସୁସ୍ଥ ରହିଲେ ହିଁ ସୁସ୍ଥ ସମାଜ ଗଢିପାରିବ । ଏହି ଶୋଭାଯାତ୍ରାରେ ସୋଏବ ଅହମ୍ମଦ, ସେକ୍ ହବିବ, ମୌଲାନ ସୟଦ ଫଜଲେ ନଇମ, ମୌଲବି ଅବୁବକର ସିଦ୍ଦିକଙ୍କ ବ୍ୟତୀତ ୪୦ରୁ ଉର୍ଦ୍ଧ୍ୱ ଅନସାର ଖୁଦ୍ଦାମ ଓ ଅତଫାଲମାନେ ଯୋଗ ଦେଇଥିଲେ ।

## ଜାତୀୟ ପ୍ରେସ ଦିବସ ଉପଲକ୍ଷେ ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ରକ୍ତଦାନ ଶିବିର

ଖୋର୍ଦ୍ଧା, **୧୭।୧୧:(ମନ୍ଥନ)**ଜାତୀୟ ପ୍ରେସ ଦିବସ ଉପଲକ୍ଷେ ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ସାମ୍ବାଦିକ ଭବନ ଠାରେ ଏକ ଆଲୋଚନା ଚକ୍ର ର ଅୟୋଜନ ସହିତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଖୋର୍ଦ୍ଧା ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷଣ କୁମାର ବେହେରା ଏହାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିବା ସହିତ ଜିଲ୍ଲା ଏଭଳି କାର୍ଯକ୍ରମ କୁ ଭୂୟସୀ ପ୍ରଶଂସା କରିଥିଲେ । ଜିଲ୍ଲା ପ୍ରେସ କ୍ଲବ ର ସଭାପତି ଶୁଭ୍ରାଂଶୁ ରଂଜନ ସାମନ୍ତରାୟ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା , ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପ ଶ୍ରୀ ରାଣୀ ଗୁମାନସିଂହ ଯୋଗ ଦେଇଥିବାବେଳେ ନିଜ ନିଜ ବକ୍ତବ୍ୟ ରେ



ଗଣତନ୍ତ୍ର ର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ର ଭୂମିକା କୁ ଉଚ୍ଚ ପ୍ରଶଂସା କରିବା ସହିତ ସତ୍ୟ, ନିର୍ଭିକ ସମ୍ବାଦ ପରିବେଷଣ କରିବା ଉପରେ ଗୁରୁତ୍ୱାରୋପ କରିଥଲେ । ଜିଲ୍ଲା ପ୍ରେସ କ୍ଲବ ର ସଭାପତି ଶ୍ରୀଯୁକ୍ତ ସାମନ୍ତରାୟ ତାଙ୍କ ବକ୍ତବ୍ୟ ରେ ଖୋର୍ଦ୍ଧା ଜିଲ୍ଲା ପ୍ରେସ ଗଠନ ହେବାର ଆଭିମୁଖ୍ୟ, ଉଦ୍ଦେଶ୍ୟ ଏବଂ ପ୍ରେସ କ୍ଲବ ଗଠନ ହେବାଠାରୁ ଆଜି ପର୍ଯ୍ୟନ୍ତ କରଯାଇଥିବା ବିଭିନ୍ନ ଜନହିତକର କାର୍ଯ୍ୟ ଗୁଡ଼ିକ ସଂପର୍କ ରେ ବିସ୍ତୃତ ଭାବରେ ଅତିଥି ମାନଙ୍କ ସମ୍ମୁଖ ରେ ଉପସ୍ଥାପନ କରିଥଲେ । ପ୍ରେସ କ୍ଲବ ର ଉପଦେଷ୍ଟା ତପନ କୁମାର ନାୟକ ତାଙ୍କ ବକ୍ତବ୍ୟ ରେ ପ୍ରେସ କାଉନସିଲ ଅଫ ଇଣ୍ଡିଆ। ଗଠନ ର ମୁଖ୍ୟ ଉଦେଶ୍ୟ ସମ୍ପର୍କ ରେ ବିସ୍ତୃତ ଭାବରେ ଆଲୋଚନା କରିବା ସହିତ ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଶର୍ମା ତାଙ୍କ ବକ୍ତବ୍ୟ ରେ କହିଥିଲେ, ଗଣତନ୍ତ୍ର ର ଜାଗ୍ରତ ପ୍ରହରି ଭାବରେ ଗଣମାଧ୍ୟମ ଗୁଡ଼ିକ କାର୍ଯ୍ୟ କରୁଥିବାବେଳେ, ସମାଜ କୁ ଦିଗଦର୍ଶନ ଦେବାରେ ସେମାନଙ୍କର ପ୍ରମୁଖ ଭୂମିକା ରହିଛି । ସମ୍ମାନିତ ଅତିଥି ରୁପ ଶ୍ରୀ ରାଣୀ ଗୁମାନସିଂହ ତାଙ୍କ ବକ୍ତବ୍ୟ ରେ, ଗଣତନ୍ତ୍ର ରାଷ୍ଟ୍ର ରେ ଗଣମାଧ୍ୟମ ର ଭୂମକା ଅତ୍ୟନ୍ତ ଗୁରୁତ୍ୱପର୍ଣ୍ଣ । ଜନସାଧାରଣ ଙ୍କ ବିଭିନ୍ନ ସମସ୍ୟା ଗୁଡ଼ିକୁ ଲୋକ ଲୋଚନ କୁ ଆଣିବା ରେ ଗଣମାଧ୍ୟମ ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯାହାଦ୍ୱାରା ପ୍ରଶାସନ ସଚେତନ ହେବା ସହିତ ସେଗୁଡିକ ସମାଧାନ ପାଇଁ ତତ୍ପରତା ଦେଖାଇଥାଏ । ଜିଲ୍ଲା ପ୍ରେସ କ୍ଲବ ର ଉପ ସଭାପତି ଲଳିତ ମୋହନ ମହାପାତ୍ର ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯକ୍ରମ ରେ ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘ ସଭାପତି ପ୍ରକାଶ କୁମାର ହାତୀ, ଜିଲ୍ଲା ପ୍ରେସ କ୍ଲବ ଉପ ସଭାପତି ପ୍ରସନ୍ନ କୁମାର ପାଇକରାୟ, କୋଷାଧ୍ୟକ୍ଷ ଶୁଭକାନ୍ତ ମହାପାତ୍ର, କର୍ଣ୍ଣେଲ ଅରୁଣ କୁମାର ରାଉତରାୟ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ,ପ୍ରବୀଣ ଭଞ୍ଜ, ରଞ୍ଜିତ ସାମନ୍ତରାୟ, ପ୍ରଭାତ ପାଣିଗ୍ରାହୀ, ଗୋପାଳ କୃଷ୍ଣ ପ୍ରଧାନ, ଗୋପାଳ କୃଷ୍ଣ ଦାସ, ସୟଦ ଲିୟାକତ ଅଲ୍ଲୀ,ବରିଷ୍ଠ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର, ଲୋତକ ବିନ୍ଦୁ ପଟ୍ଟନାୟକ, ସମାଜ ସେବୀ ସଞ୍ଜୟ ପଟ୍ଟନାୟକ, ଶୋଭନ ଘୋଷ ପ୍ରମୁଖ ଉପସ୍ଥିତ ଥିବାବେଳେ, ପ୍ରେସ କ୍ଲବ ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥଲେ । ଖୋର୍ଦ୍ଧା ବ୍ଲଡ ବ୍ୟାଙ୍କ ଡାକ୍ତର ସୌରଭ ସୁନ୍ଦର ରାୟ, ଅରୁଣ କୁମାର ସାହୁ, ଝାନସି ରାଣୀ ପାତ୍ର, ଲକ୍ଷ୍ମୀ ପ୍ରିୟା ପ୍ରଧାନ, ଶ୍ରୀକାନ୍ତ କୁମାର ପ୍ରମୁଖ ଙ୍କ ସହାୟତାରେ ୪୬ ୟୁନିଟ ରୁ ଉର୍ଦ୍ଧ୍ୱ ରକ୍ତ ସଂଗୃହିତ ହୋଇଥିଲା ।

## ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମ୍ବାଦିକ ସଂଘ ମିଳିତରେ ଜାତୀୟ ପ୍ରେସ ଦିବସ ୨୦୨୫ ପାଳିତ

ବଲାଙ୍ଗିର,**୧୭।୧୧:(ମନ୍ଥନ)**ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଜାତୀୟ ପ୍ରେସ ଦିବସ-୨୦୨୫ ସ୍ଥାନୀୟ ସାମ୍ବାଦିକ ଭବନରେ ପାଳିତ ହୋଇଯାଇଛି । ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଡ଼ଃ. ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ମ୍ୟୁନିସିପାଲିଟି ଅଧ୍ୟକ୍ଷା ଶ୍ରୀମତୀ ଲିକା ସାହୁ ମୁଖ୍ୟ




ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ପ୍ରେମଚନ୍ଦ ମହାନ୍ତି ମଂଚସୀନ ହୋଇଥିବା ବେଳେ ଅନ୍ୟତମ ଅତିଥି ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସଂଘ ଉପସଭାପତି ବଳରାମ ମିଶ୍ର ଓ ଡିଆଇପିଆରଓ ରାଜେନ୍ଦ୍ର ମାଝୀ ଯୋଗ ଦେଇଥିଲେ । ଚଳିତ ବର୍ଷର ଶୀର୍ଷକ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ' ରହିଛି । ମଂଚସୀନ ଅତିଥିମାନେ ଉପରୋକ୍ତ ଶୀର୍ଷକ ସଂପର୍କରେ ଗଭୀର ଆଲୋଚନା କରିଥିଲେ । ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ସୁଧୀର ମିଶ୍ର, ଦୀପକ ପୁରୋହିତ,ଅରୁଣ ମିଶ୍ର ପାର୍ଥ ମହାପାତ୍ର, ମୁକେଶ ବହିଦାର, ତରୁଣ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସାମ୍ବାଦିକ ବିରେନ୍ଦ୍ର ଝାଙ୍କର ମଂଚ ପରିଚାଳନା କରିଥିବା ବେଳେ ସାମ୍ବାଦିକ ଚିତ୍ତ ରଂଜନ ମିଶ୍ର ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟ କ୍ରମ ରେ ସହରର ବହୁ ସାମ୍ବାଦିକ ଓ ବୁଦ୍ଧିଜୀବିମାନେ ଯୋଗଦାନ କରିଥିଲେ ।

## ସୁରଭି ୨୦୨୫ରେ ଦମୟନ୍ତୀଙ୍କ କୃତିତ୍ୱ

ବଲାଙ୍ଗୀର,**୧୭।୧୧:(ମନ୍ଥନ)**ବଲାଙ୍ଗୀର ପୌରାଞ୍ଚଳ ଅନ୍ତର୍ଗତ ଗାନ୍ଧୀ ନଗର ପଡା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ନବମ ଶ୍ରେଣୀ ଛାତ୍ରୀ ଦମୟନ୍ତୀ ଖୁଆସ ସୁରଭି



୨୦୨୫ କାର୍ଯ୍ୟକ୍ରମରେ ବକ୍ତୃତା ପ୍ରତିଯୋଗିତା ପ୍ରସଙ୍ଗ - କୃତ୍ରିମ ବୁଦ୍ଧିମତା ଶିକ୍ଷଣ ଶିକ୍ଷାଦାନରେ ଶିକ୍ଷକଙ୍କର ଭୂମିକା ନେଇ ପାରିବ କି ? ଉପରେ ଜିଲ୍ଲା ରେ ପ୍ରଥମ ଓ ରାଜ୍ୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରିଛନ୍ତି । ହାଟପଦା ପଡା ନିବାସୀ ସୁଦର୍ଶନ ଖୁଆସ ଓ ତରଙ୍ଗିନୀ ଖୁଆସ ଙ୍କ ସୁପୁତ୍ରୀ ଅଟନ୍ତି ଦମୟନ୍ତୀୟଗାଇଡ୍ ଶିକ୍ଷକ ଭାବେ ଶିକ୍ଷୟତ୍ରୀ ପ୍ରଜ୍ଞା ପରିମିତା ବଘାର ଏହି ରାଜ୍ୟ ସ୍ତରୀୟ ସୁରଭି ପ୍ରତିଯୋଗିତାରେ ଦମୟନ୍ତୀ ଙ୍କୁ ମାର୍ଗଦର୍ଶନ କରିଥିଲେ । ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ନୂତନ ନାୟକଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ,ଶିକ୍ଷୟତ୍ରୀ ତଥା ଶିକ୍ଷା କର୍ମଚାରୀ ଶୁଭେଚ୍ଛା ଜଣେଇଛନ୍ତି ।

## ନୂତନ କୃଷି ସମବାୟ ସମିତି କାର୍ଯ୍ୟାଳୟ ଖୋଲିବା ନେଇ ଉଚ୍ଚନ୍ୟାୟାଳୟର ରହିତାଦେଶ

ରଘୁନାଥପୁର,**୧୭।୧୧:(ମନ୍ଥନ)** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧରାଧରପୁର ପଞ୍ଚାୟତ କାର୍ଯ୍ୟାଳୟରେ ନୂତନ ଭାବେ ଖୋଲା ଯିବାକୁ ଥିବା କୃଷି ସମବାୟ ସମିତିକୁ ଇତି ମଧ୍ୟରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ରହିତାଦେଶ ଜାରୀ କରିଛନ୍ତି । ପ୍ରକାଶ ଥାଉକି, ଚାଷୀ ମାନଙ୍କ ସୁବିଧା ପାଇଁ ଧରାଧରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏକ କୃଷି ସମବାୟ ସମିତି ଖୋଲାଯିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା । ତେବେ ଏଥିପାଇଁ ପଞ୍ଚାୟତ ମଧ୍ୟରେ ଏକ ଘରର ଆବଶ୍ୟକତା ଥିବା ବେଳେ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଧରାଧରପୁର ପଞ୍ଚାୟତ କାର୍ଯ୍ୟାଳୟରେ ସମିତି ଖୋଲାଯିବା ପାଇଁ ଏକପାଖିଆ ନିଷ୍ପତ୍ତି ନିଆଯାଇଥିଲା । ପଞ୍ଚାୟତ କାର୍ଯ୍ୟାଳୟରେ ଆବଶ୍ୟକତା ଅନୁଯାୟୀ ଘର ନଥିବାରୁ ପଞ୍ଚାୟତ ସରପଞ୍ଚ ଏହି ନିଷ୍ପତ୍ତିକୁ ଗ୍ରହଣ ନକରି ସ୍ଥାନୀୟ ଏକ ଫାଙ୍କା ସ୍କୁଲ ଘରେ ସମିତି କାର୍ଯ୍ୟାଳୟ ଖୋଲିବା ପାଇଁ ରଘୁନାଥପୁର ବିଡିଓଙ୍କୁ ପରାମର୍ଶ ଦେଇଥିଲେ । କିନ୍ତୁ ବ୍ଲକ ପ୍ରଶାସନ ନିଜ ଜିଦ୍ ରେ ଅଟଳ ରହିବା ସହିତ ପଞ୍ଚାୟତ କାର୍ଯ୍ୟାଳୟର ଏକ ଗୃହକୁ ଖାଲି କରିବା ପାଇଁ ସରପଞ୍ଚଙ୍କ ଉପରେ ବିଭିନ୍ନ ପ୍ରକାରର ଚାପ ପ୍ରୟୋଗ କରିଥିଲେ । କିନ୍ତୁ ଭାରତୀୟ ନ୍ୟାୟ ସଂହିତା ୨୪୩ଜି ଅନୁଚ୍ଛେଦ ଅନୁଯାୟୀ ପଞ୍ଚାୟତ ହେଉଛି ଗାଁର ଏକ ସ୍ଥାନୀୟ ସ୍ୱୟଂ ଶାସିତ ସରକାର, ଯେଉଁଠାରେ ଗାଁର ବିଭିନ୍ନ କାମକୁ ଦେଖାଶୁଣା କରାଯାଏ ଏବଂ ଗାଁବାସୀଙ୍କ ପାଇଁ ସମସ୍ତ ପ୍ରକାର ସରକାରୀ ଯୋଜନାର ସୁବିଧା ଯୋଗାଇ ଦିଆଯାଇଥାଏ । ଏଥି ସହିତ ପଞ୍ଚାୟତରେ ଯେ କୌଣସି ସୁବିଧା ଅସୁବିଧା ପାଇଁ ଲୋକ ପ୍ରତିନିଧି ଭାବେ ନିର୍ବାଚିତ ହୋଇଥିବା ସରପଞ୍ଚ ଉତ୍ତରଦାୟୀ ରହୁଥିବାରୁ ବାଧ ହୋଇ ବ୍ଲକ ପ୍ରଶାସନ ନିଷ୍ପତ୍ତି ବିରୋଧରେ ସ୍ଥାନୀୟ ସରପଞ୍ଚ ନଳିନୀପ୍ରଭା ମୃଦୁଲୀ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବୋଲି ଜଣାଇଛନ୍ତି । ଏହି ବିବାଦୀୟ ମାମଲାରେ ମାନ୍ୟବର ହାଇକୋର୍ଟ ଶୁଣାଣୀ କରି ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ନୂତନ କୃଷି ସମବାୟ ସମିତି କାର୍ଯ୍ୟାଳୟ ଖୋଲିବା ନେଇ ରହିତାଦେଶ ଜାରି କରିଛନ୍ତି ।

## ରଘୁନାଥପୁର ପ୍ରେସ କ୍ଲବରେ ଜାତୀୟ ପ୍ରେସ ଦିବସ ପାଳିତ

ଜଗତସିଂହପୁର,**୧୭।୧୧:(ମନ୍ଥନ)**ରଘୁନାଥପୁର ପ୍ରେସ କ୍ଲବର ମହାତ୍ମାଗାନ୍ଧୀ ସଭା କକ୍ଷରେ ଆଜି ପ୍ରେସ କ୍ଲବର ସଭାପତି ବିଜୟ କୁମାର ସ୍ୱାଇଁଙ୍କ ପୌରୋହିତରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଏଥିରେ ବରିଷ୍ଠ ସାମ୍ବାଦିକ ପ୍ରଦିପ୍ତ କୁମାର ନାୟକ ଯୋଗଦେଇ ଆଜିର ସମାଜରେ ସାମ୍ବାଦିକମାନେ ଅସୁରକ୍ଷିତ ହୋଇ ପଡ଼ି ଥିବା ବେଳେ ସରକାରଙ୍କ ପକ୍ଷରୁ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏଥିରେ ସଂଘର ଉପଦେଷ୍ଟା ସାମ୍ବାଦିକ ଶୁଭଙ୍କର ଜେନା ଯୋଗ ଦେଇ ସାମ୍ବାଦିକ ମାନଙ୍କ ପାଇଁ ରାଜ୍ୟ ସରକାର ତୁରନ୍ତ ପେନସନ ଯୋଜନା ଲାଗୁ କରିବା ସହିତ ସ୍ୱାସ୍ଥ୍ୟବୀମାକୁ ୨୦ଲକ୍ଷ ଟଙ୍କା ବୃଦ୍ଧି ଦାବି କରିଥିଲେ । ଏହି ବୈଠକରେ ସାମ୍ବାଦିକ ରମାକାନ୍ତ ଦାଶ, ପ୍ରତାପ କୁମାର ସିଂ, ସୁଶାନ୍ତ



କୁମାର ରାଉତ, ସୁବ୍ରତ କୁମାର ନାୟକ, ଚିତ୍ତରଞ୍ଜନ ବିଶ୍ୱାଳ, ଭାଗବତ ପ୍ରସାଦ, ରଞ୍ଜନ କୁମାର ମଲ୍ଲିକ, ତାପସ କୁମାର ଦାସ, ମଳୟ ପାଣି, ଉମାକାନ୍ତ ଦାସ, ମନୋଜ ସାହୁ ପ୍ରମୁଖ ଯୋଗଦେଇ ଜାତୀୟ ପ୍ରେସ ଦିବସ ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ ।

## ସାମ୍ବାଦିକ ଭବନ ଠାରେ ଜାତୀୟ ପ୍ରେସ ଦିବସ ପାଳିତ

ବଲାଙ୍ଗିର,**୧୭।୧୧:(ମନ୍ଥନ)**ଆଜି ସଦରମହକୁମା ସ୍ଥିତ ସମ୍ବାଦିକ ଭବନ ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମ୍ବାଦିକ ସଂଘର ମିଳିତ ଭାବେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଡାଃ. ବିଜୟାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ସାମ୍ବାଦିକ ସଂଘର ଉପସଭାପତି ବଳରାମ ମିଶ୍ର, ପ୍ରଫେସର ଡାଃ. ପ୍ରେମଚନ୍ଦ ମହାନ୍ତି, ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି ପ୍ରମୁଖ ମଞ୍ଚାସୀନ ଥିଲେ । ଜାତୀୟ ପ୍ରେସ ଦିବସ-୨୦୨୫ର ଆଲୋଚ୍ୟ ବିଷୟବସ୍ତୁ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ ସମ୍ପର୍କରେ ସାମ୍ବାଦିକ ଦୀପକ ପୁରହିତ, ତରୁଣ ସାହୁ, ରଘୁନନ୍ଦନ ସିଂ, ସୁଧୀର ମିଶ୍ର, ଅରୁଣ ମିଶ୍ର, ଓ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ରଖିବା ସହ ରାଷ୍ଟ୍ର ଗଠନରେ ଗଣମାଧ୍ୟମରେ ବିଶ୍ୱାସନୀୟତାର ସଂରକ୍ଷଣ ଭୂମିକା ସମ୍ପର୍କରେ ଲୋକମାନେ କିପରି ଭ୍ରମାତ୍ମକ ଖବର ଚିହ୍ନଟ କରିବେ ଏବଂ ସତ୍ୟ ସୂଚନା ପାଇଁ କେଉଁ ସ୍ରୋତ ବିଶ୍ୱାସ କରିବେ, ଏହି ବିଷୟରେ ସଚେତନତା ବୃଦ୍ଧି କରିବା, ସଂସ୍ଥାଗତ ନୀତି ଏବଂ ନିୟମାବଳୀ ଦ୍ୱାରା ଖବର ପ୍ରସାରଣରେ ପ୍ରମାଣିକତା ରକ୍ଷା କରିବା, ଏଆଇ ଓ ମେସିନ୍ ଲର୍ଣ୍ଣିଂ ଭଳି ଟେକ୍ନୋଲୋଜି ଦ୍ୱାରା ଭ୍ରମାତ୍ମକ ଖବର ଚିହ୍ନଟ କରିବା ଏବଂ ତାହାକୁ ପ୍ରତିରୋଧ କରିବାୟ ଗଣମାଧ୍ୟମର ଖବର ପ୍ରସାରଣ ପ୍ରକ୍ରିୟାରେ ନିୟମିତ ନିରୀକ୍ଷଣ ଏବଂ ମୂଲ୍ୟାଙ୍କନ କରି ଭ୍ରମାତ୍ମକ ସୂଚନା ରୋକାଯାଇପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ ତାତ୍ପର୍ଯ୍ୟରେ ରାଷ୍ଟ୍ର ଗଠନରେ ପୂର୍ବ ଓ ପର ସମୟରେ ସାମ୍ବାଦିକମାନଙ୍କ ବଳିଷ୍ଠ ଭୂମିକା ସମ୍ପର୍କରେ ପ୍ରଫେସର ମହାନ୍ତି ବିସ୍ତୃତ ଭାବେ ବକ୍ତବ୍ୟ ରଖିଥିଲେ । ବିଶେଷ ଭାବେ କୌଣସି ଖବର ପ୍ରସାରଣ ପୂର୍ବରୁ ସତ୍ୟତା ଯାଞ୍ଚ କରିବା ଏବଂ ଭ୍ରମାତ୍ମକ ସୂଚନାକୁ ଚିହ୍ନଟ କରି ପ୍ରତିରୋଧ କରିବା ଆବଶ୍ୟକ । ସାମାଜିକ ମାଧ୍ୟମ ପ୍ଲାଟଫର୍ମ ଗୁଡିକୁ ଭ୍ରମାତ୍ମକ ଖବର ପ୍ରସାରଣ ରୋକିବା ପାଇଁ ଦାୟିତ୍ୱବାନ ହେବା ଓ ବିଭାଗୀୟ ଅଧିକାରୀ ମାନଙ୍କ ମତାମତ ନେବା, ଭ୍ରମାତ୍ମକ ଖବର ଅପେକ୍ଷା ସଠିକ୍ ଖବର ପ୍ରସାରଣ, ସାମ୍ବାଦିକ ଓ ବିଭାଗୀୟ ଅଧିକାରୀ ମାନଙ୍କ ମଧ୍ୟରେ ସମନ୍ୱୟ ରହିବା ଉଚିତ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଏହି ସଭାରେ ଅନ୍ୟତମ ଅତିଥିଭାବେ ବିରେନ୍ଦ୍ର ଝାଙ୍କର ସଭା ସଂଯୋଜନା ଓ ଚିତ୍ତ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସାମ୍ବାଦିକ ଯୋଗଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।



## ବଳଦେବଜୀଉ ମନ୍ଦିର ସଂସ୍କୃତି ଓ ପରମ୍ପରାକୁ ବିଶ୍ୱବ୍ୟାପି କରାଯିବ

କେନ୍ଦ୍ରାପଡ଼ା,୧୭।୧୧:(ମନ୍ଥନ)କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିରର ଐତିହ୍ୟ,ସଂସ୍କୃତି, ପର୍ଯ୍ୟଟନ ଓ ଭକ୍ତଙ୍କ ଭାବାବେଗ ଦୃଷ୍ଟିରୁ ଏକ ସ୍ୱତନ୍ତ୍ରତା ରହିଛି। ମନ୍ଦିରର ପୂଜାବିଧି ଓ ପରମ୍ପରା ମଧ୍ୟ ଅନେକ ଜଗନ୍ନାଥପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। ବର୍ତ୍ତମାନ ସମୟରେ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ରହିଛନ୍ତି। ଶ୍ରୀଜୀଉଙ୍କ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ ରାଜ୍ୟ ସରକାର ଶହେ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯିବ ବୋଲି ଶ୍ରୀବଳଦେବଜୀଉ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ନେଇ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଯୋଗଦେବା ଅବସରରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ କହିଛନ୍ତି। ଭୁବନେଶ୍ୱରସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବଳଦେବଜୀଉ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ବୈଠକରେ ମୁଖ୍ୟ ମନ୍ଦିରର ଆବଶ୍ୟକ ମରାମତି, ପାରିପାର୍ଶ୍ୱିକ ଉନ୍ନତି ସହ ଆନନ୍ଦ ବଜାର, ରୋଷଘର, ଝୁଲଣ ମଣ୍ଡପ, ଚନ୍ଦନ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ନେଇ କି କି ପଦକ୍ଷେପ ନିଆଯିବ ସେ ନେଇ ପ୍ରସ୍ତାବିତ



ଥ୍ରୀ-ଡ଼ି ନକ୍ସାର ତର୍ଜମା କରିଥିଲେ। ଏଥି ସହିତ ମାଉସୀ ମା' ମନ୍ଦିରର ଉନ୍ନତି କରଣ, ପାର୍କିଂ ସ୍ଥଳ, ରଥଖଳା, ଯାତ୍ରୀନିବାସ, ଭୋଗ ଦୋକାନ, ପୋଲିସ କଣ୍ଟ୍ରୋଲ ରୁମ୍ ଆଦିର ଆଧୁନିକୀକରଣ ବାବଦରେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା, ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଦେବୋତ୍ତର ଆୟୁକ୍ତ ଲଲାଟେନ୍ଦୁ ଜେନା, ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀବଳଦେବଜୀଉ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ନିମନ୍ତେ ବିସ୍ତୃତ ପ୍ଲାନ୍ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ତୁରନ୍ତ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସେଠାରେ ଉପସ୍ଥିତ ଥିବା ଆର୍କିଟେକ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ମନ୍ଦିର ଟ୍ରଷ୍ଟବୋର୍ଡ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ସେବାୟତ ଟ୍ରଷ୍ଟି ନୃସିଂହ ଚରଣ ପତ୍ରୀ ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ରତିକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଭୁବନେଶ୍ୱର ମହାନଗର ଲିଙ୍ଗରାଜ ଭାଗ ତରଫରୁ ଯୁବ ସମ୍ମିଳନୀ

ଭୁବନେଶ୍ୱର, ୧୭।୧୧:(ମନ୍ଥନ) ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଭୁବନେଶ୍ୱର ମହାନଗର ଲିଙ୍ଗରାଜ ଭାଗ ତରଫରୁ ଯୁବ ସମ୍ମିଳନୀ ବଡଗଡ ବ୍ରିଟ କଲୋନୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ସମ୍ମିଳନୀର ଉଦ୍‌ଘାଟନୀ ସତ୍ରରେ ମୁଖ୍ୟ ଅତିଥି ଭାବେ ଡ. ଅମୀୟ ରଞ୍ଜନ ନାୟକ ଉପସ୍ଥିତ ରହି କହି ଥିଲେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୫ ବର୍ଷ ପାଳନ ଅବସରରେ ସଂଘ ତାର ଲକ୍ଷ୍ୟରେ ଅଗ୍ରଗତି କରୁଛି। ସଂଘର ପୁରୀ ବିଭାଗ ପ୍ରଚାର ପ୍ରମୁଖ ଶ୍ରୀଯୁକ୍ତ ଜୟକୃଷ୍ଣ ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଦେଶ ର ମହାନ୍ ସଂସ୍କୃତି, ଶିକ୍ଷା, ଐତିହ୍ୟ, ସ୍ୱାସ୍ଥ୍ୟ ତଥା ବିଦେଶରେ ଭାରତର ସୁନାମ ଗାଥା ବିଷୟରେ ପରିଚିତ କରିଥିଲେ ଯେ ଦେଶ ଗଠନରେ ଯୁବକ ମାନଙ୍କ ଭୂମିକା ତଥା ସ୍ୱାଧୀନତା ସମୟରେ ଯୁବକ ମାନଙ୍କ ଅବଦାନ ଭୂଲିହେବ ନାହିଁ। ଭାରତୀୟ ଜ୍ଞାନ ପରମ୍ପରା ବିଜ୍ଞାନ ସମ୍ମତ ଥିଲା। ସାରା ବିଶ୍ୱ ଯେତେବେଳେ ଅନ୍ଧକାର ରେ ପରିପୂର୍ଣ ଥିଲା ଭାରତର ଜ୍ଞାନ ବିଜ୍ଞାନ ବିଶ୍ୱକୁ ନୂଆ। ମାର୍ଗ ଦେଖାଇଥିଲା ଯ ଏହି ସତ୍ରରେ ଭୁବନେଶ୍ୱର ମହାନଗର କାର୍ଯ୍ୟବାହ ଶ୍ରୀ କ୍ଷୀରୋଦ ବିହାରୀ ଉପସ୍ଥିତ ଥିଲେ। ଦ୍ୱିତୀୟ ସତ୍ରରେ ଉପସ୍ଥିତ ଯୁବକ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ନାଟକ, ଭଜନ ଓ ଦେଶାତ୍ମବୋଧକ




ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ପଞ୍ଚ ପରିବର୍ତ୍ତନ ଆଧାରିତ ପ୍ରଶ୍ନ ମଞ୍ଚ କରାଯାଇଥିଲା ଓ ସ୍ୱଚ୍ଛତା ଓ ପର୍ଯ୍ୟାବରଣ ଆଧାରିତ ନାଟକ ଯୁବକ ମାନଙ୍କ ଦ୍ୱାରା ମଞ୍ଚସ୍ଥ କରାଯାଇଥିଲା। ଉଦ୍‌ଯାପନୀ ସତ୍ରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପୂର୍ବ ପ୍ରାନ୍ତର ସହ ପ୍ରାନ୍ତ କାର୍ଯ୍ୟବାହ, ଶ୍ରୀଯୁକ୍ତ ରବି ନାରାୟଣ ପଣ୍ଡା ମୁଖ୍ୟବକ୍ତା ରୂପେ ଯୋଗ ଦେଇ କହିଥିଲେ ଯେ, ଭାରତ ର ସ୍ୱପ୍ନ ହେଉଛନ୍ତି ଯୁବକ, ସ୍ୱାମୀ ବିବେକାନନ୍ଦ ଭାରତ ର ଯୁବକ ମାନଙ୍କୁ ଆହ୍ୱାନ କରୁଥିଲେ ଭାରତର ପରିବର୍ତ୍ତନ ପାଇଁ। ଆଜିର ଯୁବକ ସମୟ ଦେଲେ ଭାରତ ପରିବର୍ତ୍ତନ ହେବ। ଦେଶର ସ୍ୱାଧୀନତାରେ ଯୁବକ ମାନଙ୍କ କର୍ତ୍ତବ୍ୟ, ଆଜିର ସ୍ୱତନ୍ତ୍ରତା ରେ ଯୁବକ ମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ବୋଧ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀ ରେ ୧୨୦୦ ରୁ ଅଧିକ ଯୁବକ ଯୋଗ ଦେଇଥିଲେ। ମୁଖ୍ୟ ଆକର୍ଷଣ ଥିଲା ଶିବ ପ୍ରସାଦ ଙ୍କ କାନଭାସ ଆର୍ଟ। ତାସହିତ ଦେଶାତ୍ମବୋଧ ନାଚଗୀତ ରେ ଯୁବକମାନେ ଝୁମିଥିଲେ ଏବଂ ଉପଭୋଗ କରିଥିଲେ। ସର୍ବଶେଷ ରେ ବନ୍ଦେମାତରଂ ଗାନ କରାଯାଇ ସମାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଲିଙ୍ଗରାଜ ଭାଗ ର କାର୍ଯ୍ୟବାହ ଶ୍ରୀଯୁକ୍ତ ତାପସ କୁମାର ଜେନା ଓ ତଞ୍ଜ ତ୍ରିବେଦୀ ମିଶ୍ର। ରଜନୀକାନ୍ତ ରାଉତ, ଚିନ୍ମୟ ବେହେରା ତଥା ଅନ୍ୟମାନେ ସହଯୋଗ କରିଥିଲେ।

## ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷ ଓ କଳ୍କୀ ଅବତାରଙ୍କ ବ୍ରହ୍ମଏକାକ୍ଷର ମେଳା ଅନୁଷ୍ଠିତ

ପଟ୍ଟାମୁଣ୍ଡାଇ,୧୭।୧୧:(ମନ୍ଥନ) ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ପୀଠର ପିଠାଧୀଶ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା,ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ସେବକ ରତିକାନ୍ତ ଧଳ, ଗଗନ ମହାଲିକଙ୍କ ତତ୍ତ୍ୱାବଧାନରେ ଓ ଅକ୍ଷୟ କୁମାର ଧଳ, ଦମୟନ୍ତୀ ଧଳଙ୍କ ପୌରହିତ୍ୟରେ



ଆଜି ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଓ ଜନସାଧାରଣ ଯୋଗଦେଇ ପୂଜା ପାଠ କରିଥିଲେ। ଆୟୋଜିତ ମେଳାରେ ଶିକ୍ଷାବିତ ବିଚିତ୍ରାନନ୍ଦ ବେହେରା,ସୁକାନ୍ତ ରାଉତ, କିଶୋର ରାଉତ,କାର୍ତ୍ତିକ ରାଉତ, କୈବଲ୍ୟ ପରିଡା, ମଧୁସୂଦନ ଦାସ,ନକୁଳ ମଳିକ, ବାବୁରାମ ସେଠି,କମଳାକାନ୍ତ ସାହୁ, ବିକାଶ ମଳିକ, ଅର୍ଜୁନସେଠି, ସୁରେନ୍ଦ୍ର ପାଗଳ,ଘନଶ୍ୟାମ ମଳିକ, ପ୍ରହଲ୍ଲାଦ ମଳିକ,କବିତା ସାହୁ, ଗୀତାଞ୍ଜଳି ନାୟକ, ମନୋସ୍ୱିନୀ ବିଶ୍ୱାଳ,ରଞ୍ଜନ ସାହୁ, ଚିତ୍ତରଞ୍ଜନ ସାହୁ, ଗୟାଧର ସୂତାର, ଭରତ ସାହୁ, ନରେନ୍ଦ୍ର ଧଳ ପ୍ରମୁଖ ଯୋଗ ଦେଇ ଭଗବତ କାର୍ଯ୍ୟରେ ଭାଗ ନେଇ ଥିଲେ। ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପର୍ଣ୍ଣ ହୋଇଥିଲା। ଶେଷରେ ଅକ୍ଷୟ କୁମାର ଧଳ, ଦମୟନ୍ତୀ ଧଳ ପୂର୍ଣ୍ଣ ଆହୁତି ପ୍ରଦାନ କରିଥିଲେ।

## ପିଏମ୍ ଶ୍ରୀ ବିନ୍ଦୁ ମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ 'ଶିଶୁଦିବସ' ପାଳନ

ଭଦ୍ରକ, ୧୭।୧୧:(ମନ୍ଥନ) ସ୍ଥାନୀୟ ପିଏମ୍ ଶ୍ରୀ ବିନ୍ଦୁ ମାଧବ ବାଗୁରାଇ ସରକାରୀ, ଉଚ୍ଚ ବିଦ୍ୟାଳୟରେ ଶିଶୁଦିବସ ମହାସମାରୋହ ସହକାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ତାଙ୍କର ଉଦ୍‌ଘାଟନୀ ବକ୍ତବ୍ୟରେ ଛାତ୍ରଛାତ୍ରୀମାନେ ସ୍ୱର୍ଗତ ପଣ୍ଡିତ ଜବାହାରଲାଲ ନେହେରୁଙ୍କ



ଜୀବନଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ। ଭଦ୍ରକର ବରିଷ୍ଠ ସାମ୍ବାଦିକ ଶ୍ରୀ ବଂଶୀଧର ଦାସ ଅତିଥିଭାବେ ଯୋଗ ଦେଇଥିଲେ। ଶ୍ରୀ ଦାସ ତାଙ୍କର ବକ୍ତବ୍ୟରେ ଛାତ୍ରଛାତ୍ରୀମାନେ ଅଧିକ ଶୃଙ୍ଖଳିତ ଏବଂ ଏକତାବଦ୍ଧ ହୋଇ ଉତ୍ତମ ନାଗରିକ ହେବା ତଥା ସୁନାମଧନ୍ୟ ପିଏମ୍ ଶ୍ରୀ ବିଦ୍ୟାଳୟର ଗୌରବ ବୃଦ୍ଧି କରିବାକୁ ଉପଦେଶ ଦେଇଥିଲେ। ଶିକ୍ଷୟିତ୍ରୀ ଉର୍ବଶୀ ଦାସ ଛାତ୍ରଛାତ୍ରୀ ମାନଙ୍କୁ ଶିଶୁଦିବସର ତାତ୍ପର୍ଯ୍ୟ ବୁଝାଇବା ସହ ଜଣେ ଭଲ ମଣିଷ ହେବାକୁ ପ୍ରେରଣା ଦେଇଥିଲେ। ଶିକ୍ଷକ କାର୍ତ୍ତିକ ଚନ୍ଦ୍ର, ରାଉଳ, ଶିକ୍ଷୟତ୍ରୀ ହିମାଦ୍ରି ତନୟା ଦତ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ।ଶିଶୁଦିବସ ପାଳନ ଅବସରରେ ସାଇନ୍ସ ସେମିନାର, ସଂଗୀତଗାନ, ନୃତ୍ୟ ପ୍ରଦର୍ଶନ ଓ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜନ କରାଯାଇଥିଲା। ଉତ୍ତମ ପ୍ରତିଯୋଗି ମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଶିକ୍ଷକ ରବିନାରାୟଣ ମହାନ୍ତି, ସନ୍ତୋଷ କୁମାର ଖିଲାର, ସୋମନାଥ ଯେନା, ତରୁଣ କୁମାର ଭଟ୍ଟାଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ତଥା ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ତା- ୨୦୨୫

ଭଦ୍ର.୧୭।୧୧:(ମନ୍ଥନ) ସ୍ଥାନୀୟ ପିଏମ୍ ଶ୍ରୀ ବିନ୍ଦୁମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ତରଫରୁ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ' ପରିଚାଳନାରେ ରାଜ୍ୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।




ଏହି ପ୍ରତିଯୋଗିତାରେ ଭଦ୍ରକ ଗ୍ରାମାଞ୍ଚଳ ଅନ୍ତର୍ଗତ ବାଉଦପୁର ପ୍ରାଥମିକ, ସରସ୍ୱତୀ ଶିଶୁମନ୍ଦିର ବରପଦା, ଓଗାଳପୁର ପ୍ରାଥମିକ, ଡି.ଏ.ଭି ଏସ.ଡି.ପି.ଏସ, ରାନ୍ଦିଆ, ଶିଳ୍ପୀଶ୍ରୀ ରାମେଶ୍ୱର, ଗ୍ରାମ ପଞ୍ଚାୟତ ହାଇସ୍କୁଲ ଓଲଙ୍ଗ, ଓ.ଏ.ଭି. ଓଲଙ୍ଗ, ଶ୍ରୀ ମା ଅରବିନ୍ଦ ଓଲଙ୍ଗ ଆଦି ୧୦ଗୋଟି ଅନୁଷ୍ଠାନର ୨୩୪ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଭଦ୍ରକର ଆଜୀବନ ସଦସ୍ୟ ସର୍ବଶ୍ରୀ ଡା. ସୁଧିର ରଞ୍ଜନ ନାୟକ, ରବିନାରାୟଣ ମହାନ୍ତି, ନାରାୟଣ ଚନ୍ଦ୍ର ପାଢ଼ୀ, ଅଭିମନ୍ୟୁ ବେହେରା, କାର୍ତ୍ତିକ ଚନ୍ଦ୍ର ପାଣିଗ୍ରାହୀ, ରାଜା ପାଣୀଗ୍ରାହୀ, ପିତାମ୍ବର ଯେନା, ରଜତ କୁମାର ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରକାଶ ଥାଉକି ଓଡ଼ିଶାର କଳା ଓ ସଂସ୍କୃତିର ଅଧ୍ୟୟନ,ଗବେଷଣା ତଥା ପ୍ରାଚାର ଓ ପ୍ରସାର ନିମିତ୍ତ ୨୦୧୧ ବର୍ଷଠାରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଅଛି। ପ୍ରତିବର୍ଷ ନଭେମ୍ବର ମାସରେ ସମଗ୍ର ରାଜ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଏ। କୃତୀ ପ୍ରତିଯୋଗୀ ମାନଙ୍କୁ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ୧୨ ଜାନୁଆରୀ ୨୦୨୬ ସମାରୋହରେ ପୁରସ୍କୃତ କରାଯିବ।

## ଗୋରୁ ଗାଡି ଅଟକେଇବାକୁ ନେଇ ଗୁଳିକାଣ୍ଡ ଘଟଣାରେ ୧ ଗିରଫ

କେନ୍ଦ୍ରାପଡ଼ା,୧୭।୧୧:(ମନ୍ଥନ)ପଟ୍ଟାମୁଣ୍ଡାଇରୁ କେନ୍ଦ୍ରାପଡ଼ା ସହର ଅଭିମୁଖେ କେତେକ ସଂଖ୍ୟାଲଘୁ ସାମ୍ପ୍ରଦାୟର ଅସାମାଜିକ ବ୍ୟକ୍ତି ଏକ ଗାଡିରେ ବେଆଇନ ଭାବେ ଆଣୁଥିବା ଗୋରୁ ଗାଡିକୁ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଆୟବା ପଞ୍ଚାୟତର ଗଣ୍ଡାଖିଆ ନିକଟରେ କେତେକ ସ୍ଥାନୀୟ ଯୁବକ ଅଟକାଇବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସାରୁ ଉତକ୍ଷିପ୍ତ ହୋଇ ଗୋଚାଲାଣ କାରୀମାନେ ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ଗାଡି ଅଟକାଇଥିବା ଯୁବକମାନଙ୍କୁ ନରଣପୁର ଗ୍ରାମ ପର୍ଯ୍ୟନ୍ତ ଗୋଡାଇ ଯାଇଥିଲେ। ଫଳରେ ଯୁବକମାନେ ଗୋଚାଲାଣ କାରୀଙ୍କ ହାତରେ ବନ୍ଧୁକ, ଭୁଜାଲି ଓ ଖଣ୍ଡା ଭଳି ମାରଣାସ୍ତ୍ର ଦେଖି ଭୟଭୀତ ହୋଇ ଲୁଚିଯାଇଥିଲେ। କିନ୍ତୁ ଗାଁ ମୁଣ୍ଡରେ ଥିବା କ୍ଲବଘରେ ଶୋଇ ପରିସ୍ରା କରିବାକୁ ଉଠିଥିବା ମାନସୀକ ଭିନ୍ନକ୍ଷମ ଯୁବକ ଅକ୍ଷୟ ମଣ୍ଡଳ(୪୨)କୁ ଗୋଚାଲାଣ କାରୀ ଗାଡି ଅଟକାଉଥିବା ଯୁବକ ଭାବି ତା' ଉପରକୁ ବନ୍ଧୁକରୁ ଗୁଳି ଚଳାଇଥିଲେ। ଗୁଳିଟି ତାର ବାମ ଗୋଡ଼ ଜଙ୍ଘରେ ବାଜିଥିଲା। ଫଳରେ ସେ ମରିଗଲି ବୋଲି ଚିତ୍କାର କରିଥିଲା। ଆକ୍ରମଣକାରୀମାନେ ଏକ ବୋଲରୋ ଗାଡ଼ିରେ କେନ୍ଦ୍ରାପଡ଼ା ସହର ଅଭିମୁଖେ ପଳାଇ ଯାଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ଠାରୁ ଖବର ପାଇ ସଦର ଥାନା ପୋଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଆହତ ଅକ୍ଷୟ ମଣ୍ଡଳଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଅକ୍ଷୟଙ୍କୁ ଅଧିକ ଚିକିତ୍ସା ପାଇଁ ଏକ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେହି ଘଟଣାରେ ସଦର ଥାନା ପୋଲିସ କେନ୍ଦ୍ରାପଡା ଟାଉନ ଥାନା ଅଧିନ ରଣପଡା ଗ୍ରାମର ସେକ ଖଲିଲଙ୍କ ପୁଅ ସେକ ଗୋରା(୩୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଶୁଭେନ୍ଦୁ ସାହୁ ସୂଚନା ଦେଇଛନ୍ତି। ଅନ୍ୟ ୧୦ଜଣ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

## ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ,୧୭।୧୧:(ମନ୍ଥନ)ଅ.ଜି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାରମହାପାତ୍ରଙ୍କ ଅଧକ୍ଷତାରେ ଛେଣ୍ଡିପଦା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣିଶିବିରରେ ସମୁଦାୟ ୩୪ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୫ଟି ବ୍ୟକ୍ତିଗତ ଓ ୯ ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ୧ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତକାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଅନୁଗୋଳ ଶ୍ରୀ ଗୌରବମୟ ପ୍ରଧାନ,ଉପ-ଜିଲ୍ଲାପାଳ, ଅନୁଗୋଳ ଶ୍ରୀ ମାୟାଧର ବେହେରା, ଛେଣ୍ଡିପଦା ତହସିଲଦାର,ଶ୍ରୀ ମାନସ ରାୟ, ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶ୍ରୀ ଅରବିନ୍ଦବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ, ଅନୁଗୋଳ ଶ୍ରୀ



ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳଅଧିକାରୀ,ଅନୁଗୋଳ ଶ୍ରୀ ଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ,ଅନୁଗୋଳ ଶ୍ରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଅନୁଗୋଳଶ୍ରୀମତୀ ନିରୂପମା ପାଣି, ଉପ ନିର୍ଦ୍ଦେଶକ ଉଦ୍ୟାନ ଶ୍ରୀ ଅମର ଲଗୁନ, ଡିଆଇସି,ଶ୍ରୀ ଶୁଭାଶିଷ କାନୁନଗୋ, ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ, ଡ. ସତ୍ୟନାରାୟଣଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ନାରାୟଣ ମହାପାତ୍ରଙ୍କ ସମେତବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହିଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମାସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

## ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଜଗନ୍ନାଥଙ୍କ ରୋଷେଇ ଗୃହ ନିର୍ମାଣ କାର୍ଯ୍ୟର ଭୂମି ପୂଜନ

ବ୍ରହ୍ମପୁର,୧୭।୧୧:(ମନ୍ଥନ)ସ୍ଥାନୀୟ ଖସ୍ପା ସାହି ସ୍ଥିତ ମହୁରୀ ରାଜ ପ୍ରତିଷ୍ଠିତ ଶ୍ରୀ ଶ୍ରୀ ଗଡ଼ ଜଗନ୍ନାଥ ମନ୍ଦିରରେ ଶନିବାର ଅପରାହ୍ନରେ ମହାପ୍ରଭୁଙ୍କ ରୋଷେଇ ଗୃହ ଓ କଲ୍ୟାଣ ମଣ୍ଡପ ଗୃହର ଶୁଭ ଭୂମି ପୂଜନ ବିଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଧାୟକ ହାତ ପାଣ୍ଠି ଅନୁଦାନରୁ ମହାପ୍ରଭୁଙ୍କ ପାଇଁ ରୋଷେଇ ଗୃହ ଓ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟର ଶୁଭ ପୂଜନ ନିଜ କରକମଳରେ ଶୁଭାରମ୍ଭ କରିଥିଲେ ମାନ୍ୟବର ବ୍ରହ୍ମପୁର ବିଧାୟକ ଶ୍ରୀ କେ. ଅନୀଲ କୁମାର। ସୂଚନା ଯୋଗ୍ୟ ଯେ, ଗତ ୨୦୨୪ ନିର୍ବାଚନ ପୂର୍ବରୁ ଗତ ବିଜୁ ଜନତା ଦଳ ସରକାର ତଥା ନବୀନ ପଟ୍ଟନାୟକଙ୍କୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ପ୍ରସ୍ତାବ ରହିଥିବା ବେଳେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫ଟ୍ଟ ଅଧୀନରେ ଭି କାର୍ତ୍ତିକେୟନ ପାଣ୍ଡିଆନଙ୍କ ଦ୍ୱାରା ପୂର୍ବତନ ବିଜେଡି ସାଂସଦ ଓ ବିଧାୟକଙ୍କ ଦ୍ୱାରା ଉକ୍ତ ମନ୍ଦିରର ଉଭୟ ରୋଷେଇ ଘର ଓ ଏକ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ଅର୍ଥ ରାଶି ମଞ୍ଜୁର ରହିଥିଲା। କିନ୍ତୁ ୨୦୨୪ ନିର୍ବାଚନ ଥିବା ବେଳେ, ଏହାର ନିର୍ମାଣ କାର୍ଯ୍ୟ ବନ୍ଦ ରହି ଯାଇଥିଲା, ଯାହା ଫଳରେ ମନ୍ଦିର ବହୁ ନୀତି ଓ ବିଧି ବିଧାନ କାର୍ଯ୍ୟ କଥା ମହାପ୍ରଭୁଙ୍କ ଭୋଗ ପ୍ରସ୍ତୁତି ପ୍ରକ୍ରିୟାରେ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ମନ୍ଦିର ପରିଚାଳନା କମିଟି ଓ ଅଞ୍ଚଳର ଜନ ପ୍ରତିନିଧି ତଥା କର୍ପୋରେଟର ମାନଙ୍କ ସମେତ ବହୁ ଅଞ୍ଚଳବାସୀ ଏନେଇ ପୂର୍ବରୁ ବହୁ ବାର ମହାନଗର ନିଗମ ମେୟର,



ଡେପୁଟି ମେୟର, କମିଶନରଙ୍କ ଠାରୁ ଆରମ୍ଭ କରି ଉପ ଜିଲ୍ଲାପାଳ, ଜିଲ୍ଲାପାଳ ସମେତ ବହୁ ସରକାରୀ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନଥିଲା। ପରବର୍ତ୍ତୀ ସମୟରେ ନିର୍ବାଚନ ପରେ ନୂତନ ବିଧାୟକ ତଥା ବିଜେପି ବ୍ରହ୍ମପୁର ବିଧାୟକ କେ ଅନିଲ କୁମାରଙ୍କ ସହ ସାକ୍ଷାତକାର କରି ସମସ୍ତ ସମସ୍ୟା ଗୁଡ଼ିକ ବିଷୟରେ ଅବଗତ କରାଇ ଥିଲେ। ସମସ୍ୟା ଗୁଡ଼ିକ ବିଷୟରେ ଅବଗତ ହେବା ପରେ ସେ ଏହାକୁ ଦୃଷ୍ଟିରେ ରଖି ଏକ ଯୁଦ୍ଧକାଳୀନ ଭିତ୍ତିରେ ନିଷ୍ପତି ନେଇ ମନ୍ଦିରର ଉଭୟ ରୋଷେଇ ଘର ଓ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ଅର୍ଥ ପ୍ରଦାନ ପାଇଁ ସୀକୃତ ପ୍ରଦାନ କରିଥିବା ସହ ଶୁଭ ଭୂମି ପୂଜନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଆଜି କମିଟିର ସଭାପତି ସମ୍ପାଦକଙ୍କ ସମେତ ଅନ୍ୟ ସଦସ୍ୟ ଏବଂ ଅଞ୍ଚଳର ବହୁ ଭକ୍ତ ବୃନ୍ଦ ମାନଙ୍କ ଉପସ୍ଥିତିରେ ଆଜି ଭୂମି ପୂଜନ ବିଧି ସମ୍ପନ୍ନ ହୋଇଥିଲା, ଯାହାକୁ ନେଇ କମିଟି ପକ୍ଷରୁ ମାନ୍ୟବର ବିଧାୟକଙ୍କୁ ସାଧୁବାଦ ଜଣାଇବା ସହ ନିର୍ମାଣ କାର୍ଯ୍ୟକୁ ଅତିଶୀଘ୍ର ସାରିବାକୁ ନିର୍ଦ୍ଦେଶ ପାଇଁ ଅନୁରୋଧ କରିଥିଲେ। ଏନେଇ ବିଧାୟକ ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟକୁ ଏକ ମାସ ମଧ୍ୟରେ ସମାପ୍ତ କରିବାକୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବଦ୍ରି ନାରାୟଣ ନାୟକ, ଜି ଉମାପତି ଆଚାରୀ, ସୁରେନ୍ଦ୍ର ସେନାପତି, ରମେଶ ସେନାପତି, ରମେଶ ପାତ୍ର, ଲାଲୁ ବେହେରା, ଗୋପୀ ସେଠି, ଶ୍ରୀନିବାସ, ବାବୁଲି, ସୁଦାମ, ପ୍ରସାଦ, ଲକ୍ଷ୍ମୀ ନାରାୟଣ, କୈଳାଶ, ପବିତ୍ର, ରାମ କୃଷ୍ଣ, ଶିବ ଶଙ୍କର, ଚନ୍ଦ୍ର ଶେଖର, କୋରା, ଗଦାଧର, ମଙ୍ଗଳ, ମହେନ୍ଦ୍ରଙ୍କ ଅନ୍ୟ ମାନେ ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଆହତ

ନନ୍ଦାହାଣ୍ଡି, ୧୭।୧୧:(ମନ୍ଥନ)ହିଂସ୍ର ପ୍ରାଣୀ ଜଙ୍ଗଲରେ ରହିବା ଠାରୁ ଆରମ୍ଭ କରି ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ଜଙ୍ଗଲ ବିଭାଗ ଦ୍ୱାରା କରାଯାଉଛି। ଅପର ପକ୍ଷରେ ଅଞ୍ଚଳରେ ମକା ଓ ଆଖୁ ଚାଷ ପ୍ରବଳ ମାତ୍ରାରେ ହେଉଥିବାରୁ ଜଙ୍ଗଲମୟ ହୋଇଯାଉଛି ଅଧିକାଂଶ ଅଞ୍ଚଳ। ଯାହାକି ଭାଲୁମାନେ ବିଚରଣ ପାଇଁ ପରିବେଶ ଉପଯୋଗୀ ହେଉଛି। ତେଣୁ ଦିନକୁ ଦିନ ଗାଁ ଗହଳିରେ ମଧ୍ୟ ଭାଲୁମାନ ବୁଲୁଥିବା ଦେଖାଯାଉଛି। ନନ୍ଦାହାଣ୍ଡି ବ୍ଲକ ବି.ମାଳିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଗରଡୁଗୁଡ଼ା ଓ ଏକମ୍ବା ମଝି ରାସ୍ତା ଉପରେ ଯୁବକ ଜଣକୁ ହଠାତ୍ ଭାଲୁ ଆକ୍ରମଣ କରିଥିଲା। ଯୁବକ ଜଣକ ଶଗୁନ କୁମାର(୨୮) ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ, ଇନ୍ଦ୍ରାବତୀ ନଦୀରେ ଗରଡୁଗୁଡ଼ା ନିକଟରେ ଓସିସି କମ୍ପାନୀ ଦ୍ୱାରା ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଉକ୍ତ କାର୍ଯ୍ୟରେ ବିହାର ରାଜ୍ୟରୁ ଆସି କାମକରୁଥିବା ଶ୍ରମିକ ବୋଲି ଆହତ ଜଣକ ଜଣାପଡିଛି। ରବିବାର ସଉଦା କିଣିବା ପାଇଁ ବି.ମାଳିଗୁଡ଼ା ଗ୍ରାମକୁ ଯାଇ ରାତିରେ ନିଜ କ୍ୟାମ୍ପକୁ ବାଇକ ଯୋଗେ ଫେରୁଥିଲେ। ସେଠାରେ ଭାଲୁ ସହ ମୁହାମୁହିଁ ହେବାରୁ ଯୁବକ ଜଣକୁ ଗୁରୁତର ଭାବେ ଆକ୍ରମଣ କରିଥିଲା। ସ୍ଥାନୀୟ ଦୁଇ ଜଣ ଯୁବକ ଯଥା ତୁଳାରାମ ହରିଜନ ଓ ଘାସିରାମ ହରିଜନ ମାନବିକତା ଦେଖାଇ ଆହତକୁ ନିଜ କାର ଯୋଗେ ନବରଙ୍ଗପୁର ମୁଖ୍ୟ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରି ଥିଲେ। ମେଡ଼ିକାଲରେ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି।

## ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କ୍ୟାରିଅର ମେଳା ପଥ ପ୍ରଦର୍ଶକ

ବ୍ରହ୍ମପୁର,୧୭।୧୧:(ମନ୍ଥନ)ରାଳବ ସ୍ଥିତ ସଂକଳ୍ପ ସିନିୟର ସେକେଣ୍ଡାରୀ ସ୍କୁଲ ଓ ଭୁବନେଶ୍ୱର କ୍ୟାରିଅର ମ୍ୟାପର ମିଳିତରେ ଶନିବାର ସ୍କୁଲ କ୍ୟାମ୍ପସରେ ପଥ ପ୍ରଦର୍ଶକ ନାମକ ଏକ କ୍ୟାରିଅର ମେଳାର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ଚେୟାରମେନ ଶ୍ରୀ ଇ.ଟି ରାଓ, ସିଇଓ ଶ୍ରୀମତୀ ଇ. ସ୍ୱର୍ଣ୍ଣଲତା, ନିର୍ଦ୍ଦେଶକ ଶ୍ରୀ ସାର୍ଥକ, ପ୍ରିନ୍ସିପାଲ୍ ଡକ୍ଟର ପଦ୍ମାଳୟା ଦାଶ ଚୌଧୁରୀ ଏବଂ କ୍ୟାରିଅର ମ୍ୟାପ୍ ପ୍ରତିଷ୍ଠାତା ଶ୍ରୀ ଯଶୋବନ୍ତ ନାରାୟଣ ସିଂହଲାଲ ପ୍ରମୁଖ ଏହି ମେଳାର ଉଦଘାଟନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ସରକାର ଏବଂ ୟୁନିସେଫ୍ ମାଷ୍ଟର କ୍ୟାରିଅର ବିଶେଷଜ୍ଞ ଶ୍ରୀ ଯଶୋବନ୍ତ ସିଂହଲାଲ କାର୍ଯ୍ୟକ୍ରମର ନେତୃତ୍ୱ ନେଇ ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କ କେଉଁ ପାଠ ପ୍ରତି ରୁଚି ରହିଛି ସେଇ ପାଠ୍ୟକ୍ରମକୁ ବୁଝିବା ସହ ସେମାନଙ୍କୁ ସେଇ ଦିଗପ୍ରତି ସଠିକ୍ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏନେଇ ସ୍କୁଲର ନିର୍ଦ୍ଦେଶକ ଶ୍ରୀ ସାର୍ଥକ ମତ ପ୍ରକାଶ କରିଛନ୍ତି ଯେ, ଏହି ମେଳାର ଲକ୍ଷ୍ୟ ହେଉଛି ଅଷ୍ଟମ ଠାରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକ ମାନଙ୍କୁ ବିଭାଗ-ୱାରି କ୍ୟାରିଅର ପରାମର୍ଶ ଏବଂ ବିବିଧ ଉଚ୍ଚ-ଶିକ୍ଷା ପଥ ସହିତ ପରିଚିତ କରାଇବା ହିଁ ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମେଡିକାଲ, ଆଇଜର, ଏନ୍ ଆଇ ଏଫ୍ ଟି, ସମେତ ୧୨ଟି ବିଶ୍ୱବିଦ୍ୟାଳୟ ଏବଂ ବ୍ରହ୍ମପୁରର ବିଭିନ୍ନ ସ୍କୁଲ ଏବଂ କଲେଜରୁ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## ରାଜନୀତି ବିଜ୍ଞାନ ବିଭାଗର ଅଭିଭାବକ-ଶିକ୍ଷକ ସଂଘ ବୈଠକ

ବୁଗୁଡା,୧୭।୧୧:(ମନ୍ଥନ)ସ୍ଥାନୀୟ ଫିଫୁଲ୍ସକଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱପରିସରରେ ଅଭିଭାବକ-ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଅଧ୍ୟାପକ ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳଙ୍କ ସମେତ ବିଭାଗୀୟ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଯୋଗ ଦେଇଥିଲେ। ଉକ୍ତ ବୈଠକ କାଳରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ବୌଦ୍ଧିକ ବିକାଶରେ ଅଭିଭାବକ ଏବଂ ଶିକ୍ଷକଙ୍କ ଆବଶ୍ୟକୀୟ ଭୂମିକା ସମ୍ପର୍କେ ବ୍ୟାପକ ଆଲୋଚନା କରାଯାଇଥିଲା। ଏଥିସହ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ସର୍ବନିମ୍ନ ଉପସ୍ଥାନ ୭୫% ଜରୁରୀ ହେତୁ ଅହେତୁକ ଅନୁପସ୍ଥିତି ପ୍ରତି କଡା ଆଭିମୁଖ୍ୟ ଗ୍ରହଣ ନିମନ୍ତେ ସର୍ବସମ୍ମତି ପ୍ରକାଶ ପାଇଥିଲା। ଉକ୍ତ କାର୍ଯ୍ୟକ୍ରମର ପରିଶେଷରେ ଛାତ୍ର ସୋମ୍ୟ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ସମ୍ପାଦକୀୟ

# ନୂଆପଡ଼ା ବିଜୟ

ନୂଆପଡ଼ା ବିଧାନସଭା ଆସନ ପାଇଁ ଅନୁଷ୍ଠିତ ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ୮୩ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହା ସହିତ ବିଧାନସଭାରେ ବିଜେପିର ସଭ୍ୟ ସଂଖ୍ୟା ୭୯କୁ ବୃଦ୍ଧି ପାଇଛି ଏବଂ ମୋହନ ମାଝୀଙ୍କ ନେତୃତ୍ୱାଧିନ ସରକାର ଅଧିକ ସୁଦୃଢ଼ ହୋଇଛି। ଏହି ଉପନିର୍ବାଚନରେ ମୋଟ ୧୪ଜଣ ପ୍ରାର୍ଥୀ ଥିଲେ ମଧ୍ୟ ମୁକାବିଲା ମୁଖ୍ୟତଃ ବିଜେପି, ବିଜେଡି ଓ କଂଗ୍ରେସ ମଧ୍ୟରେ ହେଉଥିଲା। ବିଜେଡିର ସ୍ୱର୍ଗତ ରାଜନ୍ଦ୍ରେ ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ବିଜେପିରେ ସାମିଲ ହୋଇ ଏହି ଦଳର ପ୍ରାର୍ଥୀ ହୋଇଥିବା ବେଳେ ବିଜେଡି ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଏଠାରେ ପ୍ରାର୍ଥୀ କରିଥିଲା। ଛୁରିଆଙ୍କ ଘର ନୂଆପଡ଼ାରେ ନୁହେଁ। ତେଣୁ ତାଙ୍କୁ ପ୍ରାର୍ଥୀ କରି ବିଜେଡି ନୂଆପଡ଼ାକୁ ଜାଣିଶୁଣି ବିଜେପିକୁ ଟେକିଦେଲା ବୋଲି କୁହାଯାଉଛି। ତେବେ ନିର୍ବାଚନ ପ୍ରଚାର ଶେଷ ଆଡ଼କୁ ବିଜେଡିର ସ୍ଥିତିରେ ସୁଧାର ଆସିଥିଲା। ନିଜେ ନବୀନ ଦୁଇ ଦୁଇ ଥର ନୂଆପଡ଼ା ଗସ୍ତରେ ଯାଇ ଦଳ ପାଇଁ ପ୍ରଚାର କରିଥିଲେ। ଏଭଳି ମନେ ହେଉଥିଲା ଯେମିତିକି ନୂଆପଡ଼ାରେ ବିଜେଡି ବାଜିମାତ କରିଯାଇପାରେ। ଗତ ବର୍ଷ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବିଜେଡି ୧୦ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲା। କିନ୍ତୁ ଉପନିର୍ବାଚନରେ ଏହାର ଭୋଟ ପ୍ରାୟ ୪୦ ପ୍ରତିଶତ ହ୍ରାସ ପାଇବା ସହିତ ଏହା ତୃତୀୟ ସ୍ଥାନକୁ ଖସିଆସିଲା। ଦ୍ୱିତୀୟ ସ୍ଥାନରେ ଥିବା କଂଗ୍ରେସ ମୂଳରୁ ନୂଆପଡ଼ାରେ ଫେଭିରିଟ ଥିଲା। ଲାଗୁଥିଲା ବିଧାନସଭରେ କଂଗ୍ରେସର ସଭ୍ୟସଂଖ୍ୟା ଏଥର ୧୫କୁ ବଢ଼ିବ। ଦଳ ପକ୍ଷରୁ ଏଥର ଘାସିରାମ ମାଝୀଙ୍କୁ ପ୍ରାର୍ଥୀ କରାଯାଇଲା ଯିଏ କି ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇ ୫୦ ହଜାରରୁ ଅଧିକ ଭୋଟ ପାଇଥିଲେ। ନୂଆପଡ଼ାରେ କଂଗ୍ରେସର ସ୍ଥିତି ସେତେ ସୁଦୃଢ଼ ନୁହେଁ। କିନ୍ତୁ ଘାସିରାମଙ୍କ ବ୍ୟକ୍ତିଗତ ଲୋକପ୍ରିୟତା ଏବଂ ଜନସମ୍ପର୍କ ବେଶ ଭଲ। ଯଦି ୨୦୨୪ ସାଧାରଣ ନିର୍ବାଚନରେ ଘାସିରାମ କଂଗ୍ରେସ ପ୍ରାର୍ଥୀ ହୋଇଥାଆନ୍ତେ ତେବେ ହୁଏତ ସେ ବିଜୟୀ ହୋଇଥାଆନ୍ତେ। କିନ୍ତୁ ତତ୍କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ଘାସିରାମଙ୍କୁ ଟିକେଟ ନଦେଇ ନିଜେ ପ୍ରାର୍ଥୀ ହେଲେ ଏ୧ବଂ ନିର୍ବାଚନରେ ଚତୁର୍ଥ ସ୍ଥାନକୁ ଖସିଆସିଲେ। ଘାସିରାମ ଏହି ନିର୍ବାଚନରେ ୫୦ ହଜାରରୁ ଅଧିକ ଭୋଟ ପାଇଥିବା ବେଳେ ଶରତ ପଟ୍ଟନାୟକ କଂଗ୍ରେସ ପ୍ରାର୍ଥୀ ଭାବେ ୧୫ ହଜାରରରୁ ସାମାନ୍ୟ ଅଧିକ ଭୋଟ ପାଇଥିଲେ। ସେହି ନିର୍ବାଚନରେ ବିଜୟୀ ହୋଇଥିବା ବିଜେଡିର ରାଜେନ୍ଦ୍ର ଢୋଲକିଆ ୬୧ ହଜାର ଭୋଟ ପାଇ ବିଜୟୀ ହୋଇଥିଲେ। ଯଦି ଘାସିରାମ କଂଗ୍ରେସ ପ୍ରାର୍ଥୀ ହୋଇଥାଆନ୍ତେ ତେବେ ଗାଣିକି ହିସାବରେ ସେ ୬୫ ହଜାରରୁ ଅଧିକ ଭୋଟ ପାଇ ବିଜୟୀ ହୋଇଥାଆନ୍ତେ। ତେଣୁ ଆଶା କରାଯାଉଥିଲା ଯେ, ଉପନିର୍ବାଚନରେ ଘାସିରାମ ବାଜିମାତ କରିପାରନ୍ତି। ସାଧାରଣ ନିର୍ବାଚନରେ ନୂଆପଡ଼ାରେ ବିଜେପି ପ୍ରାର୍ଥୀ ୪୦ ହଜାର ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ତେବେ ଉପନିର୍ବାଚନରେ ଦଳର ସ୍ଥିତସି ପୁରା ବଦଳିଗଲା। ବିଜେପିର ୪୦ ହଜାର ଭୋଟ ସହିତ ଢୋଲକିଆ ଉଭୟ ବିଜେଡି ଓ କଂଗ୍ରେସର କିଛି ଭୋଟ ଟାଣିଲେ। ଏହା ଫଳରେ ସେ ଲକ୍ଷାଧିକ ଭୋଟ ପାଇ ୮୩ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଜିତିଲେ। ସାଧାରଣତଃ ଉପନିର୍ବାଚନରେ ଜନାଦେଶ ଶାସକ ଦଳ ସପକ୍ଷରେ ଯାଇଥାଏ। ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱାଧିନ ସରକାରର କାର୍ଯ୍ୟକାଳ ଆଉ ପ୍ରାୟ ସାଢ଼େ ତିନି ବର୍ଷ ରହିଛି। ଏଭଳି ପରିସ୍ଥିତସିରେ ନୂଆପଡ଼ାବାସୀ ନିଜ ଅଞ୍ଚଳର ବିକାଶ ନିମନ୍ତେ ଶାସକ ଦଳକୁ ଭୋଟ ଦେବାରେ କିଛି ଅସ୍ୱାଭାବିକତା ନାହିଁ। ବିଜେଡି ଓ କଂଗ୍ରେସକୁ ଭୋଟ ଦେଇ ସେମାନେ ନିଜ ଭୋଟକୁ ନଷ୍ଟ କରିବାକୁ ଚାହିଁଲେ ନାହିଁ। ଦ୍ୱିତୀୟରେ ଶାସକ ଦଳ ଏହି ଉପନିର୍ବାଚନରେ ବିଜୟୀ ହେବା ଲାଗି ସବୁ କିଛି ବାଜି ଲଗାଇ ଦେଇଥିଲା। ଏହି ଉପନିର୍ବାଚନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଇଁ ଏକପ୍ରକାର ସମ୍ମାନର ପ୍ରଶ୍ନ ଥିଲା। ମୁଖ୍ୟମନ୍ତ୍ରୀ ଭାବେ ଏହା ଥିଲା ତାଙ୍କର ପ୍ରଥମ ପରୀକ୍ଷଣ। ତେଣୁ ସେ ନିଜର ପୁରାମ ଦମ ନୂଆପଡ଼ାରେ ଲଗାଇଦେଲେ। ସେହିପରି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପାଇଁ ମଧ୍ୟ ଏହା ଏକ ପ୍ରକାର ପରୀକ୍ଷା ଥିଲା। ଏହି ପରୀକ୍ଷାରେ ସେ ପୁନର୍ବାର ସଫଳ ହୋଇଛନ୍ତି। ଗୋଟିଏ ବାକ୍ୟରେ କହିଲେ ନୂଆପଡ଼ାରେ ମୋହନ-ମନମୋହନ ଯୋଡ଼ି ସୁପରହିଟ ହୋଇଛି। ବିଜେପି କେନ୍ଦ୍ରୀୟ ନେତୃତ୍ୱ ଏଥିଲାଗି ଉଭୟ ମୋହନଙ୍କୁ ପୁରସ୍କୃତ କରିପାରନ୍ତି। ମୋହନ ମାଝୀଙ୍କ ଆସନ ଏବେ ନିଷ୍କଟଙ୍କ ହୋଇଥିବା ବେଳେ ମନମୋହନ ଶୀଘ୍ର କିଛି ବଡ଼ ପଦ ପାଇପାରନ୍ତି। ରାଜ୍ୟ ସଭାପତି ଭାବେ ତାଙ୍କର ସଫଳତା ଓଡ଼ିଶାରେ ବିଜେପି ପାଇଁ ଐତିହାସିକ ସାବ୍ୟସ୍ତ ହୋଇଛି। ନୂଆପଡ଼ାରେ ବିଜେପିର ଜୟଯାତ୍ରା ରାଜ୍ୟ ରାଜନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଆଗାମୀ ଦିନରେ ଏହା ରାଜ୍ୟର ରାଜନୈତିକ ସମୀକରଣକୁ ବଦଳାଇବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି କରିଛି। ଜୟଙ୍କ ଭଳି ଆଗକୁ ବିଜେଡିର ଅନେକ ନେତା ପଦ୍ମ ଧରିପାରନ୍ତି। ରାଜ୍ୟ ରାଜନୀତି ଏବେ ମୋଡ଼ ବଦଳାଉଛି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଯିଏ ସଠିକ ନିଷ୍ପତ୍ତି ନେବ ସିଏ ତିଷ୍ଠିବ।

# ବିଶ୍ୱତ୍ରାଣ ସତ୍ୟସାଇ

**ଇଂ.ସଚ୍ଚିଦାନନ୍ଦ ନନ୍ଦ ■**

ଭ[illegible] ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋ[illegible] ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସସ୍ଥାନ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି।

ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଧାରିତ ପଥ ଅବଲମ୍ବନ କରି କଷ୍ଟକର ଜୀବନ ଇଷ୍ଟନିଷ୍ଠ ଜୀବନରେ ପରିଣତ ହୋଇଛି। ନୈତିକତା ହୀନ ପରିବାର ଉଚ୍ଛନ୍ନ ହୋଇଯିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡ଼ିକୁ ପୁର୍ନବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି। ସାଧାରଣ ଘର ଗୁଡ଼ିକ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହୋଇପାରିଛି। ଏଭଳି ବ୍ୟକ୍ତିଗତ ଉପକାର ସଙ୍ଗେ ସଙ୍ଗେ ସାମାଜିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏପରିକି ଜାତିସଂଘ ମାଧ୍ୟମରେ ବି ସାଇ ତାଙ୍କ ଶିକ୍ଷାର ଚମତ୍କାରିତା ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ପୃଥିବୀର ଅଶେଷ ଉପକାର କରିପାରିଛନ୍ତି। ପ୍ରତି ପାଞ୍ଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧ୍ୟାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପାନ୍ତରିତ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧ୍ୟାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉନ୍ମେଷ ବିଧାନ କରି ଯେଉଁ ପରମ ମଙ୍ଗଳ ସାଧି ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିଥିବେ।ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ। କେବଳ କଥାରେ ଉପଦେଶ ନଦେଇ କାମରେ ଦେଖାଇ ଯେଉଁ ଉଦାହରଣ ଉପସ୍ଥାପନ କରିଦେଇଛନ୍ତି ତାହା କାଳ କାଳକୁ କେବଳ ଲୋକମାନଙ୍କୁ ନୁହେଁ ସରକାର ମାନଙ୍କୁ ମଧ୍ୟ ମାର୍ଗ ପ୍ରଦର୍ଶନ କରୁଥିବ। ଅଷ୍ଟମ ଶ୍ରେଣୀ ଯାଏ ପାଠ ତାହା ପୁଣି ଆନ୍ଧ୍ରପ୍ରଦେଶର ଉପାନ୍ତ ଅଞ୍ଚଳର ଅନ୍ଧାରୀମୂଳକର ଏକ ଅନାମଧେୟ ବିଦ୍ୟାଳୟରେ। ସେଭଳି ବ୍ୟକ୍ତିର କଥାରେ, ଭାଷଣରେ ଓ ଉପଦେଶରେ କି ଶକ୍ତି ଥିଲା ଯେ ତାହା ଦେଖୁ ଦେଖୁ ବିଶ୍ୱ ସାରା ପ୍ରସରି ଗଲା। ପୃଥିବୀର ସମସ୍ତ ଭାଷାରେ ଅନୁଦିତ ହୋଇଗଲା, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୃଷ୍ଟିଶକ୍ତି ବାଧିତ ମାନଙ୍କ ପାଇଁ ବ୍ରେଲ୍‌ରେ ମଧ୍ୟ ବହି ଛପା ହୋଇଗଲା। ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାହାକୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ୍ୟ ମନ ହୃଦୟର ତନ୍ତ୍ରୀ କମ୍ପିଉଠେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ସ୍ପର୍ଶନ ଓ ସମ୍ଭାଷଣ ପାଇବା ପାଇଁ ବିଶ୍ୱବାସୀ ମଧ୍ୟ ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚର୍ମଚକ୍ଷୁକୁ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଗଲେ। ଇତିମଧ୍ୟରେ ସତ୍ୟସାଇଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲି ନିଜ ଜୀବନ ସହ ସାମାଜିକ ଜୀବନକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି ବିଶ୍ୱର କୋଟି କୋଟି ଆଶ୍ରିତ। ଏବଂ ଏହି କର୍ମ ମାଧ୍ୟମରେ ସାଇ ଶକ୍ତି ଭଳି ଏକ ଦିବ୍ୟ ଶକ୍ତିର ବଚନକୁ କର୍ମ ରୂପ ଦେଇ ଆତ୍ମ ଶାନ୍ତି ଲାଭ କରି ଜୀବନର ପରମ ଲକ୍ଷ୍ୟରେ ଉପନୀତ ହେବାପାଇଁ ସେମାନେ ଶତତ ଚେଷ୍ଟିତ।

ଅଭାବୀ ଲୋକଙ୍କର ଅଭାବ ଦୂର କରିବା (ମାନସିକ ସ୍ତର, ଆର୍ଥିକ ସ୍ତର, ସାମାଜିକ ସ୍ତର)ର ଶିକ୍ଷାର ଆଲୋକ ପାଉନଥିବା ଅଞ୍ଚଳରେ ତାହା ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଅସୁସ୍ଥତାରେ ଔଷଧ ଯୋଗାଇବା, ଶୁଶ୍ରୁଷା କରିବା, ଅନୁକମ୍ପା ଓ ଆଶ୍ୱାସନା ମାଧ୍ୟମରେ ମଣିଷର ଯେ ଉଧାର ସମ୍ଭବ ଏହା ମଧ୍ୟ କୋଟି କୋଟି ଲୋକ ଉପଲବ୍ଧି କଲେଣି। ସତ୍ୟସାଇଙ୍କ ପ୍ରଦତ୍ତ ବାଣୀ 'ମାନବ ସେବା ହିଁ ମାଧବ ସେବା'କୁ ଆଧାର କରି ସେବା କରୁ କରୁ ଦିନେ ମଣିଷ ଉପଲବ୍ଧି କରିବ ଯେ ମାନବ ହିଁ ମାଧବ, ମଣିଷ ହିଁ ଭଗବାନ। ସେ କେବଳ ଏତିକିରେ ଅଟକି ଯିବନାହିଁ ମଣିଷ ସହ ସୃଷ୍ଟିର ପ୍ରତ୍ୟେକ ଜୀବ ଠାରେ ଈଶ୍ୱର ସତ୍ତା ବିଦ୍ୟମାନ, ସେ କ୍ଷେତ୍ରରେ ଆମ କର୍ତ୍ତବ୍ୟ କ'ଣ ତାହା ମଧ୍ୟ ଅନୁଭୂତିରେ ଆସିଯିବ। ଏହି ଆଧ୍ୟାତ୍ମିକ ଜ୍ଞାନ ମଣିଷକୁ ମଣିଷ ଜନ୍ମର ଗୁରୁତ୍ୱ ଓ ଏ ଜନ୍ମର ସାର୍ଥକତା ବାବଦରେ ସଚେତନ କରିଦେବ। ଛୋଟିଆ ଛୋଟିଆ ସେବା କରୁ କରୁ ସ୍ୱର୍ଗ ଆସି ହାତପାହାନ୍ତାରେ ମିଳିଯିବ ଏହା ହିଁ ସତ୍ୟସାଇଙ୍କ ବାଣୀ ଓ ଉପଦେଶରେ ଅନ୍ତର୍ନିହିତ ତାତ୍ପର୍ଯ୍ୟ। ମଣିଷ ଜନ୍ମ ହୋଇପଡ଼ିଲା ମାତ୍ରେ ପରିବାର ପ୍ରତି ଋଣୀ ହୋଇପଡ଼େ। ବହୁ ଲୋକଙ୍କ ବହୁ ପ୍ରକାର ସେବା ଓ ସାହାଯ୍ୟ ଲାଭ କରି ବଢ଼େ, ନିଜ ପରିଚୟ ସୃଷ୍ଟି କରେ, ନିଜ ଗୋଡରେ ନିଜ ଦଣ୍ଡାୟମାନ ହୁଏ, ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଠାରୁ କିଛି ନା କିଛି ପ୍ରକାର ସାହାଯ୍ୟ ଓ ସେବା ପାଇଥାଏ। ସାଧାରଣ ନିୟମ ଅନୁସାରେ ସେ ଋଣମୁକ୍ତ ହେବା ପାଇଁ ସମାଜର ଓ ପରିବାରର ସେବା କରିବା ଉଚିତ। ଯଦି ଜଣେ ଆଧ୍ୟାତ୍ମିକ ପାରଦର୍ଶିତା ଆଶା କରୁଥାଏ ତାହାକୁ ଅଧିକରୁ ଅଧିକ, ଅଧିକ ପ୍ରେମର ସହିତ, ଅଧିକ ଆନନ୍ଦଦାୟକ, ଅଧିକ କାଳ ପାଇଁ ସ୍ଥାୟୀ ସେବା ପ୍ରଦାନ କରିବାକୁ ହୁଏ। ଅଳ୍ପରୁ ଆରମ୍ଭ କରି ଅଧିକରେ ପହଞ୍ଚିବା ସମ୍ଭବ। ଧୈର୍ଯ୍ୟ ଓ ପ୍ରାର୍ଥନା ଏଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ। ଭଗବାନ ବାବାଙ୍କର ଏହି ବାଣୀ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଚରୈବେତି ଚରୈବେତି ନୀତିରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ। ସର୍ବୋପରି ପ୍ରଭୁ କୃପା ଆମର ସହାୟ ହେଉ, ବାଟ କଢ଼ାଇ ନେଉ।

ସମ୍ପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ' ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫

# କାନ୍ଥ : ମୃଣ୍ମୟ ଶିଳାର ସମାହାର ନୁହଁ ଅଟେ ଚିନ୍ମୟ ଚିନ୍ତନର ଆଧାର

**ବିଜୟଲକ୍ଷ୍ମୀ ଶତପଥୀ**

ଅନ୍ୟମନସ୍କ ହୋଇ ହଜି ଯାଇଥିଲି ଅତୀତର ଏକ ସ୍ମୃତିରେ। ଏକ ଲୟରେ କାନ୍ଥକୁ ଦେଖୁ ଦେଖୁ ସ୍ମୃତି ରାଇଜରେ ଭ୍ରମଣ କରୁଥିଲି। ହଁ, ମନେ ପଡୁଥିଲା ବାପା ଆମ ମାନଙ୍କୁ କହିଥିବା କାହାଣୀର ନାୟକ ଫତେ ସିଂ, ଜୋରାବର ସିଂହଙ୍କ କଥା। ଯେତେବେଳେ ବାପା ଆମକୁ ତାଙ୍କ ବୀରତ୍ୱର ଗାଥା ଶୁଣାଉଥିଲେ, ଟିକି ହୃଦୟ ସେ ଆଜନ୍ମ ବାଳ ଦେଶ ଭକ୍ତଙ୍କ ଦେଶ। ପ୍ରୀତିକୁ ନମନ କରୁଥିଲା, ଦେଶ ପ୍ରେମରେ ଉଦବୁଦ୍ଧ ହେଉଥିଲା। ଆଜି ସତେ ଯେମିତି ମୋ ସମ୍ମୁଖସ୍ଥ କାନ୍ଥ ହୋଇଯାଇଥିଲା ମୋ ପାଇଁ ସିନେମାର ଏକ ପ୍ରଚ୍ଛଦ ପଟ, ଯେଉଁଠୁ ଫତେ ସିଂ ଓ ଜୋରାବର ସିଂଙ୍କ ଆତ୍ମ ସନ୍ତୋଷ ଭାବକୁ ମୁଁ ମନ ଭରି ଉପଭୋଗ କରୁଥିଲି। ସେ ଦିନ ତାଙ୍କ ଆତ୍ମ ବିଶ୍ୱାସର ସୁଦୃଢ଼ ଭିତ୍ତିଭୂମି ତାଙ୍କୁ ଦେଶ ମାତୃକା ପାଇଁ ବଳିଦାନ ଦେବାରେ ଆତ୍ମ ସନ୍ତୁଷ୍ଟି ପ୍ରଦାନ କରୁଥିଲା, ତ୍ୟାଗର ସୁଉଚ୍ଚ ଛାତ ଆତ୍ମୋପଲବ୍ଧିର ମାର୍ଗ ପ୍ରଶସ୍ତ କରିଥିଲା। ସାମାନ୍ୟ ଦୁର୍ବଳ ଭିତ୍ତିଭୂମିର ସେହି ଦୁର୍ବଳ କାନ୍ଥ କି ତାଙ୍କ ଶୌର୍ଯ୍ୟ, ବୀର୍ଯ୍ୟ ପରାକ୍ରମକୁ ଲୁଚେଇ ଦେଇପାରେ? ଇତିହାସ ପୃଷ୍ଠାରୁ ପୋଛି ଦେଇପାରେ?

ପୁଣି ହଜିଯାଏ ନିର୍ନିମେଶ ନୟନରେ ସେ କାନ୍ଥର ଅବଲୋକନରେ। ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଉପଦେଶ ଅନୁରଣୀତ ହୁଏ। ଆତ୍ମବିଶ୍ୱାସର ନିହ, ଆତ୍ମ ସନ୍ତୁଷ୍ଟିର କାନ୍ଥ ଓ ତ୍ୟାଗର ଛତା ବିନା ଗୃହ ନିର୍ମାଣ ଅସମ୍ଭବ ଭଳି ଏହା ଜୀବନରେ ଆତ୍ମୋପଲବ୍ଧିର ମାର୍ଗ ପ୍ରଶସ୍ତ କରିଥାନ୍ତି। ଯେତେ ମଜବୁତ ଭିତ୍ତିଭୂମି, କାନ୍ଥ ଓ ଛାତ ସେତେ ସୁନ୍ଦର ଭବନ। ସୁଦୃଢ଼ କାନ୍ଥ ତୁଲ୍ୟ ଆତ୍ମ ସନ୍ତୋଷରେ ବିଭୋର ମଣିଷ ହିଁ ଲଭେ ସାର୍ଥକ ଜୀବନ। ତାହା ହିଁ ତାକୁ ତ୍ୟାଗପୂତ ଜୀବନ ପାଇଁ ପ୍ରେରିତ କରେ। ଆଜି କାହିଁକି ଲାଗୁଛି ଏଇ ସାମାନ୍ୟ କାନ୍ଥ ମୋତେ ଅସାମାନ୍ୟ ଶିକ୍ଷା ଦେଇ ଚାଲିଛି। ପ୍ରଭୁଙ୍କ ବାଣୀକୁ ଆହୁରି ଗଭୀର ଭାବରେ ବୁଝେଇବାକୁ ସହାୟ ହେଉଛି।

ସାମାନ୍ୟ? ସାମାନ୍ୟ କେମିତି କହିପାରେ ତାକୁ? ସେ କଣ ଏକ ମୃଣ୍ମୟୀ ଶିଳାର ରୂପ? ଇସ କି କଙ୍କର କଙ୍କର ଶଙ୍କର ହେ... ବାଲି ମୋ ଭାରତୀର ଆମେ ଜୟ ଗାନ କରୁ, ସବୁରି ଭିତରେ ଏକ ଈଶ୍ୱର ସତ୍ତାର ଅନୁଭବର ଶିକ୍ଷା ଦିଏ ଆମ ସଂସ୍କୃତି। ଯେଉଁ କାନ୍ଥରୁ ପ୍ରହଲ୍ଲାଦର ଆକୁଳ ପ୍ରାର୍ଥନାରେ ଚିନ୍ମୟ ସ୍ୱରୂପଙ୍କ ଆବିର୍ଭାବ ହୋଇପାରେ ଆଜି ମୁଁ ସେହି କାନ୍ଥ ସହ କଥା ହୋଇ ଚାଲିଛି। ବିନା ବାକ୍ୟ ସ୍ଫୁରଣରେ ସତେ ଯେମିତି ଅନେକ କିଛି କହି ଦେଉଛି। ମୋର ସେ ଆଜି ପାଲଟି ଯାଇଛି ଅନ୍ତରଙ୍ଗ ସଖା। ମୌନ ରହି କେତେ ଶିକ୍ଷା ଦେଇ ଯାଉଛି। ହଠାତ୍ କାହାର ଆଃ ଶବ୍ଦ ମୋତେ ପ୍ରକୃତିସ୍ଥ କରେ। ଦେଖେ ତ ପୁରୁଣା ଜଣେ ବନ୍ଧୁ ମୋତେ ଖୋଜି ଖୋଜି ଆସି ମୋତେ କାନ୍ଥ ସହ ନିର୍ଲିପ୍ତ ଦେଖି କାନ୍ଥକୁ ପ୍ରହାର କରୁଛନ୍ତି, ତାଙ୍କ ମୋ ଭିତରେ ତାକୁ ବାଧକ ମନେ କରି। ସତରେ ନିଜ ରାଗ, ରୋଷ, ଅଭିମାନ ପ୍ରଦର୍ଶନ ସବୁଥିରେ ଯେମିତି ଏହି କାନ୍ଥ ହିଁ ଆମର ବନ୍ଧୁ। ଆମ ଅଳି, ଗାଳି, ଗେଲ ସବୁର ନୀରବ ଦ୍ରଷ୍ଟା, ମୁକ ସାକ୍ଷୀ। ବିଜୁଳି ବେଗରେ ଏକ ଚିନ୍ତନ ମୋ ହୃଦୟ ମାନସରେ ସଂଚାରିଗଲା। ମୁଁ ଯଦି ସତରେ କାନ୍ଥ ଅନୁରୂପ ବ୍ୟବହାର କରି ଜାଣନ୍ତି, ନିର୍ବିକାର, ନିର୍ଲିପ୍ତତା ମୋତେ ଆବୋରି ରଖିଥାନ୍ତା, ଗୀତାର ଶ୍ଳୋକ ଦୁଃଖେଷୁ ଅନୁଦବିଗ୍ନ ମନା ସୁଖେଷୁ ବିଗତସ୍ପୃହ ମୋ ଜୀବନରେ ପ୍ରତିଫଳିତ ହେଉଥାନ୍ତା। କାହାର ପ୍ରଶଂସାରେ ମୁଁ ଉତଫୁଲ୍ଲିତ ମଦ ମତ୍ତ ହୁଅନ୍ତି ନି କିମ୍ବା ନିନ୍ଦାର ପ୍ରଖର ବାକ୍ୟ ବାଣ ମୋବେ ବ୍ୟତବ୍ୟସ୍ତ କରି ପକାଉ ନଥାନ୍ତା।

ସାଙ୍ଗର କଷ୍ଟ ମୋତେ ବ୍ୟଥିତ କଲା। ସେ ସେତେବେଳେ ପର୍ଯ୍ୟନ୍ତ କଷ୍ଟ ପାଉଥାଏ। ତାର କଷ୍ଟ ନିବାରଣ ପାଇଁ ଉପଚାର ମଧ୍ୟରେ ସାଙ୍ଗ ସ୍ଥାନରେ ନିଜକୁ ରଖୁ ରଖୁ ଭାବୁକ ହୋଇଗଲି। ସମଗ୍ର ସଂସାର ଯଦି ଏକ କାନ୍ଥ ଭଳି ହୁଏ, କେବଳ ଆମ କର୍ମ, କଥା, ଚିନ୍ତା, ପ୍ରତିଫଳିତ, ପ୍ରତିଧ୍ୱନିତ ହୋଇ ଆମ ପାଖକୁ ଫେରିଆସେ। ମୁଁ ଯଦି କାହାକୁ କଷ୍ଟ ଦେବାକୁ ଚାହିଁବି, ତାହା ବୁମେରାଙ୍ଗ ଭଳି ମୋ ପାଖକୁ ହିଁ ଫେରିବ, କାହାକୁ ଯଦି ଭଲ ପାଇବି ବହୁ ଗୁଣିତ ହୋଇ ମୋ ପାଖକୁ ହିଁ ଫେରିବ। ମୋର ଏ ଭାବନା ଭିତରେ ବୁଡ଼ିଥିବା ଦେଖି ସାଙ୍ଗର ବିରକ୍ତି ମୋତେ ପୁଣିଥରେ ପ୍ରକୃତିସ୍ଥ କଲା। ସେ କହୁଥାଏ 'ଆରେ ମୁଁ ତୋ ସହ କଥା ହେଉଛି, କାନ୍ଥ ବାଡ଼ ସହ ନୁହଁ, ଉତ୍ତର କାହିଁକି ଦେଉନୁ?'। ସେତେବେଳେ ସାଙ୍ଗ ପ୍ରଶ୍ନ ମୋତେ ବାଧ କରୁଥାଏ ଭାବିବାକୁ ଯେ ସାମ୍ନାରେ ଥିବା ବ୍ୟକ୍ତିଙ୍କ ସହ କଥୋପକଥନ ସମୟରେ ସେହି ଅନୁରୂପ ବାକ୍ୟାଳାପ କରିବ ଯେମିତି କେହି ନିଜକୁ ଉପେକ୍ଷିତ ମନେ ନକରେ। ମୋ ଭାବନା ମୋ ସାଙ୍ଗକୁ ଜଣେଇବା ଭିତରେ ମନେ ମନେ କାନ୍ଥକୁ ଧନ୍ୟବାଦ ଦେଉଥାଏ। ଆଜିର ସମୟରେ ଗୃହର ଚାରି କାନ୍ଥ ମୋତେ କି ଶିକ୍ଷା ନଦେଲୁ ସତରେ। ଅନେକଙ୍କ ଘର କାନ୍ଥ ନୀଳ ରଙ୍ଗରେ ସୁଶୋଭିତ ଥାଏ। ଏହି ବିଶ୍ୱାସର ସହିତ ଯେ ନୀଳ ରଙ୍ଗର କାନ୍ଥ ଆମ ମସ୍ତିଷ୍କକୁ ଖୁବ ସକ୍ରିୟ ରଖେ। ନୀଳ କାନ୍ଥ ମଧ୍ୟ ଭାଗରେ ସୁନ୍ଦର ମୃଦୁମନ୍ଦ ହସ ହସ ମୁଖ ଓ ଅଭୟ ମୁଦ୍ରାରେ ଥିବା ଶ୍ରୀ ସତ୍ୟସାଇଙ୍କ ମନ ଲୋଭା ଚିତ୍ରପଟ ଖୁବ ଜୀବନ୍ତ ଲାଗୁଥାନ୍ତି ସେତେବେଳେ ମୋତେ ଆଉ ସତେ ଯେମିତି କାନ୍ଥକୁ ବି ଜୀବନ୍ତ କରି ଦେଇଛନ୍ତି ମୋ ପାଇଁ।

ଖରିଆର ରୋଡ଼, ନୂଆପଡ଼ା,

# ଶୀତରେ ସୁସ୍ଥ ହୃତ୍‌ପିଣ୍ଡ

**ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର**

ଶୀତଦିନେ ହୃଦ୍‌ଘାତ ଅଧିକ ହେବାର ମୁଖ୍ୟ କାରଣ ହେଉଛି ବାୟୁମଣ୍ଡଳରେ ତାପମାତ୍ରା ହ୍ରାସ। ହୃଦ୍‌ପିଣ୍ଡ ଅଧିକ କାର୍ଯ୍ୟ କରି ଶରୀରର ତାପମାତ୍ରା ଓ ବାହାରର ତାପମାତ୍ରାରେ ସନ୍ତୁଳନ ଆଣିବାରେ ଚେଷ୍ଟା କରେ। ହେଲେ ବାୟୁମଣ୍ଡଳର ତାପମାତ୍ରା କମ୍ ହେତୁ ଧମନୀ ସଙ୍କୁଚିତ ହୋଇଯାଏ। ଫଳରେ ହୃତ୍‌ପିଣ୍ଡକୁ ରକ୍ତପ୍ରବାହ ଓ ଅମ୍ଳଜାନ ପ୍ରବାହ ହ୍ରାସ ପାଏ। ଏହାଦ୍ୱାରା ହୃଦ୍‌ଘାତର ଆଶଙ୍କା ବଢ଼ିଯାଏ।

କମ୍ ବୟସ୍କଙ୍କ ଠାରେ ହୃଦ୍‌ଘାତ ଆଶଙ୍କା ବଢ଼ିଛି : ହୃଦ୍‌ଘାତ କେବଳ ବୟସ୍କ ଲୋକଙ୍କୁ ହୁଏ ତାହାନୁହେଁ, ଆଜିକାଲି କମ୍ ବୟସ୍କଙ୍କ ଠାରେ ଏହି ସମସ୍ୟା ଅଧିକ ଦେଖାଯାଉଛି। ଅନିୟମିତତା ଜୀବନଶୈଳୀ ପାଇଁ କମ୍ ବୟସ୍କ ପିଲା ଓ ବ୍ୟକ୍ତି ହୃଦ୍‌ଘାତର ଶିକାର ହେଉଛନ୍ତି। ଏକ ସର୍ଭେରୁ ଜଣାପଡ଼ିଥିଲା, ଭାରତରେ ୩୦ରୁ ୫୦ ବର୍ଷ ବୟସ୍କଙ୍କ ମଧ୍ୟରୁ ପ୍ରତି ମିନିଟରେ ଚାରି ଜଣ ମୃତ୍ୟୁମୁଖରେ ପଡୁଛନ୍ତି। ଭାରତରେ ପ୍ରାୟ ୨୫ ପ୍ରତିଶତ ଲୋକ ୪୦ ବର୍ଷରୁ କମ୍ ବୟସ୍କ ହୃତ୍‌ଘାତରେ ମୃତ୍ୟୁ ମୁଖରେ ପଡୁଥିବାବେଳେ ୩୦ ବର୍ଷ ବୟସ୍କ ଯୁବା ପ୍ରତିଦିନ ଜଣେ ମୃତ୍ୟୁମୁଖରେ ପଡୁଛନ୍ତି।

ବଦଳାନ୍ତୁ ଜୀବନଶୈଳୀ : ଶୀତଦିନେ ହୃଦ୍‌ଘାତରୁ ରକ୍ଷା ପାଇବା ପାଇଁ ଜୀବନଶୈଳୀକୁ ପରିବର୍ତ୍ତନ କରନ୍ତୁ। ଉଚ୍ଚ ରକ୍ତଚାପ ଓ ଡାଇବେଟିସ୍‌କୁ ନିୟନ୍ତ୍ରଣରେ ରଖନ୍ତୁ। ଧୂମପାନ ଓ ମଦ୍ୟପାନ ଠାରୁ ଦୂରେଇ ରୁହନ୍ତୁ। ତନ୍ତୁଜାତୀୟ ଖାଦ୍ୟ ଖାଆନ୍ତୁ। ଗରମ ପୋଷାକ ପିନ୍ଧନ୍ତୁ। ପ୍ରଦୂଷଣ ଠାରୁ ନିଜକୁ ରକ୍ଷା କରନ୍ତୁ, ନିୟମିତ ଭାବରେ ଡାକ୍ତରୀ ଚେକ୍‌ଅପ୍‌ରେ ରୁହନ୍ତୁ। ଭିଟାମିନ୍ ଡି ସପ୍ଲିମେଣ୍ଟ ଖାଆନ୍ତୁ। ପ୍ରଚୁରମାତ୍ରାରେ ଫଳ ଓ ସବୁଜ ପନିପରିବା ଖାଆନ୍ତୁ। ମେଦ ହ୍ରାସ କରି ହୃତ୍‌ପିଣ୍ଡ ପ୍ରତି ଟିକେ ସତର୍କ ରହିବା ଦରକାର।

ବ୍ୟାୟାମ କରନ୍ତୁ : ଶୀତଦିନେ ଶାରୀରିକ ଅନ୍ୟଦିନ ଅପେକ୍ଷା ନିଷ୍କ୍ରିୟ ହୋଇପଡ଼େ। ଏଣୁ ଏ ଦିନରେ ଶାରୀରିକ ପରିଶ୍ରମ ତଥା ବ୍ୟାୟାମ କରିବା ଏକାନ୍ତ ଆବଶ୍ୟକ। ଶାରୀରିକ ନିଷ୍କ୍ରିୟତା ବୃଦ୍ଧି ଯୋଗୁଁ ହୃଦ୍‌ଘାତ ଆଶଙ୍କା ବଢ଼ିଯାଏ। ଏଣୁ ବ୍ୟାୟାମ କରିବା ଅବା ପ୍ରାତଃ ଭ୍ରମଣ କିମ୍ବା ସାଇକେଲିଂ କରିବା ଦ୍ୱାରା ରକ୍ତ ସଞ୍ଚାଳନ ବୃଦ୍ଧି ପାଇଥାଏ। ଏହାଦ୍ୱାରା ହୃତ୍‌ପିଣ୍ଡରୁ ରକ୍ତ ପ୍ରବାହ ବୃଦ୍ଧି ପାଇବା ହେତୁ ହୃତ୍‌ପିଣ୍ଡ ସୁସ୍ଥ ରହେ।

ଶରୀରକୁ ଗରମ ରଖନ୍ତୁ : ଶୀତିଦିନେ ଅତ୍ୟଧିକ ଥଣ୍ଡା ଲାଗୁଥିଲେ ଶରୀରକୁ ଉଷୁମ ରଖିବା ପାଇଁ ଗରମ ପୋଷାକ ପିନ୍ଧନ୍ତୁ। ବାହାରକୁ ବାହାରିବା ସମୟରେ ସମ୍ପୂର୍ଣ୍ଣ ଶରୀରକୁ ଗରମ ପୋଷାକରେ ଢ଼ାଙ୍କି ରଖନ୍ତୁ। ଏହା ସହିତ ଗରମ ଚା, ଅଦା ଚା, ଗରମ ପାଣି, କଫି ଆଦି ପାନ କରନ୍ତୁ। ଉଷୁମ ଉଷୁମ ଖାଦ୍ୟ ଖାଆନ୍ତୁ।

ହୃଦ୍‌ଘାତର କାରଣ : ଗ୍ରୀଷ୍ମ ଅପେକ୍ଷା ଶୀଦିନେ ଭାରତୀୟଙ୍କ ସହିତ ପାଶ୍ଚାତ୍ୟ ଦେଶର ଲୋକମାନେ ମଧ ହୃଦ୍‌ଘାତରେ ଅଧିକ ଶିକାର ହୋଇଥାନ୍ତି। ବାୟୁମଣ୍ଡଳରେ ତାପମାତ୍ରା ହ୍ରାସ ହେବା ସହିତ ଶାରୀରିକ ପରିଶ୍ରମ ହ୍ରାସ, ବାୟୁ ପ୍ରଦୂଷଣ, ପାର୍ଶ୍ୱପ୍ରତିକ୍ରିୟା ଓ ଅସ୍ୱାଭାବିକ ଶୈଳୀରେ ଖାଦ୍ୟ ଗ୍ରହଣ ଓ ରକ୍ତଜମାଟ ହେବା, ଉଚ୍ଚ ରକ୍ତଚାପ, କୋଲେଷ୍ଟରଲ ସ୍ତର ଅଧିକ, ଡାଇବେଟିସ୍, କମ୍ ଶାରୀରିକ ପରିଶ୍ରମ, ମେଦବହୁଳ, ଚିନ୍ତା ଓ ବଂଶଗତ ଆଦି ହୃଦ୍‌ଘାତର ମୁଖ୍ୟ କାରଣ।

ମୂଳକଥାଟି ହେଉଛି : ଯୋଗ, ପ୍ରାଣାୟମ, ବ୍ୟାୟାମ, ଆଦି ନ କରିବା, ଉଚ୍ଚ ରକ୍ତଚାପ, କୋଲେଷ୍ଟ୍ରୋଲ, ଶର୍କରାରେ ଅସ୍ଥିରତା ଆଦି ହୃଦୟ ସମ୍ବନ୍ଧୀୟ ରୋଗର ପ୍ରମୁଖ କାରଣ। ପୌଷ୍ଟିକ ଖାଦ୍ୟ ସେବନ ଏବଂ ନିୟମିତ ବ୍ୟାୟାମ କରିବା ଦ୍ୱାରା ହୃଦୟ ସମ୍ବନ୍ଧୀୟ ରୋଗରୁ ମୁକ୍ତି ମିଳିଥାଏ। ଆଜିକାଲିର ଆଧୁନିକ ଯୁଗରେ ଲୋକମାନେ ଗୋଟିଏ ଜାଗାରେ ବସି କମ୍ପ୍ୟୁଟର ସହାୟତାରେ କାର୍ଯ୍ୟ କରୁଛନ୍ତି। ଫଳରେ ଅଧିକାଂଶ ଲୋକ ମେଦହବୁଳତାର ଶିକାର ହେଉଛନ୍ତି। ଯାହା ହୃଦ୍‌ଘାତର ପ୍ରମୁଖ କାରଣ। ତେଣୁ ବିଶ୍ୱ ହୃଦୟ ଦିବସ ପାଳନ ଅବସରରେ ଲୋକମାନଙ୍କୁ ହୃଦୟକୁ ସୁସ୍ଥ ରହିବା ପାଇଁ ସାଇକେଲିଂ କରିବା, ପହଁରିବା, ଚାଲିବା, ଦୌଡ଼ିବା ଏବଂ ସର୍ବୋପରି ବ୍ୟାୟାମ କରିବାକୁ ପରାମର୍ଶ ଦିଆଯାଏ। ହୃଦୟ ହେଉଛି ଆମର ସବୁକିଛି, ହୃଦୟକୁ ନେଇ ହିଁ ସବୁକିଛି। ତଥାପି ଆମେ କହିବାକୁଗଲେ ହୃଦୟକୁ ଭଲ ପାଉନାହୁଁ। ଆମ ହୃଦୟ ଚାହେଁ ବା ପ୍ରତିଟି ହୃଦୟ ଚାହେଁ ସେ ଠିକ ସମୟରେ ଖାଦ୍ୟ ଖାଇବ, ଠିକ ସମୟରେ ବିଶ୍ରାମ ନେବ, ଠିକ ସମୟରେ କର୍ତ୍ତବ୍ୟରତ ରହିବ ଆଉ ଅନାବଶ୍ୟକ ଖାଦ୍ୟ ଖାଇବ ନାହିଁକିମ୍ବା କର୍ମ କରିବ ନାହିଁ। କହିବାକୁଗଲେ ଶ୍ରେଷ୍ଠ ଜୀବନର ପରିଭାଷା ଆମକୁ ହୃଦୟ ହିଁ ବୁଝାଇ ଦେଇଛି। ଏହାକୁ ଗ୍ରହଣ କରି ଚାଲିଲେ ଆମେ ସମ୍ପୂର୍ଣ୍ଣ ନୀରୋଗ ରହିବା ପାଇଁ ନିଶ୍ଚିନ୍ତ ଯତ୍ନବାନ ହେବା।

ହୃଦ୍‌ସ୍ପନ୍ଦନ ହିଁ ଆମ ଜୀବନ ଆଉ ସମ୍ପର୍କର ପ୍ରମାଣ। ତେଣୁ ହୃଦୟକୁ ସୁସ୍ଥ ରଖିବାକୁ ହେବ। ଜଣଙ୍କ ବୟସ ୩୦ରୁ ୫୦ ବର୍ଷ ଭିତରେ ଥିବା ସମୟରେ ନିଜ ଓଜନ ଉପରେ ନିୟନ୍ତ୍ରଣ ରଖିବା ଖୁବ୍ ଜରୁରୀ। କାରଣ ଏ ସମୟରେ ଓଜନ ବଢ଼ିବାର ଆଶଙ୍କା ଅଧିକ। ଓଜନ ବୃଦ୍ଧି ହୃଦ୍‌ରୋଗ ସହ ବହୁ ରୋଗକୁ ଜନ୍ମ ଦେଇପାରେ। ତେଣୁ କୋଲେଷ୍ଟେରୋଲ୍ ଯୁକ୍ତ ଖାଦ୍ୟ ସହ ଆଳୁ, ଭାତ ଆଦି କମ୍ ଖାଇବା ଆବଶ୍ୟକ। ଫଳ, ଗଜାମୁଗ, ବୁଟ ଓ ଦଳିଆ ଆଦି ଲୋକ ଗ୍ଲାଇସେମିକ୍ ଇଣ୍ଡେକ୍ସ ଯୁକ୍ତ ଖାଦ୍ୟ ସୁସ୍ଥ ହୃଦୟ ପାଇଁ ଖୁବ୍ ଉପଯୋଗୀ। ଏହି ବୟସରେ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗ ହେଲେ ଡାକ୍ତରଙ୍କ ପରାମର୍ଶରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷଣ କରାଇନେବା ଆବଶ୍ୟକ। ଏ ବୟସ ପାଇଁ କଠୋର ବ୍ୟାୟାମ ସ୍ୱାସ୍ଥ୍ୟ ଅପେକ୍ଷା ହାଲ୍‌କା ବ୍ୟାୟାମ ଆବଶ୍ୟକ। ତେବେ ଦ୍ରୁତ ପ୍ରାତଃଭ୍ରମଣ ଖୁବ ଉପଯୋଗୀ। ୱାକିଂ ସ୍ପିଡ୍ ଠିକ୍ ଅଛି ନା ନାହିଁ ତାହା ନିଜେ ଜାଣିପାରିବେ। ଉଦାହରଣ ସ୍ୱରୂପ ଚାଲିବା ବେଳେ ଯଦି କୌଣସି ବାକ୍ୟକୁ ଆରାମରେ କହିପାରୁଛନ୍ତି, ତାହେଲେ ଜାଣନ୍ତୁ ଗତି ଧିମା ଅଛି। ଅଧା ବାକ୍ୟ ଠିକ୍‌ରେ କହିପାରୁ ନଥିଲେ ଜାଣନ୍ତୁ ଅଧିକ ଅଛି। ଯଦି ବାକ୍ୟଟି କଷ୍ଟରେ କହିପାରୁଛନ୍ତି ତାହେଲେ ବୁଝି ନିଅନ୍ତୁ ଗତି ଠିକ୍ ଅଛି। ବୟସ ୫୧ ଛୁଇଁଲେ ଖାଦ୍ୟ ପାନୀୟରେ ଆଧିକ୍ୟରୁ ଦୂରେଇ ରହିବା ଉଚିତ। ଖାଦ୍ୟପାନୀୟ ବା ମଦର ଅଧିକ ମାତ୍ରା ଏ ବୟସରେ ଚିନ୍ତାଜନକ। ଏ ବୟସରେ ପାଦ ଦେବା ପରେ ଗରିଷ୍ଠ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। ଖାଦ୍ୟରେ ସାଲାଡ଼, ସବୁଜ ପନିପରିବା ଓ ଫଳକୁ ପ୍ରାଧାନ୍ୟ ଦିଅନ୍ତୁ। ଅଳ୍ପ ଅଳ୍ପ କରି ଦିନରେ ୬ଥର ଖାଇବା ଦରକାର। ୫୧ ବର୍ଷରୁ ଅଧିକ ବୟସର ଲୋକମାନେ କଠୋର ବ୍ୟାୟାମ ଓ ଅଧିକ ଶାରୀରିକ ପରିଶ୍ରମ କରିବା ଉଚିତ ନୁହେଁ। ଦିନରେ ୪୫ ମିନିଟ୍ ପର୍ଯ୍ୟନ୍ତ ଚାଲନ୍ତୁ।

**ସହଯୋଗୀ ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୨୭୭୮୬୪**



# ବିଶ୍ୱକୁ ଟ୍ରମ୍ପଙ୍କ ସିଧାସଳଖ ଧମକ

**ନୂଆଦିଲ୍ଲୀ, ୧୭।୧୧ (ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଥର ସାରା ବିଶ୍ୱକୁ ଖୋଲାଖୋଲି ଧମକ ଦେଇଛନ୍ତି । ଟ୍ରମ୍ପ ଚେତାବନୀ ଦେଇ କହିଛନ୍ତି ଯେ, ରୁଷ ସହିତ ବାଣିଜ୍ୟ କରୁଥିବା ଯେକୌଣସି ଦେଶ ଏଣିକି ଅତ୍ୟନ୍ତ କଠୋର ପ୍ରତିବନ୍ଧକର ସମ୍ମୁଖୀନ ହେବ । ଟ୍ରମ୍ପ କହିଛନ୍ତି ଯେ ତାଙ୍କ ପ୍ରଶାସନ ଏବଂ ରିପବ୍ଲିକାନ ସାଂସଦମାନେ ମସ୍କୋକୁ ଟାର୍ଗେଟ କରି କଠୋର ଆଇନ ପ୍ରଣୟନ କରିବାକୁ ଆଗକୁ ବଢୁଛନ୍ତି । କଂଗ୍ରେସ ପାଇଁ ରୁଷ ଏବଂ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଉପରେ ଚାପ ପକାଇବା ପାଇଁ ପଦକ୍ଷେପ ନେବାର ସମୟ ଆସିଛି କି ବୋଲି ପଚରାଯିବାରୁ ଟ୍ରମ୍ପ କହିଛନ୍ତି, ମୁଁ ଶୁଣିଛି ସେମାନେ ଏପରି କରୁଛନ୍ତି, ଏବଂ ଏହା ଠିକ୍ ଅଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ରୁଷ ସହିତ ବ୍ୟବସାୟ କରୁଥିବା ଯେକୌଣସି ଦେଶକୁ ବହୁତ କଠୋର ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିବ । ସେମାନେ ଏଥିରେ ଇରାନକୁ ସାମିଲ କରିପାରିବେ, ମୁଁ ଏହା ପରାମର୍ଶ ଦେଇଛି । ଆମେରିକା ରାଷ୍ଟ୍ରପତି ପୁଣି କହିଛନ୍ତି, ରୁଷ ସହିତ ବ୍ୟବସାୟ କରୁଥିବା ଯେକୌଣସି ଦେଶକୁ ବହୁତ କଠୋର ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିବ । ଆମେ ଏଥିରେ ଇରାନକୁ ମଧ୍ୟ ସାମିଲ କରୁଛୁ । ଟ୍ରମ୍ପ ପ୍ରଶାସନ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି, ଯାହା ବିଶ୍ୱର ସର୍ବୋଚ୍ଚ ଦେଶମାନଙ୍କ ମଧ୍ୟରୁ ଗୋଟିଏ । ଏଥିରେ ରୁଷୀୟ ତୈଳ କ୍ରୟ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ସାମିଲ ଅଛି । କଂଗ୍ରେସ ସଦସ୍ୟ ଲିଣ୍ଡସେ ଗ୍ରାହାମଙ୍କ ଦ୍ୱାରା ଆଗତ ଏକ ବିଲ୍ ରୁଷୀୟ ତୈଳ କ୍ରୟ ଏବଂ ବିକ୍ରୟ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲାଗୁ କରିବାର ପ୍ରସ୍ତାବ ରଖିଛି । ଏହି ପ୍ରସ୍ତାବକୁ ସଂସଦର ବୈଦେଶିକ ସମ୍ପର୍କ କମିଟିରେ ପ୍ରାୟ ସର୍ବସମ୍ମତ ସମର୍ଥନ ମିଳିଛି । ଗ୍ରାହାମ ଏବଂ କଂଗ୍ରେସ ସଦସ୍ୟ ରିଚାର୍ଡ ବ୍ଲୁମେନ୍ଥଲ ମିଳିତ ଭାବରେ ୨୦୨୫ ର ରୁଷିଆ ପ୍ରତିବନ୍ଧକ ଆଇନ ପ୍ରଚଳନ କରିଛନ୍ତି, ଯାହାର ଲକ୍ଷ୍ୟ ହେଉଛି ୟୁକ୍ରେନରେ ପୁଟିନଙ୍କ ନିଷ୍ଠୁର ଯୁଦ୍ଧକୁ ପାଣି ଯୋଗାଉଥିବା ଦେଶମାନଙ୍କ ଉପରେ ଶୁଳ୍କ ଏବଂ ପ୍ରତିବନ୍ଧକ ଲଗାଇବା ।

# ସାମସଙ୍ଗ୍ ନାଁରେ ବଡ଼ ଅଭିଯୋଗ

**ନୂଆଦିଲ୍ଲୀ, ୧୭।୧୧ (ଏଜେନ୍ସି):** ସାମାଜିକ ଗଣମାଧ୍ୟମରେ ସମ୍ପ୍ରତି ଏକ ବଡ଼ ବିବାଦ ଦେଖାଦେଇଛି । ସାମସଙ୍ଗ ଏହାର ଗାଲାକ୍ସି ଫୋନରେ କଟାଯାଇ ପାରୁନଥିବା ଇସ୍ରାଏଲୀ ସ୍ପାଏୱେୟାର ଇନଷ୍ଟଲ୍ କରିଥିବା ଅଭିଯୋଗ ହୋଇଛି । ୟୁଜର୍ସମାନେ ଭାବୁଛନ୍ତି ଯେ, ଯଦି ଏପରି ଆପ୍ ପୂର୍ବରୁ ଫୋନରେ ଅଛି ତେବେ ଏହା ପ୍ରକୃତରେ କ'ଣ କରୁଛି । ଯେଉଁ ଆପକୁ ନେଇ ବିବାଦ




ସୃଷ୍ଟି ହୋଇଛି ତା'ର ନାମ ଆପ୍କ୍ଲାଉଡ୍ । ଏହା କୌଣସି ନୂଆ ଆପ୍ ନୁହେଁ; ଏହା ବର୍ଷ ବର୍ଷ ଧରି ସାମସଙ୍ଗ୍ ଫୋନରେ ଉପସ୍ଥିତ ଅଛି । ଏହା ଏକ ମାର୍କେଟିଂ ଆପ୍ ଯାହା ବ୍ୟବହାରକାରୀଙ୍କୁ ବିଭିନ୍ନ ଆପ୍ ବିଷୟରେ ପରାମର୍ଶ ଦେବା ପାଇଁ ଡିଜାଇନ୍ କରାଯାଇଛି । କିନ୍ତୁ ଏହା ମଧ୍ୟ ସତ୍ୟ ଯେ ୟୁଜର୍ସମାନେ ସେମାନଙ୍କ ଫୋନରେ ଥିବା ସେହି ଆପଗୁଡ଼ିକୁ ରଖିବାକୁ ଚାହାଁନ୍ତି ନାହିଁ ଯାହାକୁ ଫୋନରୁ ସେମାନେ ହଟେଇ ପାରିବେ ନାହିଁ । ତେବେ ଆପଟି ଦିନସାରା କୌଣସି ବିପଦପୂର୍ଣ୍ଣ କାର୍ଯ୍ୟ କରେ ନାହିଁ, ତଥାପି ଏହି ଆପ୍ କୁ ନେଇ ଏବେ ସନ୍ଦେହ ବଢ଼ିଛି ।

# ମୁଁ ଏଲନ ମସ୍କଙ୍କଠାରୁ ଧନୀ, ଜିହାଦ ପାଇଁ ଅର୍ଥର ଅଭାବ ନାହିଁ

**ନୂଆଦିଲ୍ଲୀ, ୧୭।୧୧ (ଏଜେନ୍ସି):** ଜୈଶ-ଏ-ମହମ୍ମଦ ମୁଖ୍ୟ ମାସୁଦ ଆଝାରର ଏକ ଅଡିଓ ରେକର୍ଡିଂ ସାମ୍ନାକୁ ଆସିଛି । ସେ ନିଜକୁ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ବୋଲି ଦାବି କରିଛି । ଏପରିକି ସେ ନିଜକୁ ଏଲନ ମସ୍କ ଏବଂ ଫେସବୁକ୍ (ବର୍ତ୍ତମାନ ମେଟା) ପ୍ରତିଷ୍ଠାତା ମାର୍କ ଜୁକରବର୍ଗଙ୍କ ଠାରୁ ଧନୀ ବୋଲି ଦାବି କରିଛି । ସେ ଆହୁରି ମଧ୍ୟ କହିଛି ଯେ ଜିହାଦ ପାଇଁ ଅର୍ଥର ଅଭାବ ନାହିଁ । ମୁଁ ଜିହାଦ ପାଇଁ ଯାହା ମାଗିଥିଲି ତାହା ପାଉଛି, ସେ କହିଛି । ସେ ଏହା ମଧ୍ୟ କହିଛି, ଆମ ପାଖରେ ଅସ୍ତ୍ରଶସ୍ତ୍ର ଏବଂ ବନ୍ଧୁକ କିଣିବା ପାଇଁ ଓ ଜିହାଦ ପାଇଁ ଅର୍ଥର ଅଭାବ ନାହିଁ । ନଭେମ୍ବର ୧୦ ତାରିଖରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଏକ ବିସ୍ଫୋରଣ ହୋଇଥିଲା । ଆତ୍ମଘାତୀ ଆକ୍ରମଣକାରୀ ଉମର ମହମ୍ମଦ ଜୈଶ-ଏ-ମହମ୍ମଦ ଆତଙ୍କବାଦୀ ସଂଗଠନ ସହିତ ଜଡିତ ଥିଲା । ବିସ୍ଫୋରଣ ପରେ



ଜଣାପଡିଥିଲା ଯେ ବିସ୍ଫୋରଣ ସନ୍ଦିଗ୍ଧ ଉଭୟ ଉମର ମହମ୍ମଦ ଏବଂ ମୁଜାମ୍ମିଲ ଶକିଲ ଦିଲ୍ଲୀ ବିସ୍ଫୋରଣ ପୂର୍ବରୁ ତୁର୍କୀ ଯାତ୍ରା କରିଥିଲେ । ଏହା ମଧ୍ୟ କୁହାଯାଉଛି ଯେ ସେମାନେ ତୁର୍କୀରେ ଥିବା ସମୟରେ ଜୈଶ-ଏ-ମହମ୍ମଦର ଜଣେ ହ୍ୟାଣ୍ଡଲର ସହିତ ସାକ୍ଷାତ କରିଥିଲେ । ଆଫଗାନିସ୍ତାନରେ ରହୁଥିବା ଜଣେ ଜୈଶ କମାଣ୍ଡର ସେଗୁଡ଼ିକୁ ପରିଚାଳନା କରୁଥିଲେ । ଏହା ପୂର୍ବରୁ, ଜୈଶ-ଏ-ମହମ୍ମଦର ଆତଙ୍କବାଦୀ ମୁଫତି ଅବଦୁଲ ରଉଫ ଅସଗର ମଧ୍ୟ ବିଷ ଓଗାଳିଥିଲେ । ଜିହାଦ ସମ୍ପର୍କରେ ଜୈଶ କମାଣ୍ଡର ଅବଦୁଲ ରଉଫ ଅସଗରଙ୍କ ଅଡିଓ ସାମ୍ନାକୁ ଆସିଥିଲା । ଅସଗର କହିଥିଲେ, ଜିହାଦରେ ଜୀବନ ଅଛି । ଜିହାଦ ସମ୍ମାନ ଆଣିବ । ସୂଚନାଯୋଗ୍ୟ ଯେ, ଅବଦୁଲ ରଉଫ ଅସଗର ହେଉଛନ୍ତି ବିମାନ IC୮୧୪ ଅପହରଣ ମାମଲାର ମାଷ୍ଟରମାଇଣ୍ଡ ଏବଂ ମାସୁଦ ଆଝାରର ଭାଇ ।

# ଟ୍ୟାଙ୍କର ସହିତ ଧକ୍କା ହେଲା ବସ୍ ୪୨ ଜଣ ଭାରତୀୟ ଜୀବନ୍ତ ଦଗ୍ଧ

**ନୂଆଦିଲ୍ଲୀ, ୧୭।୧୧ (ଏଜେନ୍ସି):** ସାଉଦି ଆରବର ମଦିନା ନିକଟରେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି । ଉମରା କରିବାକୁ ଯାଉଥିବା ଅନେକ ଭାରତୀୟ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଛନ୍ତି । ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ବସ୍ ଏକ ଡିଜେଲ ଟ୍ୟାଙ୍କର ସହିତ ଧକ୍କା ଖାଇବା ଫଳରେ ବସଟି ଜଳିଯାଇଥିଲା, ଯାହା ଫଳରେ ପ୍ରାୟ ୪୨ ଜଣ ଭାରତୀୟ ଜୀବନ୍ତ ଦଗ୍ଧ ହୋଇଥିବା ଜଣାଯାଇଛି । ସୋମବାର ସକାଳେ ମୁଫାରିହାତ ଅଞ୍ଚଳ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ସୂଚନା ମିଳିଛି ଯେ, ବସ୍ଟି ମକ୍କାରୁ ମଦିନା ଯାଉଥିବା ବେଳେ ଏହି ଦୁଃଖଦ ଦୁର୍ଘଟଣା ଘଟିଥିଲା । ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ ମହିଳା ଏବଂ ଶିଶୁ ସମେତ ଅନ୍ୟୂନ ୪୨ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି । ମୃତକଙ୍କ ମଧ୍ୟରେ ଅଧିକାଂଶ ଯାତ୍ରୀ ତେଲେଙ୍ଗାନା ଏବଂ ହାଇଦ୍ରାବାଦର ଥିବା କୁହାଯାଉଛି । ଦୁର୍ଘଟଣା ସମୟରେ ବସରେ ଅନେକ ଯାତ୍ରୀ ଶୋଇଥିଲେ । ଏହି କାରଣରୁ ଯାତ୍ରୀ ବାହାରକୁ ନଆସିପାରିବାରୁ ଜୀବନ୍ତ ଦଗ୍ଧ ହୋଇଯାଇଥିବା କୁହାଯାଉଛି । ବସ୍ ଦୁର୍ଘଟଣାକୁ ଦୃଷ୍ଟିରେ ରଖି, ଜେଦ୍ଦାହରେ ଥିବା ଭାରତୀୟ ଦୂତାବାସ ଏକ 24x7 ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରିଛି । ପ୍ରାସଙ୍ଗିକ ସୂଚନା ପାଇଁ ପରିବାର ସଦସ୍ୟମାନେ ଟୋଲ୍-ଫ୍ରି ନମ୍ବର ୮୦୦୨୪୪୦୦୦୩ରେ ଯୋଗାଯୋଗ କରିପାରିବେ । ସାଉଦି ଆରବରେ ହୋଇଥିବା ବସ୍ ଦୁର୍ଘଟଣାକୁ ନେଇ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ଟ୍ୱିଟ୍ କରି ଲେଖିଛନ୍ତି, ମଦିନାରେ ଭାରତୀୟ ନାଗରିକଙ୍କ ସହ ଘଟିଥିବା ଦୁଃଖଦ ଘଟଣା ପାଇଁ ମୁଁ ଗଭୀର ଦୁଃଖିତ । ରିୟାଦରେ ଥିବା ଭାରତୀୟ ଦୂତାବାସ ଏବଂ ଜେଦ୍ଦାହରେ ଥିବା ଦୂତାବାସ ଏହି ଦୁର୍ଘଟଣାରେ ପ୍ରଭାବିତ ଭାରତୀୟ ଏବଂ ସେମାନଙ୍କ ପରିବାରକୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଉଛନ୍ତି । ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା । ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମୁଁ ପ୍ରାର୍ଥନା କରୁଛି ।

# ଆଜମ ଖାଁଙ୍କୁ ପୁଣି ୭ ବର୍ଷ ଜେଲ୍

**ରାମପୁର, ୧୭।୧୧ (ଏଜେନ୍ସି):** ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ ଖାନଙ୍କୁ ଆଉ ଏକ ବଡ଼ ଝଟକା ଲାଗିଛି । ପ୍ୟାନ କାର୍ଡ ମାମଲାର ଶୁଣାଣି କରି କୋର୍ଟ ତାଙ୍କୁ ସାତ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି । ଏହା ଆଜମ ଖାନଙ୍କ ବିରୋଧରେ ଥିବା ପ୍ରାୟ ୯୦ ଟି ମାମଲା ମଧ୍ୟରୁ ଏହା ଗୋଟିଏ । ପୂର୍ବରୁ ସେ ଛେଳି ଚୋରି ଅଭିଯୋଗରେ ବି ଜେଲ ଯାଇଥିଲେ । ୨୦୧୯ ମସିହାରେ, ବିଜେପି ନେତା ଆକାଶ ସକ୍ସେନା ଆଜମ ଖାନଙ୍କ ପୁଅ ଅବଦୁଲ୍ଲା ଖାନଙ୍କ ବିରୁଦ୍ଧରେ ଏକ ଏଫଆଇଆର ଦାୟର କରିଥିଲେ, ଯେଉଁଥିରେ ସେ ଅଭିଯୋଗ କରିଥିଲେ ଯେ ଅବଦୁଲ୍ଲା ଦୁଇଟି ଭିନ୍ନ ଜନ୍ମ ପ୍ରମାଣପତ୍ର ବ୍ୟବହାର କରି ଦୁଇଟି ପାନ କାର୍ଡ ହାସଲ କରିଛନ୍ତି । ଆହୁରି ମଧ୍ୟ ଅଭିଯୋଗ ହୋଇଥିଲା ଯେ ଅବଦୁଲ୍ଲା ତାଙ୍କ ପିତା ଆଜମ ଖାନଙ୍କ ନିର୍ଦ୍ଦେଶରେ ଏହା କରିଛନ୍ତି । ଏହି ମାମଲାରେ ଆଜମ ଖାନ ଏବଂ ତାଙ୍କ ପୁଅଙ୍କୁ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟରୁ କୌଣସି ଆଶ୍ୱସ୍ତି ମିଳିନାହିଁ । ଗତ ବର୍ଷ ଡିସେମ୍ବର ୬ ତାରିଖରେ ବି ଅବଦୁଲ୍ଲା ଆଜମଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଝଟକା ଲାଗିଥିଲା । ପାସପୋର୍ଟ ହାସଲ କରିବା ପାଇଁ ନକଲି ଡକ୍ୟୁମେଣ୍ଟ ବ୍ୟବହାର କରିବା ଏବଂ ଦୁଇଟି ପାନ କାର୍ଡ ରଖିବା ପାଇଁ ତାଙ୍କ ବିରୁଦ୍ଧରେ ଦାୟର ହୋଇଥିବା ଏଫଆଇଆରକୁ ରଦ୍ଦ କରିବା ପାଇଁ ଆବେଦନକୁ କୋର୍ଟ ଖାରଜ



କରିଦେଇଥିଲେ । କୋର୍ଟ କହିଥିଲେ ଯେ ଆବେଦନକାରୀ ଏଫଆଇଆର ରଦ୍ଦ କରିବା ପାଇଁ କୌଣସି ଦୃଢ଼ ଆଇନଗତ ଆଧାର ଉପସ୍ଥାପନ କରିନଥିଲେ । ଏହା ବ୍ୟତୀତ, ଏହି ମାମଲାରେ ନିମ୍ନ ଅଦାଲତରେ ଚାଲିଥିବା ଆଇନଗତ ପ୍ରକ୍ରିୟାରେ ହସ୍ତକ୍ଷେପ କରିବାକୁ କୋର୍ଟ ମନା କରିଦେଇଥିଲେ ।

# ଚୀନକୁ ସିଧାସଳଖ ଉଡାଣ ଭରିବ ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ, ୧୭।୧୧ (ଏଜେନ୍ସି):** ଭାରତ ଓ ଚୀନ୍ ଭିତରେ ପୁଣିଥରେ ସିଧା ସଳଖ ଉଡାଣ ଆରମ୍ଭ ହେବାକୁ ଯାଉଛି । 'ଏୟାର ଇଣ୍ଡିଆ' ଏନେଇ ସୂଚନା ଦେଇ କହିଛି, ଆବଶ୍ୟକୀୟ ନିୟମ ପାଳନ ଓ ମଞ୍ଜୁରୀ ମିଳିବା ପରେ ୧ ଫେବୃଆରୀ ୨୦୨୬ ରୁ ଏହି ଉଡାଣ ଆରମ୍ଭ ହେବ । ଏୟାର ଇଣ୍ଡିଆର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ କ୍ୟାମ୍ପବେଲ୍ ୱିଲସନ୍ କହିଛନ୍ତି, ଏହାର ଆରମ୍ଭ କେବଳ ଏକ ରୁଟ୍ ଲଞ୍ଚ ନୁହେଁ ବଂର ଦୁଇ ଦେଶର ପ୍ରାଚୀନ ସଭ୍ୟତା ଓ ଆଧୁନିକ ଆର୍ଥିକ ଶକ୍ତି




ଭିତରେ ଏକ ବ୍ରିଜ୍ ବୋଲି ଘୋଷଣା କରିଛନ୍ତି । ଏୟାର ଇଣ୍ଡିଆ ପକ୍ଷରୁ ଜାରି ବୟାନ ଅନୁସାରେ, ଦିଲ୍ଲୀ ଓ ଶଙ୍ଘାଇ ଭିତରେ ଏୟାର ଇଣ୍ଡିଆ ସପ୍ତାହକରେ ୪ଟି ଫ୍ଲାଇଟର ଯୋଜନା ତିଆରି କରୁଛି । ଏହି ଉଡାଣ ପାଇଁ ବୋଇଂ ୭୮୭-୮ ର ଉପଯୋଗ କରାଯିବ । ଏହି ବିଜନେସ୍ କ୍ଲାସର ୧୯ ଫ୍ଲାଟ୍ ବେଡସିଟ୍ ଓ ଇକୋନୋମି କ୍ଲାର ୨୩୮ ସିଟ୍ ରହିବ । ଏୟାର ଇଣ୍ଡିଆର କାର୍ଯ୍ୟକାରୀ ନିର୍ଦ୍ଦେଶକ କହିଛନ୍ତି, ଦିଲ୍ଲୀ ଓ ଶଙ୍ଘାଇ ଭିତରେ ପୁଣିଥରେ ବିମାନ ସେବା ଆରମ୍ଭ ହେବା କେବଳ ଏକ ରୁଟର ଲଞ୍ଚ ନୁହେଁ । ଏହା ଦୁଇ ପ୍ରାଚୀନ ସଭ୍ୟତା ଓ ଆର୍ଥିକ ଆଧୁନିକ ଶକ୍ତି ଭିତରେ ଏକ ବ୍ରିଜ୍ । ଆମେ ଖୁସି ଯେ, ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏୟାର କରିଡରରେ ପୁଣିଥରେ ଯୋଡାଯାଉଛି । ଏହାଦ୍ୱାରା ଯାତ୍ରୀ, ବାଣିଜ୍ୟ, ଶିକ୍ଷା, ସଂସ୍କୃତି ଓ ଅନ୍ୟାନ୍ୟ କ୍ଷେତ୍ରରେ ସୁଯୋଗ ବଢିବ । ଉଲ୍ଲେଖନୀୟ ଯେ, ୨୦୨୦ ପରେ ଭାରତ ଓ ଚୀନ୍ ଭିତରେ ସିଧାସଳଖ ଉଡାଣ ବନ୍ଦ କରି ଦିଆଯାଇଥିଲା । ଏହାପରେ ନିକଟରେ ଯେତେବେଳେ ଦୁଇ ଦେଶ ଭିତରେ ସମ୍ପର୍କ ସୁଧୁରିଛି ପୁଣିଥରେ ବିମାନ ଯାତ୍ରା ଆରମ୍ଭ କରିବା ନେଇ ସହମତି ପ୍ରକାଶ ପାଇଛି । ଏୟାର ଇଣ୍ଡିଆ ପ୍ରଥମେ ୨୦୦୦ ମସିହାରେ ଚୀନକୁ ନନଷ୍ଟପ୍ ଉଡାଣ ଆରମ୍ଭ କରିଥିଲା । ଦିଲ୍ଲୀରୁ ସିଧା ଶଙ୍ଘାଇ ପାଇଁ AI352 ନମ୍ବର ଫ୍ଲାଇଟ ଆରମ୍ଭ ହେବ । ଏହି ବିମାନ ମଙ୍ଗଳବାର, ଗୁରୁବାର, ଶୁକ୍ରବାର ଓ ରବିବାର ଉଡାଣ ଭରିବ ।

# ଶେଖ୍ ହସିନାଙ୍କୁ ମୃତ୍ୟୁଦଣ୍ଡ

**ନୂଆଦିଲ୍ଲୀ, ୧୭।୧୧ (ଏଜେନ୍ସି):** ବାଂଲାଦେଶର ଅନ୍ତରାଷ୍ଟ୍ରୀୟ ଅପରାଧ ଟ୍ରିବ୍ୟୁନାଲ୍ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ନିରସ୍ତ୍ର ନାଗରିକଙ୍କ ଉପରେ ଗୁଳି ଚଳାଇବା ସମେତ ମାନବତା ବିରୋଧୀ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହି ଅପରାଧ ପାଇଁ କୋର୍ଟ ତାଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି । ଶୁଣାଣି ବେଳେ କୋର୍ଟ କହିଛନ୍ତି ଯେ, ଶେଖ ହସିନା ପ୍ରଦର୍ଶନକାରୀଙ୍କୁ ଦମନ ଏବଂ ହତ୍ୟା କରିବା ପାଇଁ ମାରାତ୍ମକ ଅସ୍ତ୍ରଶସ୍ତ୍ର ଏବଂ ଡ୍ରୋନ୍ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଗମ୍ଭୀର ଅପରାଧ ପାଇଁ ତାଙ୍କୁ ଫାଶୀଦଣ୍ଡ ଦିଆଯାଇଛି । କୋର୍ଟ ତାଙ୍କ ରାୟରେ ଏହା ମଧ୍ୟ କହିଛନ୍ତି ଯେ, ମାନବତା ବିରୋଧୀ



ଏହି ଅପରାଧ ଶେଖ ହସିନା ଏବଂ ତାଙ୍କ ସହଯୋଗୀଙ୍କ ନିର୍ଦ୍ଦେଶରେ କରାଯାଇଥିଲା । ଶୁଣାଣି ସମୟରେ କୋର୍ଟ କହିଛନ୍ତି ଯେ, ପ୍ରଥମ ଅଭିଯୋଗ ଅନୁଯାୟୀ, ଶେଖ୍ ହସିନା ପରିସ୍ଥିତି ପରିଚାଳନା ଏବଂ ହିଂସା ରୋକିବା ପାଇଁ କିଛି କରିନଥିଲେ । ଏହା ତାଙ୍କର ଦାୟିତ୍ୱ ଥିଲା ଯ ପ୍ରମାଣରୁ ଏହା ମଧ୍ୟ ଜଣାପଡିଛି ଯେ, ଏହି ମାମଲାରେ ପୁଲିସ ମହାନିରୀକ୍ଷକ (ଆଇଜିପି) ଦୋଷୀ ହୋଇପାରନ୍ତି । ଜୁଲାଇ ୧୯ ପରେ, ଗୃହମନ୍ତ୍ରୀଙ୍କ ବାସଭବନରେ ଏକାଧିକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଛାତ୍ର ଆନ୍ଦୋଳନକୁ ଦମନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଶେଖ୍ ହସିନା ପ୍ରତିବାଦକାରୀଙ୍କୁ ଟାର୍ଗେଟ କରିବା ପାଇଁ ଏକ କୋର କମିଟିକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ନିରସ୍ତ୍ର ପ୍ରତିବାଦକାରୀଙ୍କ ଉପରେ ଆକ୍ରମଣ କରାଯାଇଥିଲା । ରାୟ ଦେବା ପୂର୍ବରୁ କୋର୍ଟ ୫୪ଜଣ ସାକ୍ଷୀଙ୍କଠାରୁ ସାକ୍ଷ୍ୟ ଶୁଣିଥିଲେ ଏବଂ ଏହା ଶେଖ୍ ହସିନା କରିଥିବା ଅପରାଧକୁ ପ୍ରମାଣ କରିବାରେ ଯଥେଷ୍ଟ ବୋଲି ନିଷ୍ପତ୍ତି ନେଇଥିଲେ । ସାରା ଦେଶରୁ ସଂଗୃହୀତ ପ୍ରମାଣ ଏବଂ ବିଭିନ୍ନ ଉତ୍ସରୁ ମିଳିଥିବା ଅତିରିକ୍ତ ପ୍ରମାଣ ମଧ୍ୟ ଯାଞ୍ଚ କରାଯାଇଥିଲା । ଶୁଣାଣି ସମୟରେ ICTର ମୁଖ୍ୟ ବିଚାରପତି କହିଥିଲେ ଯେ, ଶେଖ୍ ହସିନା ପ୍ରତିବାଦକାରୀ ଛାତ୍ର ଏବଂ ଅନ୍ୟାନ୍ୟ ସାଧାରଣ ନାଗରିକଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଢାକା ବିଶ୍ୱବିଦ୍ୟାଳୟର ଭାଇସ୍ ଚାନସେଲରଙ୍କ ସହ ଏକ ଫୋନ୍ ବାର୍ତ୍ତାଳାପରେ ହସିନା ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଛାତ୍ରମାନଙ୍କୁ ଅପମାନିତ କରିଥିଲେ, ଯାହା ପ୍ରତିବାଦକୁ ଅକହୁରି ତୀବ୍ର କରିଥିଲା ।

# ଦିନେ କମିଲେ ଦିନେ ବଢୁଛି ସୁନା

**ନୂଆଦିଲ୍ଲୀ, ୧୭।୧୧ (ଏଜେନ୍ସି):** ସପ୍ତାହର ପ୍ରଥମ ଦିନ ସୋମବାର ସୁନା ମୂଲ୍ୟ ହ୍ରାସ ପାଇଛି । ରାଜଧାନୀ ଦିଲ୍ଲୀରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୧,୨୫,୨୨୦କୁ ହ୍ରାସ ପାଇଛି । ଆମେରିକା ଫେଡେରାଲ୍ ରିଜର୍ଭ ଦ୍ୱାରା ସୁଧ ହାର



ହ୍ରାସ ସମ୍ପର୍କରେ ଅନିଶ୍ଚିତତା ବୃଦ୍ଧି ପାଇବା ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ସୁନା ମୂଲ୍ୟ କମ ହୋଇଛି । ଏହା ଭାରତରେ ସୁନା ମୂଲ୍ୟକୁ ମଧ୍ୟ ପ୍ରଭାବିତ କରିଛି । ଜାତୀୟ ରାଜଧାନୀ ଦିଲ୍ଲୀରେ ୨୪ କ୍ୟାରେଟ ସୁନା କିଣିଲେ ୧,୨୫,୨୨୦ ଟଙ୍କା ଦେବାକୁ ପଡୁଥିବା ବେଳେ ୨୨ କ୍ୟାରେଟ ସୁନା ଦର ୧,୧୪,୭୯୦ ଟଙ୍କାରେ କାରବାର କରୁଛି ।

# 'ଭାରତ ଯେକୌଣସି ଯୁଦ୍ଧ ପାଇଁ ପ୍ରସ୍ତୁତ'

**ନୂଆଦିଲ୍ଲୀ, ୧୭।୧୧ (ଏଜେନ୍ସି):** ଶତ୍ରୁକୁ ବଡ଼ ଚେତାବନୀ । ଯୁଦ୍ଧ ପାଇଁ ଭାରତ ପ୍ରସ୍ତୁତ । ଦେଶର ଶୀର୍ଷ ସାମରିକ କମାଣ୍ଡର ଏବଂ ରଣନୈତିକ ବିଶେଷଜ୍ଞଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବାକୁ ଥିବା ଚାଣକ୍ୟ ପ୍ରତିରକ୍ଷା ଆଲୋଚନା ପୂର୍ବରୁ ଜେନେରାଲ ଦ୍ୱିବେଦୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଭାରତ ଯେକୌଣସି ଲମ୍ବା ଯୁଦ୍ଧ ପାଇଁ ପ୍ରସ୍ତୁତ ଏବଂ ଶତ୍ରୁ ପାକିସ୍ତାନ ହେଉ କିମ୍ବା ଏହାର ସମର୍ଥିତ ଆତଙ୍କବାଦୀ, ପ୍ରତ୍ୟେକ ବିପଦର ଉପଯୁକ୍ତ ଜବାବ ଦେବାର କ୍ଷମତା ସେନାର ଅଛି । ଜେନେରାଲ ଦ୍ୱିବେଦୀ କହିଛନ୍ତି, ପାକିସ୍ତାନ ଗୁପ୍ତ ଭାବରେ ଆତଙ୍କବାଦକୁ ଯେତେ ପ୍ରୋତ୍ସାହିତ କରୁନା କାହିଁକି, ଭାରତୀୟ ସେନା ଏହାର ପ୍ରତ୍ୟେକ ଗତିବିଧି ଉପରେ ନଜର ରଖେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ କାଶ୍ମୀରରେ ଆତଙ୍କବାଦ ଯଥେଷ୍ଟ ହ୍ରାସ ପାଇଛି ଏବଂ ନିହତ ଆତଙ୍କବାଦୀଙ୍କ ମଧ୍ୟରୁ ୬୧ ପ୍ରତିଶତ ପାକିସ୍ତାନୀ ଥିଲେ, ଯାହା ପ୍ରମାଣ କରୁଛି ଯେ ସୀମା ପାରରୁ ଆତଙ୍କବାଦ ପଠାଇବାର ଷଡ଼ଯନ୍ତ୍ର ଜାରି ରହିଛି । ଜମ୍ମୁ ଏବଂ କାଶ୍ମୀରର ପରିସ୍ଥିତି ଦ୍ରୁତ ଗତିରେ ବଦଳୁଛି, ଏବଂ



ଆଜିର ଯୁବପିଢ଼ି ଭାରତ ସହିତ ଏକ ଭବିଷ୍ୟତ ଦେଖୁଛନ୍ତି ବୋଲି ଦ୍ୱିବେଦୀ କହିଛନ୍ତି । ଅପରେସନ୍ ସିନ୍ଦୂର ବିଷୟରେ ଉଲ୍ଲେଖ କରି ଜେନେରାଲ୍ ଦ୍ୱିବେଦୀ କହିଥିଲେ, ଏହା କେବଳ ଏକ ଟ୍ରେଲର ଥିଲା । ଆବଶ୍ୟକ ହେଲେ, ପାକିସ୍ତାନକୁ ଶିଖାଯିବ ଯେ ଏକ ଦାୟିତ୍ୱବାନ ଦେଶ ତା'ର ପଡ଼ୋଶୀ ସହିତ କିପରି ବ୍ୟବହାର କରେ । ସେ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ଭାରତ କୌଣସି ପ୍ରକାରର ପରମାଣୁ ବ୍ଲାକମେଲ୍କୁ ଭୟ କରେ ନାହିଁ ଏବଂ ଭାରତୀୟ ସେନା ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ, ଯୁଦ୍ଧ ଚାରି ମାସ ହେଉ କି ଚାରି ବର୍ଷ । ଚୀନ୍ ସହିତ ସମ୍ପର୍କ ବିଷୟରେ, ସେ କହିଛନ୍ତି, ପୂର୍ବ ଲଦାଖରେ ଉତ୍ତେଜନା ହ୍ରାସ ପରେ ଦୁଇ ଦେଶର ସମ୍ପର୍କ ସ୍ୱାଭାବିକ ଆଡକୁ ଗତି କରୁଛନ୍ତି । ରାଜନୈତିକ ନେତୃତ୍ୱ ମଧ୍ୟରେ ଆଲୋଚନା ବୃଦ୍ଧି ଯୋଗୁଁ ସେଠାରେ ପରିସ୍ଥିତି ଦ୍ରୁତ ଗତିରେ ସୁଧାର ଆସିଛି । ଯେତେବେଳେ କୂଟନୀତି ଏବଂ ରାଜନୈତିକ ଦିଗ ଏକାଠି ହୁଏ, ପ୍ରତିରକ୍ଷା କୂଟନୀତି ସ୍ମାର୍ଟ ଶକ୍ତିରେ ପରିଣତ ହୁଏ । ଜେନେରାଲ ଦ୍ୱିବେଦୀ ମଣିପୁର ହିଂସା ଉପରେ ମଧ୍ୟ ମତାମତ ଦେଇଥିଲେ । ସେ କହିଛନ୍ତି, ମଣିପୁର ତାଙ୍କ ପାଇଁ ସ୍ୱର୍ଗ ସଦୃଶ ଏବଂ ରାଷ୍ଟ୍ରପତି ଶାସନ ଲାଗୁ ହେବା ପରେ ପରିସ୍ଥିତି ସ୍ୱାଭାବିକ ହେବାକୁ ଯାଉଛି । ସେ ଆଶା ପ୍ରକାଶ କରିଥିଲେ ଯେ ଯଦି ସେଠାକାର ସମ୍ପ୍ରଦାୟଗୁଡ଼ିକ ସେମାନଙ୍କର ମତଭେଦ ଦୂର କରନ୍ତି, ତେବେ ପରିସ୍ଥିତିରେ ଆହୁରି ଉନ୍ନତି ହେବ ।

# ଆମେରିକାରୁ ଏଲପିଜି ଆମଦାନୀ କରିବ ଭାରତ

**ନୂଆଦିଲ୍ଲୀ, ୧୭।୧୧ (ଏଜେନ୍ସି):** ଆମେରିକା ସହ ଭାରତର ଐତିହାସିକ ଚୁକ୍ତି । ଏହା ଅନୁସାରେ, ଭାରତର ତେଲ କମ୍ପାନୀ ଆମେରିକାରୁ ଅତି କମରେ ୧୦ ପ୍ରତିଶତ ଏଲପିଜି ଆମଦାନୀ କରିବ । ଏହି ଚୁକ୍ତି ପରେ ଦେଶରେ ରୋଷେଇ ଗ୍ୟାସର ଉପଲବ୍ଧତା ସହଜ ହୋଇଯିବ । ଭବିଷ୍ୟତରେ କୌଣସି ସପ୍ଲାଇରେ ଅଭାବ ରହିବନି । ବହୁ ମାସ ହେବ ଏହି ଡିଲ୍କୁ ନେଇ ଚର୍ଚ୍ଚା ଚାଲିଥିଲା, ଯାହାକୁ ଏବେ ଔପଚାରିକ ରୂପରେ ପୁରା କରି ଦିଆଯାଇଛି । କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ ସୋମବାର ଏହାର ଘୋଷଣା କରିଛନ୍ତି । ସେ କହିଛନ୍ତି, ଭାରତର ସରକାରୀ ତେଲ କମ୍ପାନୀ ପ୍ରଥମ ଥର ମିଳିତ ଭାବରେ ଆମେରିକା ସହ ଦୀର୍ଘ ସମୟ ଧରି ଏଲପିଜି ଆମଦାନୀ ନେଇ ଏକ ବର୍ଷ ପାଇଁ ଚୁକ୍ତି କରିଛି । ମନ୍ତ୍ରୀ ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ଲେଖିଛନ୍ତି, ଏହା ଭାରତର ଏଲପିଜି ବଜାର ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଭାରତ ଦୁନିଆର ସବୁଠାରୁ ବଡ଼ ଓ ଦ୍ରୁତ ଭାବରେ ବଢୁଥିବା ଏଲପିଜି ଉପଭୋକ୍ତା ଦେଶ ମଧ୍ୟରୁ ଅନ୍ୟତମ । ଏଭଳି ସ୍ଥିତିରେ ଆମେରିକାରୁ ସପ୍ଲାଇ କରିବା ଏଲପିଜି ସୋର୍ସିଂର ବିବିଧକରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଭାରତର ସରକାରୀ ତେଲ କମ୍ପାନୀ ବର୍ଷକ ପାଇଁ ପ୍ରାୟ ୨.୨ ମିଲିୟନ ଟନ୍ ପ୍ରତି ବର୍ଷ ଏଲପିଜି ଉତ୍ପାଦନ କରିବାର ଡିଲ୍ କରିଛି । ଏହା ଭାରତର ମୋଟ ବାର୍ଷିକ ଏଲପିଜି ଉତ୍ପାଦନର ପ୍ରାୟ ୧୦ ପ୍ରତିଶତ ହେବ । ଏହି ସପ୍ଲାଇ ଆମେରିକାର ଉପସାଗରୀୟ ଅଞ୍ଚଳରୁ କରାଯିବ । ଏହା ଭାରତୀୟ ବଜାର ପାଇଁ ଆମେରିକାର ଦୀର୍ଘକାଳୀନ ଏଲପିଜି ଚୁକ୍ତି ବୋଲି କହିଛନ୍ତି ପୁରୀ । ହରଦୀପ ସିଂହ ପୁରୀ କହିଛନ୍ତି, ଏଲପିଜି ଉତ୍ପାଦନ ପାଇଁ ବିପିସିଏଲ୍, ଆଇଓସି ଓ ଏଚପିସିଏଲର ଶୀର୍ଷ ଅଧିକାରୀଙ୍କ ଏକ ଟିମ୍ ଆମେରିକା ଯାଇଥିଲେ । ଡିଲ୍ ପୂର୍ବରୁ ଅଧିକାରୀମାନେ ସେଠାରେ ତେଲ ଉତ୍ପାଦନ କରୁଥିବା କମ୍ପାନୀ ସହ ଆଲୋଚନା କରିଛନ୍ତି । ଅନ୍ତର୍ଜାତୀୟ ବଜାରରେ ତେଲ ମୂଲ୍ୟ ବଢିବା ପରେ ବି ଭାରତର କମ୍ପାନୀ ଲୋକଙ୍କୁ କମ୍ ଦାମରେ ଏଲ୍ପିଜି ଉପଲବ୍ଧ କରିବାକୁ ପ୍ରତିଶ୍ରୁତିବଦ୍ଧ ।

# 'ଦିଲ୍ଲୀରେ ପହଞ୍ଚିଛି କାଶ୍ମୀର ସମସ୍ୟା'

**ନୂଆଦିଲ୍ଲୀ, ୧୭।୧୧ (ଏଜେନ୍ସି):** ଦିଲ୍ଲୀ ବ୍ଲାଷ୍ଟକୁ ନେଇ ଜାମ୍ମୁ କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିବାଦୀୟ ବୟାନ । କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ ପିପୁଲ୍ସ ଡେମୋକ୍ରାଟିକ ପାର୍ଟି ମୁଖ୍ୟ ମେହବୁବା ମୁଫତି । କହିଲେ ଲାଲକିଲ୍ଲାରେ ଗୁଞ୍ଜି ଉଠିଲା କାଶ୍ମୀର ସମସ୍ୟା । ଦିଲ୍ଲୀ ବିସ୍ଫୋରଣ ହେଉଛି ଦେଶରେ ବଢୁଥିବା ଅରାଜକତାର ପ୍ରମାଣ । ଜାମ୍ମୁ କାଶ୍ମୀରକୁ ନେଇ କେନ୍ଦ୍ର ସରକାରଙ୍କ ନୀତି ଫେଲ୍ ମାରିଛି । ଏବେ କାଶ୍ମୀର ସମସ୍ୟା ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚିଯାଇଛି । ସୂଚନା ଥାଉକି, ଦିଲ୍ଲୀରେ ହୋଇଥିବା ଆତଙ୍କୀ ବିସ୍ଫୋରଣରେ ୧୨ ଜଣ ନୀରିହ ଲୋକଙ୍କ ଜୀବନ ଯାଇଛି । ବହୁ ଲୋକ ଆହତ ହୋଇଛନ୍ତି । ଏହି ଘଟଣାକୁ ନେଇ ଶ୍ରୀନଗରରେ ହୋଇଥିବା ଏକ ବୈଠକରେ ଯୋଗ ଦେଇ ମେହବୁବା ମୁଫତି କହିଛନ୍ତି



ଯେ, ଜାମ୍ମୁ କାଶ୍ମୀରରେ ସବୁ କିଛି ଠିକ୍ ଚାଲିଛି ବୋଲି କେନ୍ଦ୍ର ସରକାର ସାରା ଦୁନିଆକୁ କହୁଛନ୍ତି । ହେଲେ କାଶ୍ମୀର ସମସ୍ୟା ଲାଲକିଲ୍ଲା ପର୍ଯ୍ୟନ୍ତ ପହଞ୍ଚି ଗଲାଣି । ଜାମ୍ମୁ କାଶ୍ମୀରକୁ ସୁରକ୍ଷିତ ରଖିବେ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ । ହେଲେ ତାଙ୍କ ନୀତି ଦିଲ୍ଲୀକୁ ବି ସୁରକ୍ଷା ଦେବାରେ ଫେଲ୍ ମାରିଛି । ଯଦି ଜଣେ ଶିକ୍ଷିତ ବ୍ୟକ୍ତି, ଜଣେ ଡାକ୍ତର ନିଜକୁ ଏବଂ ଅନ୍ୟକୁ ମାରିବାକୁ ଆରଡିଏକ୍ସର ବ୍ୟବହାର କରୁଛି ତାହେଲେ ଏହା ଦେଶର ଦୁର୍ବଳ ସୁରକ୍ଷା ବ୍ୟବସ୍ଥାକୁ ଉଜାଗର କରୁଛି । ଦେଶରେ ହିନ୍ଦୁ-ମୁସଲମାନ ରାଜନୀତି ରାଷ୍ଟ୍ରୀୟ ସୁରକ୍ଷା ଉପରେ ଭାରି ପଡୁଛି । ମୁଫତି ପୁଣି କହିଛନ୍ତି ଯେ, ସରକାର ଚଳାଉଥିବା ବ୍ୟକ୍ତି ମାନି ସାରିଲେଣି ଯେ, ଯେତେ ଅଧିକ ଲୋକଙ୍କୁ ଭାଗ ବଣ୍ଟା କରାଯିବ ସେତିକି ଧ୍ରୁବୀକରଣ ବଢିବ । ସେତିକି ଅଧିକ ରାଜନୈତିକ ଲାଭ ବି ମିଳିବ । ଏହି ରାଜନୀତି ଦେଶକୁ ଭୁଲ୍ ଦିଗରେ ନେଉଛି । କାଶ୍ମୀରର ଯୁବକମାନେ ହିଂସା ଓ ଘୃଣାର ରାସ୍ତା ନଆପଣାନ୍ତୁ । ଏହାଦ୍ୱାରା ନିଜର, ପରିବାରର, ଜାମ୍ମୁ କାଶ୍ମୀରର ଓ ପୁରା ଦେଶର କ୍ଷତି ହେବ ।



## ସେଲ୍ ରେ ସିଣ୍ଟର ଗୁଣବତ୍ତା ଓ ଉତ୍ପାଦକତାରେ ଉନ୍ନତି



**ରାଉରକେଲା, ୧୭।୧୧ (ନି.ପ୍ର):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଣ୍ଟର ପ୍ଲାଣ୍ଟ-୨ ର ଉଦ୍ୟୋଗୀ ବିଭାଗୀୟ ଦଳ ଏକ ଅଭିନବ ସମାଧାନ କାର୍ଯ୍ୟକାରୀ କରିଛନ୍ତି ଯାହାଦ୍ୱାରା ସିଣ୍ଟର ଗୁଣବତ୍ତା ଏବଂ ଉତ୍ପାଦକତାରେ ବ୍ୟାପକ ଉନ୍ନତି ହୋଇଛି। ବିଭାଗୀୟ ଦଳ ଡିସପ୍ୟାଚ୍ ସିରିଜ୍ ଚ୍ୟୁଟରେ ସ୍ପେଶାଲ୍ ଆଗ୍ରେସନ୍ ଲାଇନର୍ ସଫଳତାର ସହିତ ସ୍ଥାପନ କରିଥିଲେ ଯାହା ଫଳରେ ବ୍ଲାଷ୍ଟ ଫର୍ଣ୍ଣେସ୍-୧ କୁ ଯୋଗାଇ ଦିଆଯାଉଥିବା ସିଣ୍ଟରର ଗୁଣବତ୍ତାରେ ଉଲ୍ଲେଖନୀୟ ଉନ୍ନତି ସାଧିତ ହୋଇଛି।

ବିଦ୍ୟମାନ ସିଷ୍ଟମରେ, ଗୋଟିଏ କନଭେୟରରୁ ଅନ୍ୟ ଏକ କନଭେୟରକୁ ଯିବା ସମୟରେ ସିଣ୍ଟର କ୍ରମାଗତ ସାତଟି ଭୂଲମ୍ବ ପତନ ଦେଇ ଗତି କରେୟ ଏହି ବାରମ୍ବାର ଇମ୍ପାକ୍ଟ ଯଥେଷ୍ଟ ସିଣ୍ଟର ଗୁଣବତ୍ତାକୁ ପ୍ରଭାବିତ କରୁଥିଲା, ଯାହା ଫଳରେ ଫାଇନ୍ ଉତ୍ପାଦନ ବୃଦ୍ଧି ପାଉଥିଲା ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ କୁ ଝର୍ଜ ହୋଇଥିବା ଭାରର ପ୍ରଭାବ କମ ହେଉଥିଲା।

ଏହି ଆହ୍ୱାନର ମୁକାବିଲା କରିବା ପାଇଁ, ଉକ୍ତ ବିଭାଗ ନୂତନ ଉଚ୍ଚ-ପ୍ରଭାବ, ଘର୍ଷଣ-ପ୍ରତିରୋଧୀ ଲାଇନର୍ ପ୍ରଚଳନ କରିଛି। ସେମାନଙ୍କର ସ୍ଥାପନ ସହିତ, ସିଣ୍ଟର ଅବନତି ଯଥେଷ୍ଟ ହ୍ରାସ ପାଇଛି। ଏହି ପଦକ୍ଷେପ କମ୍ ଫାଇନ୍ ଉତ୍ପାଦନ ଏବଂ ପରିବହନ ସମୟରେ ସିଣ୍ଟର ଆକାରର ଉତ୍ତମ ସଂରକ୍ଷଣରେ ଅବଦାନ ଦେଇଛି। ନୂତନ ଲାଇନର ଗୁଡ଼ିକ ରକ୍ଷଣାବେକ୍ଷଣ ଆବଶ୍ୟକତାକୁ ହ୍ରାସ କରି ଏବଂ ଚ୍ୟୁଟ୍ ଗୁଡିକ ମଧ୍ୟରେ ପ୍ରବାହ ବୈଶିଷ୍ଟ୍ୟଗୁଡ଼ିକୁ ବୃଦ୍ଧି କରି କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତାକୁ ଆହୁରି ଉନ୍ନତ କରିଛି। ଏହି ପଦକ୍ଷେପ ସିଣ୍ଟର ହ୍ୟାଣ୍ଡଲିଂ ସିଷ୍ଟମକୁ ସୁଦୃଢ଼ କରିବା ସହ ସାମଗ୍ରିକ ପ୍ଲାଣ୍ଟ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବାରେ ଏକ ପ୍ରମୁଖ ପଦକ୍ଷେପ ସାବ୍ୟସ୍ତ ହୋଇଛି।

## କୋମାକି ଇଲେକ୍ଟ୍ରିକ ପକ୍ଷରୁ ଏମଏକ୍ସ୧୬ ପ୍ରୋର ଶୁଭାରମ୍ଭ

**ଭୁବନେଶ୍ୱର, ୧୭।୧୧ (ନି.ପ୍ର) :** ଏକ ଅଗ୍ରଣୀ ଇଲେକ୍ଟ୍ରିକ ଯାନ ବ୍ରାଣ୍ଡ, କୋମାକି ଇଲେକ୍ଟ୍ରିକ ଉନ୍ନତ ଡିଜାଇନ ଓ ଅତ୍ୟାଧୁନିକ ଇଭି ଇଞ୍ଜିନିୟରିଂ ସହିତ ଏମଏକ୍ସ୧୬ ପ୍ରୋର ଶୁଭାରମ୍ଭ କରିଛି। ଏହି ମଜବୁତ ମେଟାଲ ବଡି କ୍ରୁଜର ବାଇକ, ୧୬୯୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଦୁଇଟି କଲର ଭାରିଆଂଟ ଯଥା ଡୁଆଲ ଟୋନ ଓ ଜେଟ୍ ବ୍ଲାକରେ ଉପଲବ୍ଧ। ବଜାରରେ ଉପଲବ୍ଧ ଅନ୍ୟ ଇଲେକ୍ଟ୍ରିକ କ୍ରୁଜରର ଅଧା ମୂଲ୍ୟରେ ଆସୁଥିବା ଏହି ବାଇକ କାର୍ଯ୍ୟଦକ୍ଷତା ଓ ଫିଚର ଉପରେ ସାଲିସ କରୁନାହିଁ। ଏହି ବାଇକ ଏକ ୫ କେଡବ୍ଲ୍ୟୁ ବିଏଲଡିସି ହବ୍ ମୋଟର ଓ ଏକ ୪.୫ କେଡବ୍ଲ୍ୟୁଏଚ ବ୍ୟାଟେରୀ ଦ୍ୱାରା ପରିଚାଳିତ ଯାହା ଗୋଟିଏ ଥର ଚାର୍ଜ ହେଲେ ୧୬୦ରୁ ୨୨୦ କିମିର ରେ ପ୍ରଦାନ କରିଥାଏ। ଏମ୍ଏକ୍ସ୧୬ ପ୍ରୋ ମାତ୍ର ୧୫ରୁ ୨୦ ଟଙ୍କାର ଏକ ଚାର୍ଜ ଖର୍ଚ୍ଚରେ ୨୦୦ କିମି ପର୍ଯ୍ୟନ୍ତ ରେ ପ୍ରଦାନ କରୁଛି, ଅନ୍ୟପକ୍ଷରେ ଏକ ପାରମ୍ପରିକ ପେଟ୍ରୋଲ ଟୁହ୍ୱିଲରରେ ସମାନ ଦୂରତା ଅତିକ୍ରମ କଲେ ପ୍ରାୟ



୭୦୦ ଟଙ୍କା ଖର୍ଚ୍ଚ ହୋଇଥାଏ। ଏହା ଏମ୍ଏକ୍ସ୧୬ ପ୍ରୋକୁ ପେଟ୍ରୋଲ ବାଇକ ତୁଳନାରେ ୫ ଗୁଣ ଅଧିକ ମିତବ୍ୟୟୀ କରୁଛି। ଏହାସହିତ ଏକ ୫କେଡବ୍ଲ୍ୟୁ (୬.୭ ଏଚପି) ହାଇ-ଟର୍କ ମୋଟର ଶକ୍ତିଶାଳୀ କ୍ରୁଜିଙ୍ଗ ପ୍ରଦର୍ଶନକୁ ସୁଗମ କରିଥାଏ। ୮୦କେପିଏଚର ସର୍ବାଧିକ ବେଗ ହାସଲ କରୁଥିବା ଏହି ବାଇକ ସମସ୍ତ ଭୂଭାଗକୁ ସୁଗମତା ଓ ସ୍ଥିର ନିୟନ୍ତ୍ରଣ ସହ ଅତିକ୍ରମ କରିବା ପାଇଁ ଉପଯୁକ୍ତ ଅଟେ।

ଏହି ଅବସରରେ କୋମାକି ଇଲେକ୍ଟ୍ରିକ ଭେଇକିଲ୍ସର ସହ-ପ୍ରତିଷ୍ଠାତା ଗୁନ ମଲହୋତ୍ରା କହିଛନ୍ତି, 'ଏମ୍ଏକ୍ସ୧୬ ପ୍ରୋର ଶୁଭାରମ୍ଭକୁ ଇଭି ସେଗମେଂଟରେ ଏକ ଗେମ୍ ଚେଞ୍ଜର ଭାବେ ବିଚାର କରାଯାଇପାରିବ। ଏହାକୁ ମୁଖ୍ୟତଃ ସପ୍ତାହାନ୍ତ ଅବସର ସମୟର ଚାଳନାଠାରୁ ଆରମ୍ଭ କରି ଦୈନନ୍ଦିନ ଯାତ୍ରା ପର୍ଯ୍ୟନ୍ତ, ପ୍ରତ୍ୟେକ ଚାଳନାକୁ ଏକ ଉପଭୋଗ୍ୟ ଅଭିଜ୍ଞତାରେ ପରିଣତ କରିବା ପାଇଁ ଶକ୍ତିଶାଳୀ କାର୍ଯ୍ୟଦକ୍ଷତା, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଅତୁଳନୀୟ ଆରାମକୁ ଏକତ୍ରିତ କରିବାର ଉଦ୍ଦେଶ୍ୟ ସହିତ ଶୁଭାରମ୍ଭ କରାଯାଇଛି। ଏହି ଇଲେକ୍ଟ୍ରିକ କ୍ରୁଜର ବାଇକ ଉନ୍ନତ ବ୍ରେକିଙ୍ଗ କଂଟ୍ରୋଲ, ସ୍ଥିରତା ଓ ପ୍ରତ୍ୟେକ ଚାଳନାରେ ସୁରକ୍ଷା ହାସଲ କରିବା ପାଇଁ ଏକ ସ୍ୱତନ୍ତ୍ର ଟ୍ରିପଲ ଡିସ୍କ ବ୍ରେକ ସିଷ୍ଟମ ସହ ସୁସଜ୍ଜିତ ରହିଛି। ସୁଗମ ଟର୍କ, ପ୍ରଶସ୍ତ ସିଟିଙ୍ଗ ଓ କମ୍ ଭାଇବ୍ରେଶନ ଡିଜାଇନର ସୁବିଧା ସହ ଆସୁଥିବା ଏହି ବାଇକ ଚାଳନାକୁ ପ୍ରାକୃତିକ ଓ ସହଜ କରିଥାଏ। ଏହା ସଙ୍ଗେ ସଙ୍ଗେ ଏମ୍ଏକ୍ସ୧୬ ପ୍ରୋ ଷ୍ଟ୍ରେଚ୍‌ଡ ଫ୍ରେମ, ପ୍ରିମିୟମ ଡିଟେଲିଂ, ଡୁଆଲ ଡିସ୍କ ବ୍ରେକ ଓ ଆଡ୍‌ଜଷ୍ଟେବୁଲ ସସ୍ପେନଶନ ସହିତ ଆସୁଛି। ଏଥିସହିତ ଏହା ଏକ ଫୁଲ-କଲର ଟିଏଫଟି ଡିସ୍‌ପ୍ଲେ, ବ୍ଲୁଟୁଥ କନେକ୍ଟିଭିଟି, କ୍ରୁଜ କଂଟ୍ରୋଲ, ରିଭର୍ସ ଆସିଷ୍ଟ, ରିଜେନେରେଟିଭ ବ୍ରେକିଙ୍ଗ, ଏକ ଅଟୋ ରିପେୟାର ସ୍ୱିଚ ଓ ପାର୍କ ଆସିଷ୍ଟ ଅନ୍ତର୍ଭୁକ୍ତ ଥିବା ଆଡ୍‌ଭାନ୍ସଡ ଫିଚରଗୁଡିକର ବ୍ୟାକଅପ ସହିତ ଆସୁଛି, ଯାହା ସ୍ମାର୍ଟ ଓ ସୁଗମ କ୍ରୁଜିଙ୍ଗକୁ ସକ୍ଷମ କରିଥାଏ।

## ଆଦାନି ଡିଏଭି ସ୍କୁଲରେ 'ଆଶାଏଁ' ଆୟୋଜିତ



**ଧାମରା, ୧୭।୧୧ (ନି.ପ୍ର) :** ବାର୍ଷିକ ପ୍ରଦର୍ଶନୀ ଆୟୋଜନ କ୍ରମରେ ଭଦ୍ରକ ଜିଲା କୁଆଁମରାସ୍ଥିତ ଆଦାନି ଡିଏଭି ପବ୍ଲିକ ସ୍କୁଲରେ ବାର୍ଷିକ ପ୍ରଦର୍ଶନୀ 'ଆଶାଏଁ' ଆୟୋଜିତ ହୋଇଯାଇଛି। ଏହି ବାର୍ଷିକ ପ୍ରଦର୍ଶନୀରେ ଡିପିସିଏଲ୍ ସିଇଓ ଦେବେନ୍ଦ୍ର ଠକର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୁଆଁମରା ପ୍ରୋଜେକ୍ଟ ୟୁପିଏସ୍ କ୍ଲଷ୍ଟରର ଶ୍ରୀ ତ୍ରିଲୋଚନ ଦାସ, ଆଦାନି ଡିଏଭି ପବ୍ଲିକ ସ୍କୁଲର ଅଧକ୍ଷା କୃଷ୍ଣପ୍ରିୟା ଷଡଙ୍ଗୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଷୟର ମୋଟ ୨୫୦ଟି ପ୍ରକଳ୍ପ ଛାତ୍ରଛାତ୍ରୀ ମାନେ ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ତଥା ଅନ୍ୟାନ୍ୟ ଅତିଥିମାନେ ପ୍ରକଳ୍ପ ଗୁଡ଼ିକୁ ବୁଲି ଦେଖିଥିଲେ। ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କ ଏହି ଉଦ୍ୟମର ପ୍ରଂଶସା କରିବା ସହିତ ଆଗାମୀ ଦିନ ପାଇଁ ପ୍ରେରଣା ଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ପ୍ରାଚୀର ପତ୍ର ମଧ୍ୟ ଉନ୍ମୋଚିତ କରିଥିଲେ। ନିକଟବର୍ତ୍ତୀ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଏହି ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିବାର ସୁଯୋଗ ପାଇଥିଲେ। ପ୍ରତ୍ୟେକ ପ୍ରକଳ୍ପରୁ ଦର୍ଶକ ତଥା ଛାତ୍ରଛାତ୍ରୀମାନେ ନୂତନ ପ୍ରକାର ଜ୍ଞାନ ଓ ଅବଧାରଣାର ଅନୁଭୂତି ପାଇଥିଲେ। ଛାତ୍ରଛାତ୍ରୀଙ୍କ ବ୍ୟତୀତ ୬୫୦ ଜଣ ଅଭିଭାବକ ବିଦ୍ୟାଳୟର ଏହି କାର୍ଯ୍ୟକ୍ରମକୁ ଦେଖି ଭୂୟସୀ ପ୍ରଂଶସା କରିଥିଲେ। ସମସ୍ତ ପ୍ରକଳ୍ପକୁ ସ୍ଥାନୀୟ ବିଦ୍ୟାଳୟର ଅନୁଭବୀ ଶିକ୍ଷାବିତ୍ ମାନଙ୍କ ଦ୍ୱାରା ଉଚିତ ମାନଦଣ୍ଡ ଏବଂ ମୂଲ୍ୟଯୁକ୍ତ ମାପଦଣ୍ଡ ଅନୁଯାୟୀ ମୂଲ୍ୟାଙ୍କନ କରି ବିଭିନ୍ନ ବର୍ଗର ସର୍ବଶ୍ରେଷ୍ଠ ପ୍ରକଳ୍ପକୁ ସମ୍ମାନିତ କରାଯାଇଥିଲା। ଏତଦ୍ ବ୍ୟତୀତ ବିଦ୍ୟାଳୟ ପରିସରରେ ଏକ ପୁସ୍ତକମେଳା ମଧ୍ୟ ଆୟୋଜନ କରାଯାଇଥିଲା।

## ବେଦାନ୍ତ ଆଇରନ୍ ଓର୍ ଓଡ଼ିଶା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଓ ବିଶ୍ୱ ମଧୁମେହ ଦିବସ ପାଳିତ

**ଭୁବନେଶ୍ୱର, ୧୭।୧୧ (ନି.ପ୍ର):** 'ମଧୁମେହ ଏବଂ ସୁସ୍ଥତା' ବିଷୟବସ୍ତୁ ଉପରେ ୨୦୨୫ ମସିହାର ବିଶ୍ୱ ମଧୁମେହ ଦିବସ ପାଳନ ଅବସରରେ ବେଦାନ୍ତ ଆଇରନ୍ ଓର୍ ଓଡ଼ିଶା (ଆଇଇଓଓ) ପକ୍ଷରୁ ମଧୁମେହର ପ୍ରାରମ୍ଭିକ ଚିହ୍ନଟ, ପ୍ରତିରୋଧ ଏବଂ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ନିକଟସ୍ଥ ଗ୍ରାମଗୁଡ଼ିକରେ ମଧୁମେହ ସଚେତନତା ଏବଂ ସ୍ୱାସ୍ଥ୍ୟ ଯାଂଚ୍ ଶିବିର ଆୟୋଜନ କରାଯାଇଥିଲା। ଏହି ପଦକ୍ଷେପର ଲକ୍ଷ୍ୟ ମଧୁମେହ ସମୟରେ ଆବଶ୍ୟକ କାର୍ଯ୍ୟ ଅନ୍ତର୍ଗତ ଶାରୀରିକ ଓ ଭାବପ୍ରବଣ ସୁସ୍ଥତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ରେଙ୍ଗାଲବେଡା, ଗୁଆଲି, ନାଡିଡିହି, ନୂଆ ଗାଁ ଏବଂ କେନ୍ଦୁଡିହି ଗ୍ରାମରେ ସ୍ୱତନ୍ତ୍ର ଅଧିବେଶନ ଆୟୋଜନ ସହିତ ବାସିନ୍ଦାମାନଙ୍କୁ ମାଗଣା ପରାମର୍ଶ ଏବଂ ମଧୁମେହ ସ୍କ୍ରିନିଂ ପ୍ରଦାନ କରାଯାଇଥିଲା। ଶିବିରଗୁଡ଼ିକର ନେତୃତ୍ୱ ବେଦାନ୍ତର ମୋବାଇଲ୍ ହେଲ୍‌ଥ ୟୁନିଟ୍ (ଏମଏଚୟୁ) ଡାକ୍ତର ମୋହନ କୁମାର ନେଇ ଥିଲେ। ଗୋଷ୍ଠୀର ସଦସ୍ୟ ମାନଙ୍କର ସ୍ୱାସ୍ଥ୍ୟ ସ୍ଥିତି ବୁଝି ମଧୁମେହ ପରିଚାଳନା ପାଇଁ ସକ୍ରିୟ ପଦକ୍ଷେପ



ନେବା ପାଇଁ ସଚେତନତା ଅଧିବେଶନ ଏବଂ ଗ୍ଲୁକୋଜ୍ ସ୍ତର ଯାଂଚ୍ କରାଯାଇଥିଲା।

ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଇରନ୍ ଓର ଓଡ଼ିଶାର ସିଓଓ ବିଶ୍ୱନାଥ ସାହୁ କହିଲେ, ବେଦାନ୍ତ ଆଇରନ୍ ଓର ଓଡ଼ିଶାରେ, ଆମେ ଆମ ଆଖପାଖର ଗୋଷ୍ଠୀଙ୍କର ଜୀବନ ଧାରଣମାନକୁ ବିକଶିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ମଧୁମେହ ଏକ ବଢୁଥିବା ଚିନ୍ତାର ବିଷୟ। ବିଶେଷକରି ଗ୍ରାମାଂଚଳରେ ସଚେତନତା ଏବଂ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ସ୍ଥିତି ସୀମିତ ରହିଛି। ଆମର ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଏବଂ ମୋବାଇଲ୍ ହେଲ୍‌ଥ ୟୁନିଟ୍ ମାଧ୍ୟମରେ ତଥା ପ୍ରଚାର ଦ୍ୱାରା ଆମେ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ସଚେତନତା ସୃଷ୍ଟି କରିବା ଏବଂ ପ୍ରତ୍ୟେକ ବ୍ୟକ୍ତି ଯେଭଳି ସମୟାନୁସାରେ ଚିକିତ୍ସା ସହାୟତା ପାଇପାରିବେ ତାହା ନିଶ୍ଚିତ କରିବାର ଲକ୍ଷ୍ୟ ରଖିଛୁ।

ଏହି ପଦକ୍ଷେପ ପାଇଁ କୃତଜ୍ଞତା ପ୍ରକାଶ କରି, ନାଡ଼ିଡିହି ଗ୍ରାମର ବାସିନ୍ଦା ମାନୁଆଲ୍ ବାର୍ଲା କହିଲେ, ମୁଁ କିଛି ସମୟ ପାଇଁ ଅସୁସ୍ଥ ଅନୁଭବ କରୁଥିଲି କିନ୍ତୁ ଜାଣି ନଥିଲି ଯେ, ଏହା ମଧୁମେହ ପାଇଁ ହେଉଛି। ଶିବିରରେ ମୋର ଯାଂଚ୍ କରାଇବା ଏବଂ ମୋ ଗାଁରେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ପରେ ଏନେଇ ମୁଁ ଜାଣି ପାରିଥିଲି। ମୋବାଇଲ୍ ହେଲ୍‌ଥ ୟୁନିଟ୍ ନିୟମିତ ଭାବରେ ଆମ ଅଂଚଳକୁ ଆସିଥାଏ। ଯାହା ଦ୍ୱାରା ଆମେ ଦୂର ହସ୍ପିଟାଲକୁ ନାଯାଇ ଘର ପାଖରେ ଡାକ୍ତରୀ ପରାମର୍ଶ ସହଜରେ ପାଇ ପାରୁଛୁ। ଆମ ପରି ଦୂରଦୂରାନ୍ତ ଗାଁରେ ରହୁଥିବା ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଆମ ଦ୍ୱାରଦେଶକୁ ପହଂଚି ପାରିଛି। ଏହି ଶିବିରଗୁଡ଼ିକ ଆୟୋଜନ କରିବା ଏବଂ ଆମ ସ୍ୱାସ୍ଥ୍ୟର ଯତ୍ନ ନେଉଥିବାରୁ ମୁଁ ବେଦାନ୍ତଙ୍କ ନିକଟରେ କୃତଜ୍ଞ।

## ଶ୍ରେଷ୍ଠ ମଲ୍ଟି-ସ୍ପେସିଆଲିଟି ପ୍ରାଇଭେଟ୍ ହସ୍ପିଟାଲ ପୁରସ୍କାରରେ ମଣିପାଲ ହସ୍ପିଟାଲ ପୁରସ୍କୃତ

**ଭୁବନେଶ୍ୱର, ୧୭।୧୧ (ନି.ପ୍ର):** ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପୁଣିଥରେ ଏକ ଗୌରବ ଜନକ ସଫଳତା ଅର୍ଜନ କରିଛି। ଦେଶବ୍ୟାପୀ ଦି ଉଇକ୍-ହନ୍ସା ରିସର୍ଚ୍ଚ ସର୍ଭେ ୨୦୨୫: ବେଷ୍ଟ ହସ୍ପିଟାଲସ୍ ଇନ ଇଣ୍ଡିଆ ଅନୁସାରେ ଭୁବନେଶ୍ୱରର ଶ୍ରେଷ୍ଠ ମଲ୍ଟି-ସ୍ପେସିଆଲିଟି ପ୍ରାଇଭେଟ୍ ହସ୍ପିଟାଲ ଭାବେ ମଣିପାଲ ହସ୍ପିଟାଲଙ୍କୁ ସମ୍ମାନିତ କରାଯାଇଛି। ଗତ ୩ ବର୍ଷ ଧରି ମଣିପାଲ ହସପିଟାଲ ଭୁବନେଶ୍ୱରକୁ ଏହା ହେଉଛି ତୃତୀୟ ସତତ ବର୍ଷ ଯେଉଁଥିରେ ଏହି ସମ୍ମାନ ମଣିପାଲ ହସ୍ପିଟାଲ ପାଇଛି, ଯାହା ତାଙ୍କର ନିୟମିତ କ୍ଲିନିକାଲ ଉତ୍କର୍ଷ, ରୋଗୀ-କେନ୍ଦ୍ରୀକ ସେବା ଓ ଅତ୍ୟାଧୁନିକ ଜ୍ଞାନକୌଶଳ ସାହାର୍ଯ୍ୟରେ ସ୍ୱାସ୍ଥ୍ୟସେବା ଉପରେ ଦୃ ପ୍ରତିବଦ୍ଧତାକୁ ପ୍ରକାଶ କରେ।

ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଜ୍ୟମନ୍ତ୍ରୀ ଶ୍ରୀମତୀ ଅନୁପ୍ରିୟା ପାଟେଲ ଉପସ୍ଥିତିରେ ଦିଲ୍ଲୀ ଲୋକଶୋଭା ସାଂସଦ ବନସୁରୀ ସ୍ୱରାଜ ପୁରସ୍କାର ଦେଇଥିଲେ। ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏହି ସମ୍ମାନ ଜନକ ପୁରସ୍କାର ଗ୍ରହଣ କରିଥିଲେ ମଣିପାଲ ହସ୍ପିଟାଲ କ୍ଲଷ୍ଟର ଡାଇରେକ୍ଟର-ସାଉଥ ଇଷ୍ଟ ଡାକ୍ତର ଶକ୍ତିମୟ ମହାପାତ୍ର ତାଙ୍କ ସହିତ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଡାଇରେକ୍ଟର - ଅର୍ଥୋପେଡିକ୍ସ ଡାକ୍ତର ସୁନିଲ ଦାଶ ଏବଂ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତୀ ବିଭାଗର




ସିନିୟର କନସଲଟାଣ୍ଟ ଡାକ୍ତର ହରପ୍ରୀତ କୌର।

ଦି ଉଇକ୍-ହନ୍ସା ରିସର୍ଚ୍ଚ ସର୍ଭେ ଭାରତରେ ହସ୍ପିଟାଲ ମାନଙ୍କ ପାଇଁ ଏକ ପ୍ରମୁଖ ମାନଦଣ୍ଡ ଭାବେ ପରିଚିତ। ହନ୍ସା ରିସର୍ଚ୍ଚ ଦ୍ୱାରା ପରିଚାଳିତ ଏହି ସର୍ଭେ ରୋଗୀ ସନ୍ତୋଷ, ଚିକିତ୍ସାର ସ୍ୱଚ୍ଛତା, ପାଇପାରିବା ସୁବିଧା, ଓ ନବୀନତା ଭଳି ବିଭିନ୍ନ ପାରାମିଟର ଉପରେ ମୂଲ୍ୟାୟନ କରେ। ଏହାର ବିଜ୍ଞାନ ସମ୍ମତ ପ୍ରକ୍ରିୟା ଓ ଦେଶବ୍ୟାପୀ ପ୍ରସାର ଏହାକୁ ଭାରତରେ ଶ୍ରେଷ୍ଠ ହସ୍ପିଟାଲ ଗୁଡ଼ିକ ଚିହ୍ନଟ କରିବାରେ ଅତ୍ୟନ୍ତ ବିଶ୍ୱସନୀୟ ଅନୁଷ୍ଠାନ ଭାବେ ପରିଚିତ କରିଛି।

ଏହି ସମ୍ମାନ ଅବସରରେ ମଣିପାଲ ହସ୍ପିଟାଲ ଚେୟାରମ୍ୟାନ, ଡାକ୍ତର ସୁଦର୍ଶନ ବଲ୍ଲାଲ କହିଥିଲେ, ଏହି ସମ୍ମାନ ଆମ ଡାକ୍ତରଙ୍କ ଅଭିଜ୍ଞତା, ନିଷ୍ଠା ଓ କ୍ଲିନିକାଲ ଉତ୍କର୍ଷରେ ଆଧାରିତ। ଜାତୀୟ ସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ମଣିପାଲ ହସ୍ପିଟାଲ ଭୁବନେଶ୍ୱର ସବୁ ସମୟରେ ଉନ୍ନତମାନର ସ୍ୱାସ୍ଥ୍ୟ ସେବାକୁ ପ୍ରତ୍ୟେକ ରୋଗୀ ପାଇଁ ସୁଲଭ କରାଇବାକୁ ଅନୁସରଣ କରି ଆସୁଛି।

ମଣିପାଲ ହସ୍ପିଟାଲର କ୍ଲଷ୍ଟର ଡାଇରେକ୍ଟର - ସାଉଥ ଇଷ୍ଟ ଡାକ୍ତର ଶକ୍ତିମୟ ମହାପାତ୍ର କହିଥିଲେ, ଲଗାତାର ତୃତୀୟ ବର୍ଷ ଧରି ଏହି ପୁରଷ୍କାର ପାଇ ଆମେ ଅତ୍ୟନ୍ତ ଗର୍ବିତ। ଏହା ଆମ ପ୍ରତି ରହିଥିବା ଦୃ ଭରସାର ପ୍ରତୀକ। ଆମ ସଫଳତାର ରହସ୍ୟ ହେଉଛି ଅଭିଜ୍ଞ ଡାକ୍ତରୀ ଟିମ୍, ଆଧୁନିକ ଜ୍ଞାନ କୌଶଳ ବଂ ପ୍ରତ୍ୟେକ ରୋଗୀ ପାଇଁ ଶ୍ରେଷ୍ଠ ଚିକିତ୍ସା ଦେବା ପ୍ରତି ଆମର ନିୟମିତ ଚେଷ୍ଟା।

ମଣିପାଲ ହସ୍ପିଟାଲ ଭୁବନେଶ୍ୱର, ମଣିପାଲ ହସ୍ପିଟାଲସ୍ ନେଟୱାର୍କର ଏକ ଅଂଶ ଭାବେ, ଅନେକ ବିଶେଷ ଚିକିତ୍ସା ବିଭାଗରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ଭାବେ ପରିଚିତ। ଏହା ରୋଗୀ ମାନଙ୍କୁ ଆଧୁନିକ ସର୍ଜରୀ, ଉନ୍ନତମାନର ଡାଏଗନଷ୍ଟିକ ସେବା, ଓ ଅତ୍ୟାଧୁନିକ ଜ୍ଞାନକୌଶଳରେ ଆଧାରିତ ଚିକିତ୍ସା ପ୍ରଦାନ କରୁଛି। ଏହି ସମ୍ମାନ ମଣିପାଲ ହସ୍ପିଟାଲଙ୍କୁ ଓଡ଼ିଶା ଓ ପୂର୍ବ ଭାରତରେ ଏକ ବିଶ୍ୱସନୀୟ ସ୍ୱାସ୍ଥ୍ୟ ଗନ୍ତବ୍ୟ ଭାବେ ଆହୁରି ମଜବୁତ କରିଛି। ଏହି ସଫଳତା କେବଳ ମଣିପାଲ ହସ୍ପିଟାଲର ନିରନ୍ତର ସ୍ୱାସ୍ଥ୍ୟସେବା ଆଲୋକିତ କରେନି, ବରଂ ଏହା ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ରୋଗୀ ସେବା ମଲ୍ୟ - ଉଚ୍ଚ ଗୁଣବତ୍ତା, ନୀତିସମ୍ମତ ଓ ରୋଗୀ-ପ୍ରଥମ ସ୍ୱାସ୍ଥ୍ୟ ସେବା ପ୍ରଦାନ -କୁ ଆହୁରି ଦୃଢ଼ କରେ, ଯାହା ଜୀବନକୁ ସୁଧାରେ ଓ ଦେଶବ୍ୟାପୀ ମାନକ ସ୍ଥାପନ କରେ।

## ବ୍ୟାଙ୍କ ଅଫ ବରୋଦା ପକ୍ଷରୁ କିଷାନ ମେଳା ଆୟୋଜିତ

**କଟକ, ୧୭।୧୧ (ନି.ପ୍ର) :** ବ୍ୟାଙ୍କ ଅଫ ବରୋଦା କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକସ୍ଥିତ ପଟ୍ଟାମୁଣ୍ଡାଇ ପୌରପାଳିକା ଟାଉନହଲରେ ଏକ ମେଗା କିଷାନ ମେଳା ଆୟୋଜିତ ହୋଇଯାଇଛି। ଯାହାର ଉଦ୍ଦେଶ୍ୟ ଥିଲା କୃଷକମାନଙ୍କୁ ଆଧୁନିକ କୃଷି ସୁବିଧା, ସରକାରୀ ଯୋଜନା ଏବଂ ସମନ୍ୱିତ ବ୍ୟାଙ୍କିଂ ସେବା ସହିତ ଯୋଡ଼ି ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜୋନର ମହାପ୍ରବନ୍ଧକ ଏବଂ ଜୋନାଲ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ, କଟକ କ୍ଷେତ୍ରର ଏଜିଏମ୍ ଏବଂ କ୍ଷେତ୍ରୀୟ ମୁଖ୍ୟ ପ୍ରଦୀପ କୁମାର ବେହେରା, କଟକ କ୍ଷେତ୍ରର ଡିଆରଏମ୍ ଗୌତମ ପାଲ ଉପସ୍ଥିତ ଥିଲେ। କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ହାତିନା, କେରାଗଡ଼, ଚାଣ୍ଡି ଇତ୍ୟାଦି ବିଭିନ୍ନ ଶାଖାର କର୍ମଚାରୀଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୩୫୦ରୁ ଅଧିକ ଚାଷୀ ଏବଂ ମହିଳା ମେଳାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ବ୍ୟାଙ୍କ ଅଫ ବରୋଦା ମୋଟ ୨୯.୧୪ କୋଟି ଟଙ୍କାର କୃଷି ଋଣ ମଞ୍ଜୁର ଏବଂ ବଣ୍ଟନ କରିଥିଲା, ଯାହା ମଧ୍ୟରୁ ୨୦ କୋଟି ଟଙ୍କା ଘଟଣାସ୍ଥଳରେ ପ୍ରଦାନ କରାଯାଇଥିଲା। ଏଥିରେ ବରୋଦା କିଷାନ କ୍ରେଡିଟ୍ କାର୍ଡ,ଝଏଏ ଆର୍ଥିକ ସହାୟତା, ଖାଦ୍ୟ ଏବଂ କୃଷିଭିତ୍ତିକ ଋଣ, ଗ୍ରାମୀଣ




ଗୋଦାମ, ଟ୍ରାକ୍ଟର ଋଣ, ଅମଳକାରୀ ଋଣ ଏବଂ ଅନ୍ୟାନ୍ୟ କୃଷି ସମ୍ବନ୍ଧୀୟ ଋଣ ଉତ୍ପାଦ ଅନ୍ତର୍ଭୁକ୍ତ ଥିଲା। ମେଳାରେ କୃଷକମାନଙ୍କ ପାଇଁ ବ୍ୟାଙ୍କର ପ୍ରମୁଖ ଆର୍ଥିକ ସେବା ଯେପରିକି ଡିଜିଟାଲ କିଷାନ କ୍ରେଡିଟ୍ କାର୍ଡ, ଟ୍ରାକ୍ଟର ଋଣ, କୃଷି, କାର ଋଣ, ଦୁଗ୍ଧ ଋଣ, ଖାଦ୍ୟ ପ୍ରକ୍ରିୟାକରଣ ଯୋଜନା, କୃଷି ଭିତ୍ତିଭୂମି ଋଣ ଏବଂ ଡିଜିଟାଲ ସୁନା ଋଣ ପ୍ରଦର୍ଶିତ ହୋଇଥିଲା।

## ଡାଇସନ ପକ୍ଷରୁ ଲୋକପ୍ରିୟ ଟେକ୍ନୋଲୋଜି ଗୁଡିକ ଉପରେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଅଫର

**ଭୁବନେଶ୍ୱର, ୧୭।୧୧ (ନି.ପ୍ର) :** ଡାଇସନ ପକ୍ଷରୁ ଚଳିତ ବର୍ଷ ଏହାର ସବୁଠାରୁ ଆକର୍ଷଣୀୟ ଅଫର୍‌ର ଘୋଷଣା କରାଯାଇଛି। ଯେଉଁଥିରେ ନଭେମ୍ବର ୧୪ରୁ ୨୦ ତାରିଖ ୨୦୨୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଡାଇସନ ଡିଲ ଡେଜ୍ ସମୟରେ ଏହି ସ୍ୱତନ୍ତ୍ର ଅଫରଗୁଡିକର ସୁବିଧା ଆପଣ ପାଇପାରିବେ। ଡାଇସନ ଡିଲ ଡେଜ୍ ସମୟରେ ଉପଭୋକ୍ତାମାନେ ଡାଇସନର ଅତ୍ୟାଧୁନିକ ଟେକ୍ନୋଲୋଜିଗୁଡିକ ଉପରେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ସଂଚୟ ପାଇପାରିବେ। ଏହି ଅଫରଗୁଡିକୁ ହାସଲ କରିବା ସହ ଡାଇସନର ଉଦ୍ଭାବନଗୁଡିକ ସହ ନିଜର ଘର ଓ ସୌନ୍ଦର୍ଯ୍ୟ ଅନୁଭୂତିକୁ ଉନ୍ନତ କରନ୍ତୁ।

ଡାଇସନର ଆଇକୋନିକ ହେୟାର କେୟାର ଟୁଲଗୁଡିକ ସହିତ ଘରେ ସାଲୋନ ଭଳି ଲୁକ୍ ପାଆନ୍ତୁ। ସ୍ଲିକ ଷ୍ଟ୍ରେଟ ଲକ୍‌ଠାରୁ ଆରମ୍ଭ କରି ଭଲ୍ୟୁମିନଓ କର୍ଲସ ପର୍ଯ୍ୟନ୍ତ ପ୍ରତ୍ୟେକ ଟୁଲକୁ ସହଜ ଷ୍ଟାଇଲିଂ ଓ ନୋ ହିଟ ଡ୍ୟାମେଜ ପାଇଁ ଡିଜାଇନ କରାଯାଇଛି। ଡାଇସନ ଏୟାରରାପ୍ ଆଇ.ଡି.ଟିଏମ ମଲ୍ଟି-ଷ୍ଟାଇଲର ଓ ଡ୍ରାୟର, ଡାଇସନର ପ୍ରଥମ କନେକ୍ଟେଡ ଡିଭାଇସ ଭାବରେ ଆପଣଙ୍କ ପାଇଁ ନିର୍ମିତ ପର୍ସନାଲାଇଜଡ଼ ଷ୍ଟାଇଲ ଦେଇଥାଏ। ଯାହାର ମୂଲ୍ୟ ୪୨,୯୦୦ ଟଙ୍କା (ସେରାମିକ ପାଟିନା ଓ ଟୋପାଜ ରେ ଉପଲବ୍ଧ) ରହିଛି। ଡାଇସନ, ଏୟାରଷ୍ଟ୍ରେଟ ଷ୍ଟ୍ରେଟନର ବିନା କୌଣସି ହଟ୍ ପ୍ଲେଟ ଓ ନୋ ହିଟ ଡ୍ୟାମେଜ ସହିତ ଗୋଟିଏ ଷ୍ଟେପରେ ଡ୍ରାୟିଙ୍ଗ ଓ ଷ୍ଟ୍ରେଟ୍‌ନିଙ୍ଗ ସୁବିଧା ଦେଇଥାଏ, ଯାହାର ମୂଲ୍ୟ ୨୯,୯୦୦ ଟଙ୍କା (ପ୍ରୁସିଆନ ବ୍ଲୁ ବ୍ୟତୀତ ଅନ୍ୟ ସମସ୍ତ କଲରରେ)।




ସେହିଭଳି ନିଜ ଘରକୁ ଆଲେଜର୍ନ ଓ ଅତି କ୍ଷୁଦ୍ର ଧୂଳି କଣିକା ବିରୋଧରେ ସୁରକ୍ଷିତ ରଖିବାକୁ ଡାଇସନର ଆଡଭାନ୍ସଡ ଏୟାର ପ୍ୟୁରିଫାୟରଗୁଡିକ ଉପଯୁକ୍ତ ବିକଳ୍ପ ହେବ। ଏଚଇପିଏ ଗ୍ରେଡ ଫିଲ୍ଟରଶନ ଥିବା ଏହି ଡିଭାଇସଗୁଡିକ ଅତି କ୍ଷୁଦ୍ର ଧୂଳି କଣିକା, ଆଲେଜର୍ନ ଓ ଭିଓସି (ଭଲାଟାଇଲ ଓର୍ଗାନିକ କମ୍ପାଉଣ୍ଡ) ନଷ୍ଟ କରି ଆପଣଙ୍କ ପରିବାର ପାଇଁ ସ୍ୱଚ୍ଛ ଓ ସୁସ୍ଥ ବାୟୁ ପ୍ରଦାନ କରିଥାଏ। ଡାଇସନ ପ୍ୟୁରିଫାୟର କୁଲ ଫର୍ମାଲଡିହାଇଡ (ଟିପିଓ୯) ମୂଲ୍ୟ ୪୯,୯୦୦ ଟଙ୍କା ରହିଛି, ଯାହା ଅତି କ୍ଷୁଦ୍ର ଧୂଳି କଣିକା ଓ ଆଲେଜର୍ନଗୁଡିକୁ କ୍ୟାପଚର କରିବା ସହିତ ଫର୍ମାଲଡିହାଇଡ ଭିତିକ ଭିଓସିଗୁଡିକୁ ମଧ୍ୟ ନଷ୍ଟ କରିଥାଏ।

ଏହି ସହିତ ଡାଇସନ ଅନ୍‌ଟ୍ରାକ ହେଡଫୋନ ମଧ୍ୟ ଉପଲବ୍ଧ ଅଛି, ଯାହାକୁ ରିମାଷ୍ଟର କରାଯାଇଛି ଏବଂ ଉପଭୋକ୍ତାମାନେ ଏଥିରେ ସର୍ବୋତମ ଶ୍ରବଣ ଅନୁଭୂତି, ନଏଜ କ୍ୟାନ୍ସେଲେସନ ଓ ନିମଜ୍ଜିତ ସାଉଣ୍ଡ ଉପଭୋଗ କରିପାରିବେ। ବିଭିନ୍ନ ବର୍ଗରେ ଉତ୍ସାହଜନକ ସଂଚୟ ସହିତ ଡାଇସନ ଡିଲ ଡେଜ୍‌ର ସର୍ବାଧିକ ଲାଭ ଉଠାନ୍ତୁ। https:// www.dyson.in/deals ରେ ଅଧିକ ଅନ୍ୱେଷଣ କରନ୍ତୁ, ଏହି ଅଫର ଆସନ୍ତା ନଭେମ୍ବର ୨୦ ତାରିଖ ୨୦୨୫ ପର୍ଯ୍ୟନ୍ତ ବୈଧ ରହିଛି।

## ଆଇଇଏସଏ ପକ୍ଷରୁ ଭାରତର ଇସିଏମଏସ୍ ନୀତି ଅଧୀନରେ ନିବେଶକୁ ସମର୍ଥନ

**ଭୁବନେଶ୍ୱର, ୧୭।୧୧ (ନି.ପ୍ର):** ଭୁବନେଶ୍ୱର ୧୭ ନଭେମ୍ବର ୨୦୨୫: ୭୧୦୦ କୋଟି ନିବେଶର ଇସିଏମଏସ୍-ଅନୁମୋଦିତ ଆବେଦନର ଦ୍ୱିତୀୟ ଟ୍ରେଂଚ ପାଇଁ ଆଇଇଏସଏ ଏମଇଆଇଟିୱାଇ କୁ ପ୍ରଶଂସା କରିଛି। ଇସିଏମଏସ୍ ପଦକ୍ଷେପ ଭାରତର ଉଚ୍ଚ-ମୂଲ୍ୟର ଇଲେକ୍ଟ୍ରୋନିକ୍ସ ଉପାଦାନ, ଯେପରିକି ଏଚଡିଆଇ ଏବଂ ମଲ୍ଟି-ଲେୟର ପିସିବି, କ୍ୟାମେରା ମଡ୍ୟୁଲ୍, କପର-କ୍ଲାଡ୍ ଲାମିନେଟ୍, ପ୍ୟାସିଭ୍ ଉପାଦାନ, ଇତ୍ୟାଦି ପ୍ରତି ନିର୍ଣ୍ଣାୟକ ପଦକ୍ଷେପକୁ ସଙ୍କେତ ଦିଏ - ଯାହା ସବୁ ପ୍ରତିରକ୍ଷା, ଟେଲିକମ୍, ଇଭି, ନବୀକରଣୀୟ ଶକ୍ତି, ଅଟୋମୋଟିଭ୍ ଏବଂ ଗ୍ରାହକ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ପାଇଁ ଗୁରୁତ୍ୱପୂର୍ଣ୍ଣ।

କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରାଷ୍ଟ୍ର ମନ୍ତ୍ରୀ ଜିତିନ୍ ପ୍ରସାଦ ଏବଂ ଏମଇଆଇଟିୱାଇ ରଯୁଗ୍ମ ସଚିବ ଶ୍ରୀ ସୁଶୀଲ ପାଲଙ୍କ ସଦୟ ଉପସ୍ଥିତିରେ 'ଇସିଏମଏସ୍‌ର ସଫଳତା ପାଳନ' ଶୀର୍ଷକ ଅଧିବେଶନରେ ଭାଷଣ ଦେଇ, ଆଇଇଏସଏ ର ସଭାପତି ଶ୍ରୀ ଅଶୋକ ଚାନ୍ଦକ କହିଛନ୍ତି: 'ଭାରତର ଇଲେକ୍ଟ୍ରୋନିକ୍ସ ମୂଲ୍ୟ-ସଂଯୋଜନ ଏବେ ନୀତିରୁ ଉତ୍ପାଦନକୁ ତ୍ୱରାନ୍ୱିତ ହେଉଛି। ସେମିକଣ୍ଡକ୍ଟର ପ୍ରକଳ୍ପଗୁଡ଼ିକ ପୂର୍ବରୁ କାର୍ଯ୍ୟାନ୍ୱୟନରେ ଅଛି ଏବଂ ଇସିଏମଏସ୍ ଯୋଜନା ଦୃଢ଼ ଗତି ସଂଗ୍ରହ କରୁଛି, ଆଇଇଏସଏ ସଦସ୍ୟ କମ୍ପାନୀଗୁଡ଼ିକ ପ୍ରାରମ୍ଭିକ ଅନୁମୋଦନ ମଧ୍ୟରେ ଅଛନ୍ତି, ପାଇପଲାଇନରେ ଆହୁରି ଅନେକ କମ୍ପାନୀ ଅଛନ୍ତି। ଭାରତ ଉପାଦାନ ନିର୍ମାଣରେ ଏକ ଦୃଢ଼ ଭିତିଭୂମି ନିର୍ମାଣ କରୁଛି - ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା, ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ବିଶ୍ୱ ଇଲେକ୍ଟ୍ରୋନିକ୍ସ ଅର୍ଥନୀତି ପାଇଁ ଉଚ୍ଚ-ଦକ୍ଷତା ନିଯୁକ୍ତି ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରୁଛି।



## ଆଇନ୍ ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ, ୧୭।୧୧ (ନି.ପ୍ର):** ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ, ଓଡ଼ିଶା କଟକଙ୍କ ସୂଚନା କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ସଂଗ୍ରମା କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କାଉପୁର ସ୍ଥିତ କଜ୍ଜଳା ଦେବୀ ଜରା ନିବାସଠାରେ ବରିଷ୍ଠ ବୟସ୍କ ନାଗରିକ ମାନଙ୍କ ନିମନ୍ତେ ଥିବା ଭରଣ ପୋଷଣ, କଲ୍ୟାଣ ମୂଳକ କାର୍ଯ୍ୟ ଯାହାକି ବୟସ୍କ / ବୃଦ୍ଧ ବୃଦ୍ଧା ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସେସବୁ ସଂପର୍କିତ ଏକ ସଚେତନତା



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି।

ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ଶ୍ରୀ ପୁଣ୍ୟଶ୍ଳୋକ ରଥ ପରିଚାଳନା କରିଥିଲେ। ଶ୍ରୀ ଖଗେଶ୍ୱର ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଭଦ୍ରକ, ଡଃ ତାପସୀ କୁମାର ମହାନ୍ତି, ସହାୟକ ପ୍ରତିପକ୍ଷ ଓକିଲ, ନ୍ୟାୟ ରକ୍ଷକ, ଭଦ୍ରକ ତଥା କଜ୍ଜଳା ଦେବୀ ଜରା ନିବାସର ପରିଚାଳକ, ଡଃ ହରେକୃଷ୍ଣ ନାୟକ ଏବଂ ବୃଦ୍ଧବୃଦ୍ଧା ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଆଗେଇ ନେଇଥିଲେ। ଉପସ୍ଥିତ ଥିବା ବୃଦ୍ଧ ବୃଦ୍ଧା ମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା, ବିଷୟରେ ତଥା ସିନିଅର ସିଟିଜେନ ଆକ୍ଟ ୨୦୦୭ ଅନୁଯାୟୀ ବୟସ୍କ ନାଗରିକ ମାନଙ୍କପାଇଁ ଥିବା ଭରଣ ପୋଷଣ ଏବଂ ଜନହିତକର କାର୍ଯ୍ୟ ବିଷୟରେ ମଧ୍ୟ ସଚେତନତା କରାଯାଇଥିଲା। ଅନୁଷ୍ଠାନ ତରଫରୁ ଅନ୍ତେବାସୀ ମାନଙ୍କୁ ଶୀତ କମ୍ବଳ ମଧ୍ୟ ବଣ୍ଟନ କରାଯାଇଥିଲା।

## ସନ୍ଦିଗ୍ଧ ବାଂଲାଦେଶୀଙ୍କ ଘର ଭାଙ୍ଗିଲା ଜିଲ୍ଲା ପ୍ରଶାସନ

**ଜଗତସିଂହପୁର,୧୭/୧୧ (ନି.ପ୍ର):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜଇଶୋଳ ପଞ୍ଚାୟତର ବେରାମପୁର ଓ ଧନିପୁର ବଙ୍ଗାଳିଖର୍ଦ୍ଦାରେ ଦିର୍ଘଦିନ ଧରି ରହି ଆସୁଥିବା ସଂଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଘରକୁ ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ବୁଲଡୋଜର ସାହାଯ୍ୟରେ ଭାଙ୍ଗି ଦେଇଛି।



ପ୍ରକାଶ ଥାଉକି, ତରିକୁନ୍ଦ ଅଂଚଳର ଜନୈକ ବ୍ୟକ୍ତି ସିକନ୍ଦର ଆଲାମ ବେରାମପୁର ସ୍ଥିତ ନିଜ ଘରେ ଭଡ଼ା ସୂତ୍ରରେ କେତେକ ସଂଦିଗ୍ଧ ଲୋକଙ୍କୁ ରଖିଥିଲେ। କୈଣସି ସୁତ୍ରରୁ ଆସନ୍ତା ଦିନରେ ଜିଲ୍ଲାରେ ଏକ ବଡ଼ ଧରଣର ଆତଙ୍କବାଦର ଯୋଜନା ହେଉଥିବା ଖବରପାଇ ଜିଲ୍ଲା ପ୍ରଶାସନ ପୋଲିସ ସହାୟତାରେ ଗତକାଲି ସନ୍ଧ୍ୟାରେ ଉକ୍ତ ସ୍ଥାନରେ ପହଞ୍ଚି ଛାନଭିନ କରିଥିଲେ। ଛାନଭିନ ସମୟରେ ଉକ୍ତ କୋଠାଘରୁ ଗୋଟିଏ ବନ୍ଧୁକ ସହିତ ବିପୁଳ ପରିମାଣର ମାରଣାସ୍ତ୍ର ଜିଲ୍ଲା ପୋଲିସ ଜବତ କରିଥିଲା। ଏହି ସମୟରେ ସେଠାରେ ରହୁଥିବା ଲୋକମାନେ ପୋଲିସକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଜଣେ ମହିଳା ପୋଲିସ ଆହତ ହୋଇଥିଲେ। ଏହି ଘଟଣାରେ ସୋନା ଆଜମୀ ଓ ପରବିନବିବି ନାମକ ଦୁଇଜଣ ମହିଳାଙ୍କୁ ପୋଲିସ ଅଟକ ରଖିଥିବା ବେଳେ ଘର ମାଲିକ ସିକନ୍ଦର ଆଲାମ ଓରଫ ଶିକୁଙ୍କ ସହ ଅନ୍ୟ ସମସ୍ତେ ଫେରାର ହୋଇ ଯାଇଥିଲେ। ଅନୁରୁପଭାବେ ଜିଲ୍ଲା ପୋଲିସ ପକ୍ଷରୁ ବଙ୍ଗାଳୀ ଖର୍ଦ୍ଦାରେ ରହୁଥିବା ସଂଦିଗ୍ଧ ଅନୁପ୍ରବେଶ କାରୀଙ୍କ ଖାନତଲାସ ବେଳେ ସଠିକ ପ୍ରମାଣ ଦେଇ ନପାରିବାରୁ ୧୬ଜଣଙ୍କୁ ପୋଲିସ ନିଜ ହେପାଜତକୁ ନେଇଥିବା ବେଳେ ବହୁ ସଂଦିଗ୍ଧ ସେଠାରୁ ଫେରାର ହୋଇ ଯାଇଛନ୍ତି। ଏହି ଦୁଇ ସ୍ଥାନରେ ଥିବା ୧୦ବଖରା କୋଠାଘରକୁ ଆଜି ଜିଲ୍ଲା ପ୍ରଶାସନ ବୁଲଡୋଜର ଲଗାଇ ଭାଙ୍ଗି ଦେଇଛି। ଘର ଭଙ୍ଗା ଯିବା ସମୟରେ ସେଠାରେ ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ, ଏସପି ଅଙ୍କିତ କୁମାର ବର୍ମା, ଆଡିସିନାଲ ଏସପି ସତ୍ୟବ୍ରତ ଦାଶ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରେଇ, ଏସଡିପିଓ ଆଜିଙ୍କ୍ୟେ ମାନେ, ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ, ଅତିରିକ୍ତ ତହସିଲଦାର ତପନ କୁମାର ପରିଡ଼ାଙ୍କ ସହିତ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ରହିଥିଲେ। ଏହି ଘଟଣାରେ ଆସନ୍ତା ଦିନରେ ଜିଲ୍ଲାରେ ରହିଥିବା ସମସ୍ତ ସଂଦିଗ୍ଧମାନଙ୍କୁ ଠାବ କରି ସେମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ।

## ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ବାର୍ଷିକ ଉତ୍ସବ



**ଭୁବନେଶ୍ୱର, ୧୭।୧୧ (ନି.ପ୍ର):** ଶ୍ରୀ ଶାନ୍ତି ଆନନ୍ଦ ଆଶ୍ରମ (କର ମଳୟ) ର ପୂଜ୍ୟ ଶ୍ରୀ ଭାଗବତ ଗୋଷ୍ଠି ଓ ଆଚାର୍ଯ୍ୟ ମହୋଦୟ ଶ୍ରୀ ବଳରାମ ଦାସ ମହାରାଜାଙ୍କ ସଦୟ ସ୍ୱୀକୃତି ଦ୍ୱାରା ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ସୁନ୍ଦରପଦା ଅଭିରାମ ବସ୍ତିରେ ୧୪ତମ ବାର୍ଷିକ ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଅଛି। କିଶୋର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ମଣିନାଥ ପାତ୍ର ସମ୍ପାଦକଙ୍କ ଦ୍ୱାରା ବିବରଣୀ ପାଠ ,ଜଗନ୍ନାଥ ପାତ୍ର, ପ୍ରକାଶ ପଟ୍ଟନାୟକ, ତପନ କୁମାର ସ୍ୱାଇଁ,କର୍ପୋରେଟର ମଧୁସ୍ମିତା ପ୍ରଧାନ ବାର୍ଷିକ ଉତ୍ସବକୁ ପରିଚାଳନା କରିଥିଲେ। ସାଧୁ ସନ୍ଥଙ୍କ ପବିତ୍ର ମନମୁଗ୍ଧ ବାଣୀ ଏ ଅଞ୍ଚଳକୁ ପ୍ଳାବିତ କରି ନୂତନ ଆଶା ଉଦ୍ଦୀପନାରେ ଜନ ମାନସରେ ଶିହରଣ ଖେଳି ଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଅଭିରାମ ପ୍ରେମୀ ତଥା ବିଭିନ୍ନ ଭକ୍ତ ଗୋଟିପୁଅ ନୃତ୍ୟ , ଓଡ଼ିଶୀ ନୃତ୍ୟ ସମସ୍ତଙ୍କୁ ଆନନ୍ଦ ପ୍ରଦାନ କରିଥିଲା। ଏହିପରି ମହାନ୍ କାର୍ଯ୍ୟ ଏ ଅଞ୍ଚଳରେ କରାଯାଉଥିବାରୁ ସେବା ପ୍ରତିନିଧିର ମୁଖ୍ୟ ସଂଗଠକ ନୀଳମଣି ମିଶ୍ର ସାଧୁବାଦ ଜଣାଇଥିଲେ।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜନଜାତୀୟ ଗୌରବ ଦିବସ ପାଳିତ

**ବଡ଼ବିଲ/କୋଇଡ଼ା, ୧୭।୧୧ (ନି.ପ୍ର) :** ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ, ରୋଇଡ଼ା-ଓ ଓ ଟେନସା ମାଇନ୍ସରେ ଅଞ୍ଚଳରେ ମହାନ ବନବାସୀ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମଦିବସ ତଥା ଜନଜାତୀୟ ଗୌରବ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି।

କାଶିଆ ଓ ରୋଇଡ଼ା-ଓ ମାଇନ୍ସ ଅଞ୍ଚଳରେ ସ୍କୁଲ ଛାତ୍ରଛାତ୍ରୀ, ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟ ଓ ସ୍ଥାନୀୟ ଜନଜାତି ସମୁଦାୟ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ରିଟିସ ଶାସନ ବିରୋଧରେ ବିର୍ସା ମୁଣ୍ଡାଙ୍କ ଆନ୍ଦୋଳନ, ଜନଜାତି ଧର୍ମସଂସ୍କୃତିର ସୁରକ୍ଷା ପାଇଁ ସଂଘର୍ଷ ଓ ବଳୀଦାନକୁ ସମସ୍ତେ ସ୍ମରଣ କରିଥିଲେ୍ୟ ସ୍କୁଲ ଛାତ୍ରଛାତ୍ରୀମାନେ ପାରମ୍ପରିକ ଜନଜାତି ବେଶଭୂଷା ସହ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇଥିଲେ୍ୟ ଏହି କାର୍ଯ୍ୟକ୍ରମରେ ଜନଜାତି ପରମ୍ପରା ଓ ସଂସ୍କୃତିର ନିଦର୍ଶନ ଦେଖିବାକୁ ମିଳିଥିଲା।

ଏହି ଅବସରରେ କମ୍ପାନିର ଅଗ୍ନିଶମ ଓ ନିରାପତ୍ତା ବିଭାଗ ଅଧିକାରୀମାନେ ଅଗ୍ନି ନିରାପତ୍ତା ଓ ସଡ଼କ ସୁରକ୍ଷା ସମ୍ପର୍କରେ ସ୍ଥାନୀୟ ଅଧିବାସୀଙ୍କୁ ସଚେତନ କରାଇଥିଲେ। ଏହା ସହିତ ଏକ ନିରାପତ୍ତା ସଚେତନତା ରଥର ମଧ୍ୟ ଶୁଭାରମ୍ଭ ହୋଇଥିଲା। ଜିନ୍ଦଲ ଷ୍ଟିଲ- ବିକେଟିଆର କ୍ଲଷ୍ଟର ମୁଖ୍ୟ ଶ୍ରୀ ପ୍ରମୋଦ କୁମାର ପାତ୍ର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଶ୍ରୀ ପାତ୍ର ମହାନ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କର ଅବଦାନ ସମ୍ପର୍କରେ ସ୍ମରଣ କରିବା ସହ ଜିନ୍ଦଲର ଦାୟିତ୍ୱପୂର୍ଣ୍ଣ ଖଣି ପରିଚାଳନା ନୀତି ସମ୍ପର୍କରେ ସ୍ଥାନୀୟ ଅଧିବାସୀମାନଙ୍କୁ ଅବଗତ



କରାଇଥିଲେ। ଏହି ରଥ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ଦଶଟି ଗ୍ରାମ ପରିକ୍ରମା କରି ଅଗ୍ନି ନିରାପତ୍ତା ଓ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରିବ। ସେହିପରି ଫାଉଣ୍ଡେସନ ପକ୍ଷରୁ ଟେନସା ଜିରୋ ପଏଣ୍ଟରେ ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମଦିବସ ଓ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଥିଲା। ମାଇନ୍ସ ମ୍ୟାନେଜର ଶ୍ରୀ ଭରଦ୍ୱାଜ ରାଉତ ସ୍ୱାଧୀନତା ସଂଗ୍ରାମରେ ସହିଦ ବିର୍ସା ମୁଣ୍ଡାଙ୍କର ବଳିଦାନ ଓ ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ତାଙ୍କ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହା ସହିତ ଶ୍ରୀ ରାଉତ ଘରେ ଓ କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା ଅଭ୍ୟାସର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଜନଜାତି ସମୁଦାୟ ଯୋଗଦେଇଥିଲେ୍ୟ ଏହି କାର୍ଯ୍ୟକ୍ରମରେ ଜନଜାତି ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା। ସହିଦ ବିର୍ସା ମୁଣ୍ଡାଙ୍କ ଜନ୍ମ ଦିବସ ପାଳନରେ, ଜନଜାତି ସମୁଦାୟ ପ୍ରତି ଜିନ୍ଦଲ ଫାଉଣ୍ଡେସନର ସମ୍ମାନ ପ୍ରଦର୍ଶିତ ହେଉଛି। ଜିନ୍ଦଲ ଷ୍ଟିଲ ତୃଣମୂଳସ୍ତରରେ ଜନଜାତି ସମୁଦାୟର ଜୀବନଜୀବିକାରେ ସକରାତ୍ମକ ପରିବର୍ତ୍ତନ ଆଣିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଆସୁଛି। ଜିନ୍ଦଲ ଷ୍ଟିଲର ନିରନ୍ତର ସାମାଜିକ ଉନ୍ନୟନ କାର୍ଯ୍ୟକ୍ରମ, ଏହାର ସମସ୍ତ କାର୍ଯ୍ୟକ୍ଷେତ୍ରର ପାରିପାର୍ଶ୍ୱିକ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି। ଚିରନ୍ତନ ବିକାଶ, ନୂତନତା ଓ ସାମଗ୍ରିକ ଅଭିବୃଦ୍ଧି ଉପରେ ନିରନ୍ତର ଗୁରୁତ୍ୱ ପ୍ରଦାନ ସହ ସମୁଦାୟକୁ ସଶକ୍ତ କରିବା, ସ୍ୱାସ୍ଥ୍ୟକର ଓ ଚିରନ୍ତନ ଭବିଷ୍ୟତ ନିର୍ମାଣ କରିବାରେ ଜିନ୍ଦଲ ଫାଉଣ୍ଡେସନ ଅବିରତ କାର୍ଯ୍ୟ କରୁଛି।

## ପ୍ରେସ କ୍ଳବ ପକ୍ଷରୁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଦାବି

**କଟକ,୧୭।୧୧ (ନି.ପ୍ର):** ପ୍ରେସ କ୍ଲବ, କଟକ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି କହିଲେ ଯେ, ସାମ୍ବାଦିକମାନେ ବହୁ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଛନ୍ତି । ତେବେ ସମସ୍ତେ ଏକତ୍ରୀତ ହୋଇ ଉଦ୍ୟମ କଲେ ସାମ୍ବାଦିକ ମାନଙ୍କ ବହୁବିଧ ସମସ୍ୟାର ସମାଧାନ ହୋଇପାରିବ। ସୂଚନା ପାଇବାର ଅଧିକାର (ଆରଟିଆଇ) ବଳରେ ଉନ୍ନତ ସମ୍ବାଦ ପରିବେଷଣ କରାଯାଇ ପାରିବ। ଏହାର ସୁବିଧା ନେବାକୁ ସେ ସାମ୍ବାଦିକମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଏଥଲରେ ମୁଖ୍ୟବକ୍ତା





ଭାବେ ଯୋଗ ଦେଇ ଭାରତୀୟ ସୂଚନା ସେବା ଅଧିକାରୀ ତଥା ଆକାଶବାଣୀ କଟକ ସମ୍ବାଦ ବିଭାଗର ବାର୍ତ୍ତା ସମ୍ପାଦକ ଇତିଶ୍ରୀ ସିଂ ରାଠୋର ଯୋଗଦେଇ କହିଲେ ଯେ, ଯୁବ ସାମ୍ବାଦିକମାନେ ଗଭୀର ଭାବେ ଅଧ୍ୟୟନ କରି ସତ୍ୟ ସମ୍ବାଦ ପରିବେଷଣ କରିବା ଲାଗି ନିଜକୁ ପ୍ରସ୍ତୁତ କରିବା ଉଚିତ। ଏଥି ସହିତ ବିଭିନ୍ନ ପ୍ରସଙ୍ଗରେ ଧାରାବାହିକ ଭାବେ ଆଲୋଚନ ଚକ୍ର କରିବା କ୍ଷେତ୍ରରେ ରାଜ୍ୟର ସର୍ବ ପୁରାତନ ପ୍ରେସ କ୍ଲବ, କଟକ ଉଦ୍ୟମ କରିବା ଉଚିତ ବୋଲି ସେ କହିଥିଲେ। ଓଡିଶା ଇପିଏଫ ପେନସର୍ସ ସଂଘର ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା, ସାମ୍ବାଦିକ ରୋହନ ମହାନ୍ତି, ସାହିତ୍ୟ ସଂଗଠକ ଚିତ୍ତ ରଞ୍ଜନ ଦାଶ, ସ୍ତମ୍ଭକାର ତଥା ବିଜେପି ନେତା ସୁନୀଲ ଦ୍ୱିବେଦୀ ଯୋଗ ଦେଇ ଓଡିଆ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରେସ କ୍ଲବର ସଂଯୋଜକ ସାମ୍ବାଦିକ ଆଲୋକ କୁମାର ନାୟକ ସ୍ୱାଗତ ଭାଷଣ ଦେଇ ଆଗାମୀ ଦିନରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ସହ ସାମ୍ବାଦିକ ମାନଙ୍କ ପେନସନ ପାଇଁ ପ୍ରେସକ୍ଲବ,କଟକ ତା'ର ସ୍ୱରକୁ ତୀବ୍ର କରିବ ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ତଥା ସଙ୍ଗୀତକାର ମୁରଲୀ ଧର ନାୟକଙ୍କ ଜଗନ୍ନାଥ ଜଣାଣ ପରିବେଷଣରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥଳଲା ବରିଷ୍ଠ ସାମ୍ବାଦିକ ଅମ୍ଳାନ ବଦନ ପଟ୍ଟନାୟକ, ତପନ ସାହୁ, ପ୍ରତାପ ସେନାପତି,ରବୀନ୍ଦ୍ର ପାଢ଼ୀ, ଅଭିଜିତ ଚନ୍ଦ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମ୍ବାଦିକ ପ୍ରତାପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଙ୍ଗିଡିରେ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର

**ବୁଗୁଡ଼ା, ୧୭।୧୧ (ନି.ପ୍ର):** ବୁଗୁଡ଼ା ବ୍ଲକର ପାଙ୍ଗିଡି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଦିନ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପାଙ୍ଗିଡି ପଞ୍ଚାୟତର ସରପଞ୍ଚ ଭାଗ୍ୟଲତା ବିଷୋୟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ବିଡ଼ିଓ ଦୁତିକୃଷ୍ଣ ପାତ୍ର,ଏବିଡ଼ିଓ ଧର୍ମରାଜ ପରିଡ଼ା, ଏଟିଓ ସୁନନ୍ଦ ଶେଖର ସାହାଣୀ ଉପସ୍ଥିତ ଥିଲେ। ଏହି ଶିବିରରେ ୩୨ଟି ବ୍ୟକ୍ତିଗତ ଓ ଗୋଟିଏ ଗୋଷ୍ଠୀଗତ ଅଭିଯୋଗ ହୋଇଥିଲା। ସେଥି ମଧ୍ୟରୁ ୨୮ଟି ଅଭିଯୋଗର ତତକ୍ଷଣାତ୍ ସମାଧାନ ହୋଇଥିଲା। ବୁଗୁଡ଼ା ବ୍ଲକର ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀବୃନ୍ଦ ଏବଂ ପଞ୍ଚାୟତବାସୀ ଉପସ୍ଥିତ ରହିଥିଲେ।

## କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ଆରମ୍ଭ

**ଖୋର୍ଦ୍ଧା, ୧୭।୧୧ (ନି.ପ୍ର):** ୧୧ ନଭେମ୍ବର ପୂର୍ବାହ୍ନରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ବୈଠକର ଆୟୋଜନ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଯାଇଛି। ଜିଲ୍ଲାରେ ନଭେମ୍ବର ୧୭ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୨୫ ପାଇଁ କରାଯିବାର ପ୍ରସ୍ତାବ ରଖା ଯାଇଥିଲା। ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟ ସମ୍ପାଦନ ବିଭାଗ ଅଧିକାରୀ ମାନଙ୍କୁ ନେଇ ଏକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ କୁଷ୍ଠ



ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ୍ୟ କୁଷ୍ଠ ରୋଗୀର ନାକରୁ ଜୀବାଣୁ ବାହାରି ବାୟୁ ମଣ୍ଡଳରେ ଘୁରି ବୁଲିଥାନ୍ତି। କୁଷ୍ଠ ରୋଗୀ ସହ ଚଳ ପ୍ରଚଳ କରୁଥିବା ପରିବାର ଲୋକ ପ୍ରଶ୍ୱାସରେ କୁଷ୍ଠ ଜୀବାଣୁ ଶରୀର ମଧ୍ୟକୁ ପ୍ରବେଶ କରି ବହୁ ବର୍ଷ ପରେ କୁଷ୍ଠ ରୋଗର ଲକ୍ଷଣ ଜାଣା ପଡେ଼ୟ ଯେଉଁ ବ୍ୟକ୍ତିଙ୍କୁ କୁଷ୍ଠ ରୋଗ ହୋଇଛି ତାଙ୍କ ପରିବାର ବର୍ଗ ଏମଡିଟି ବଟିକା ଥରେ ଖାଇଲେ ରୋଗ ପ୍ରତିଷେଧକ ଶକ୍ତି ବଢ଼ାଇଥାଏ ଏବଂ ଶତକଡା ୯୯ ଭାଗ ଜୀବାଣୁ ମରିଯାଆନ୍ତି। ଯାହା ଦ୍ୱାରା କୁଷ୍ଠ ରୋଗ ହେବାର ସମ୍ଭାବନାକୁ ସମ୍ପୂର୍ଣ୍ଣ ମାତ୍ରାରେ ଏଡ଼ାଇ ଦିଆଯାଇ ପାରିବ।

ଏହି ରୋଗ ବଂଶଗତ ନୁହେଁ, ଏହା ଏକ ବାୟୁ ବାହିତ ଜୀବାଣୁ ସଂକ୍ରମଣ ରୋଗ୍ୟ ବ୍ୟକ୍ତି କୁଷ୍ଠ ରୋଗରେ ସଂକ୍ରମିତ ହେଲେ ଏମଡିଟି ଔଷଧ ଖାଇବା ଓ ଡ଼ାକ୍ତରୀ ପରାମର୍ଶ ନେବା ନିହାତି ଆବଶ୍ୟକ। ଜିଲ୍ଲା କୁଷ୍ଠ ରୋଗ ପରାମର୍ଶଦାତା ଡାକ୍ତର ସୌମ୍ୟକାନ୍ତ ସତ୍ୟସୁନ୍ଦର କୁଷ୍ଠ ରୋଗର ସଂକ୍ରମଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରକାଶ କରିବାସହ ଅଭିଯାନର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା କୁଷ୍ଠ ସେବା ସ୍ୱାସ୍ଥ୍ୟ ନିରୀକ୍ଷକ ଶ୍ରୀ ସୁନୀଲ ଦତ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ବୈଠକରେ ଯୋଗଦାନ କରିଥିଲେ ବିଭାଗୀୟ ଅଧିକାରୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ବିଭାଗର ବରିଷ୍ଠ ଡ଼ାକ୍ତର ବିଶେଷଜ୍ଞ, ସମସ୍ତ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର, ଆଶା କର୍ମୀ ଓ ଅଙ୍ଗନ ୱାଡ଼ି କର୍ମୀ, ପରିଦର୍ଶିକା ଏବଂ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ।

## ବିଦ୍ୟାଳୟରେ ସାମ୍ବାଦିକଙ୍କ ଅନଧିକାର ପ୍ରବେଶକୁ ନେଇ ଜିଲ୍ଲାପାଳଙ୍କୁ ଫେରାଦ

**କାକଟପୁର, ୧୭/୧୧ (ନି.ପ୍ର):** ପୁରୀଜିଲ୍ଲା କାକଟପୁର ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ସୋମବାର ଦିନ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ସୂଚନା ଅନୁଯାଇ କାକଟପୁର ଅଞ୍ଚଳ ର ସାମ୍ବାଦିକ ଅକ୍ଷୟ ରାଉତ ବିଦ୍ୟାଳୟ ମଧ୍ୟକୁ ଯାଇ ହଠାତ ମଧ୍ୟାହ୍ନ ଭୋଜନ ରନ୍ଧାଯାଉଥିବା ପାକଶାଳା ମଧ୍ୟକୁ ଅନଧିକାର ପ୍ରବେଶ କରିବାରେ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ତାଙ୍କୁ ବାରଣ କରିବାରୁ ତାଙ୍କୁ ଅତି ଅଶାଳୀନ ଭାଷାରେ ଗାଳିକରିବା ସହିତ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଏବଂ ମଧ୍ୟାହ୍ନ ଭୋଜନ ସମ୍ପର୍କରେ ଅତି ବିଭ୍ରାନ୍ତିକର ପ୍ରଶ୍ନ କରି ଧମକ ଚମକ ଦେଇଥିବା, ବିଦ୍ୟାଳୟ ପକ୍ଷରୁ





ଗୁରୁତର ଅଭିଯୋଗ ହୋଇଛି। ଉକ୍ତ ଘଟଣା ରେ ସାମ୍ବାଦିକ ଜଣକ ରାଜ୍ୟ ସରକାରଙ୍କ ଆଇନିକୁ ବେଖାତିର କରି ପାକଶାଳାକୁ ପ୍ରବେଶ କରିବା ପରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ରେ ଥିବା ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷକଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଭର୍ତ୍ସନା କରିବାସହିତ କୈଫିତ ତଲବ କରିଥିଲେ। ତେବେ ଏଠାରେ ପ୍ରଶ୍ନ ଉଠେକି ମଧ୍ୟାହ୍ନ ଭୋଜନ ପାକଶାଳା ଏବଂ ଶ୍ରେଣୀଗୃହକୁ ପ୍ରବେଶ କରିବା ପାଇଁ କୌଣସି ବାହାର ବ୍ୟକ୍ତିଙ୍କର ଅନୁମତି ନଥିବା ବେଳେ କିଭଳି ସାମ୍ବାଦିକଙ୍କ ସହିତ ଅନ୍ୟ ଜଣେ ଯାଇ ଏଭଳି କାଣ୍ଡ ଘଟାଇଲେ ତାହା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି।

ଘଟଣା ଘଟିବା ପରେ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଚିଠି ନମ୍ବର ୪୨୭/୨୫ ରେ କାକଟପୁର ବ୍ଲକ ଶିକ୍ଷାଧିକାରୀ, ପୁରୁଜିଲ୍ଲା ଶିକ୍ଷାଧିକାରୀ ଏବଂ ପୁରୀ ଜିଲ୍ଲାପାଳ ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅପର ପକ୍ଷରେ କାକଟପୁର ଅଞ୍ଚଳର କେତେକ ସାମ୍ବାଦିକ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ଦୁର୍ନୀତିର ଭୟ ଦେଖାଇ ମୋଟାଅଙ୍କର ଅର୍ଥ ଆଦାୟ କରିଆସୁଥିବା ସାଧାରଣ ରେ ଶୁଣିବାକୁ ମିଳିଛି।

## ୬ ମାସ ହେବ ନଳକୂପ ଅଚଳ
## ପାନୀୟ ଜଳରୁ ବଞ୍ଚିତ ଭେଟପଦା ବାସିନ୍ଦା

**ଖଣ୍ଡପଡ଼ା, ୧୭।୧୧, (ନି.ପ୍ର):** ଖଣ୍ଡପଡ଼ା ବ୍ଲକ ସିଙ୍ଘାପଡ଼ା ପଞ୍ଚାୟତ ଅଧୀନ ଭେଟପଦା ବାସିନ୍ଦା ପାଇପ ଯୋଗେ ପାନୀୟ ଜଳରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ମିଳିଥିବା ଅଭିଯୋଗ ଅନୁଯାୟୀ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ବାସିନ୍ଦା ବିଶିଷ୍ଟ ଭେଟପଦା ବାସୀଙ୍କୁ ଆଜିଯାଏଁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ମିଳୁନାହିଁ୍ୟ ଖଳିସାହିରୁ କୋସକା ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏହି ଗ୍ରାମର ଲୋକେ ପାଣି ମୁନ୍ଦେ ପାଇଁ ବର୍ଷ ବର୍ଷ ଧରି ଅଭିଯୋଗ କରି ଆସୁଛନ୍ତି। ମାତ୍ର ପଞ୍ଚାୟତ କର୍ତ୍ତୃପକ୍ଷ କିମ୍ବା ବ୍ଲକ ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିନଥିବା ସୂଚନା ମିଳିଛି। ପିଇବା ପାଣି ନିମନ୍ତେ ଗ୍ରାମବାସୀ ବାଧ୍ୟ ହୋଇ ନଳକୂପ କିମ୍ବା ଖୋଲା ଜଳଉତ୍ସରୁ ଜଳ ସଂଗ୍ରହ କରିଥାନ୍ତି। ବର୍ଷ ବର୍ଷ ଧରି ଏଭଳି ସ୍ଥିତି ଚାଲି ଆସୁଥିବା ବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହୁଏ। ଅନ୍ୟପକ୍ଷରେ ଗ୍ରାମରେ ଥିବା ଏକମାତ୍ର ନଳକୂପଟି ଗତ ୬ ମାସ ହେବ ଅଚଳ ହୋଇପଡିଥିବା ଯୋଗୁଁ ସ୍ଥିତି ସଙ୍ଗିନ ହୋଇଛି। ସମସ୍ୟା ବାବଦରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଏବଂ ବ୍ଲକ ପ୍ରଶାସନକୁ ଏ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇନଥିବା ଗ୍ରାମର କୈଳାସ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମଧୁ ପଣ୍ଡା, ସୁମନ୍ତ ପଣ୍ଡା, ଆନନ୍ଦ ପଣ୍ଡା ପ୍ରମୁଖ କହିଛନ୍ତି। ଘଟଣା ବାବଦରେ ସ୍ଥାନୀୟ ସରପଞ୍ଚ ସୁନୀଲ ପ୍ରଧାନଙ୍କ ପ୍ରତିକ୍ରିୟା ନେବାରେ ପୂର୍ବରୁ ଉକ୍ତ ଗ୍ରାମକୁ ପାଇପ ବିଛାଯାଇ ଜଳଯୋଗାଣ ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଏହା ଚୋରୀ ହୋଇଯିବା ଯୋଗୁଁ ସମସ୍ୟା ହୋଇଥିବା କହିଛନ୍ତି। ତେବେ ମେଗା ପ୍ରକଳ୍ପ ଯୋଗୁଁ ନୂତନ ଭାବେ ପାନୀୟ ଜଳ ଯୋଗାଇବା ମଧ୍ୟ ପଞ୍ଚାୟତ ପକ୍ଷରୁ ସମ୍ଭବ ନୁହେଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜାତୀୟ ପ୍ରେସ ଦିବସରେ ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ରକ୍ତଦାନ ଶିବିର

**ଖୋର୍ଦ୍ଧା, ୧୭।୧୧ (ନି.ପ୍ର):** ଜିଲ୍ଲା ପ୍ରେସକ୍ଲବ ତଥା ସାମ୍ବାଦିକ ଭବନରେ ଜାତୀୟ ପ୍ରେସ ଦିବସ, ଧୁମଧାମର ସହିତ ପାଳନ କରା ଯାଇଥିଲା। ଜାତିୟ ପ୍ରେସ ଦିବସରେ, ଗଣମାଧ୍ୟମ ପ୍ରତିନିଧି ମାନେ ଆଲୋଚନା ଚକ୍ର ର ଅୟୋଜନ କରିଥିଲେ। ଏତଦବ୍ୟତୀତ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷଣ କୁମାର ବେହେରା ଏହାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ପ୍ରସଙ୍ଗରେ ଜିଲ୍ଲା ପ୍ରେସକ୍ଲବର ଏଭଳି କାର୍ଯକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଜିଲ୍ଲା ପ୍ରେସ କ୍ଲବର ସଭାପତି ଶୁଭ୍ରାଂଶୁ ରଂଜନ ସାମନ୍ତରାୟଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଅଧକ୍ଷା ରୂପ ରାଣୀ ଗୁମାନସିଂହ ଯୋଗ ଦେଇଥିଲେ୍ୟ ଆଗନ୍ତୁକ ଅତିଥି ମାନେ ନିଜ ନିଜର ଅଭିଭାଷଣରେ ଗଣତନ୍ତ୍ରର



ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମର ଭୂମିକା ଅତି ଉଚ୍ଚ କୋଟିର କହିଥିଲେ। ଜିଲ୍ଲା ପ୍ରେସକ୍ଲବର ସଭାପତି ସାମନ୍ତରାୟ ତାଙ୍କ ବକ୍ତବ୍ୟ ରଖିଥିଲେ। ପ୍ରେସ କ୍ଲବର ଉପଦେଷ୍ଟା ତପନ କୁମାର ନାୟକ ନିଜର ବକ୍ତବ୍ୟରେ କହିଥିଲେ ପ୍ରେସ କାଉନସିଲ ଅଫ ଇଣ୍ଡିଆ ଗଠନ ୧୯୫୬ ମସିହାରେ କମିଶନର ଦ୍ୱାରା ପ୍ରସ୍ତାବିତ ହୋଇଥିଲା। ୧୯୬୬ ମସିହାରେ ଗଣମାଧ୍ୟମକୁ ଚତୁର୍ଥ ସ୍ତମ୍ଭର ମାନ୍ୟତା ମିଳିଥିଲା। ଜାତୀୟ ପ୍ରେସ ଦିବସରେ, ଜିଲା ପ୍ରେସକ୍ଲବରେ ରକ୍ତଦାନ କରି ପ୍ରଶଂସିତ ହୋଇଛନ୍ତି, ଗଣମାଧ୍ୟମ ପ୍ରତିନିଧିଙ୍କ ପାଖରେ। ସମ୍ମାନିତ ଅତିଥି ରୁପ ଶ୍ରୀ ରାଣୀ ଗୁମାନସିଂହ ତାଙ୍କ ବକ୍ତବ୍ୟ ଥିଲା, ଗଣତନ୍ତ୍ର ରାଷ୍ଟ୍ରରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପର୍ଣ୍ଣ୍ୟ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଗୁଡ଼ିକୁ ଲୋକ ଲୋଚନକୁ ଆଣିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱ। ଯାହାଦ୍ୱାରା ପ୍ରଶାସନ ସଚେତନ ହେବା ସହିତ ସେଗୁଡିକ ସମାଧାନ ପାଇଁ ତତ୍ପରତା ଦେଖାଇଥାଏ। ଜିଲ୍ଲା ପ୍ରେସ କ୍ଲବର ଉପ ସଭାପତି ଲଳିତ ମୋହନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯକ୍ରମ ରେ ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘ ସଭାପତି ପ୍ରକାଶ କୁମାର ହାତୀ, ଜିଲ୍ଲା ପ୍ରେସ କ୍ଲବ ଉପ ସଭାପତି ପ୍ରସନ୍ନ କୁମାର ପାଇକରାୟ, କୋଷାଧକ୍ଷ ଶୁଭକାନ୍ତ ମହାପାତ୍ର, କର୍ଣ୍ଣେଲ ଅରୁଣ କୁମାର ରାଉତରାୟ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ପ୍ରବୀଣ ଭଞ୍ଜ, ରଞ୍ଜିତ ସାମନ୍ତରାୟ, ପ୍ରଭାତ ପାଣିଗ୍ରାହୀ, ଗୋପାଳ କୃଷ୍ଣ ପ୍ରଧାନ, ଗୋପାଳ କୃଷ୍ଣ ଦାସ, ସୟଦ ଲିୟାକତ ଅଲ୍ଲୀ,ବରିଷ୍ଠ ଆଇଜୀବୀ ଶକ୍ତି ଶଙ୍କର ମିଶ୍ର, ଲୋତକ ବିନ୍ଦୁ ପଟ୍ଟନାୟକ, ସମାଜ ସେବୀ ସଞ୍ଜୟ ପଟ୍ଟନାୟକ, ଶୋଭନ ଘୋଷ ପ୍ରମୁଖ ଉପସ୍ଥିତ ଥିବାବେଳେ, ପ୍ରେସ କ୍ଲବ ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଖୋର୍ଦ୍ଧା ବ୍ଲଡ ବ୍ୟାଙ୍କ ଡାକ୍ତର ସୌରଭ ସୁନ୍ଦର ରାୟ, ଅରୁଣ କୁମାର ସାହୁ, ଝାନସି ରାଣୀ ପାତ୍ର, ଲକ୍ଷ୍ମୀ ପ୍ରିୟା ପ୍ରଧାନ, ଶ୍ରୀକାନ୍ତ କୁମାର ପ୍ରମୁଖ ଙ୍କ ସହାୟତାରେ ୪୬ ୟୁନିଟରୁ ଉର୍ଦ୍ଧ୍ୱ ରକ୍ତ ସଂଗୃହିତ ହୋଇଥିଲା।

## କେନ୍ଦ୍ରାପଡା କଲେଜରେ ଶୂନ୍ୟ ଦୁର୍ଘଟଣା ଜନିତ ମୃତ୍ୟୁ ସପ୍ତାହ ପାଳିତ



**କେନ୍ଦ୍ରାପଡ଼ା,୧୭।୧୧ (ନି.ପ୍ର) :** କେନ୍ଦ୍ରାପଡା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସହଯୋଗରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁବରେଡକ୍ରସ ୟୁନିଟ୍ ପକ୍ଷରୁ ଶୂନ୍ୟ ଦୁର୍ଘଟଣା ଜନିତ ମୃତ୍ୟୁ ସପ୍ତାହ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ରେଡକ୍ରସ ପରାମର୍ଶଦାତା ତଥା ଜିଲ୍ଲା ରେଡକ୍ରସ ସମ୍ପାଦକ ଅଧାପକ ବିକାଶ କୁମାର ନାୟକ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ଶାନ୍ତନୁ କୁମାର ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆଇକ୍ୟୁଏସି ସଂଯୋଜିକା ଡ. ଦିପ୍ତୀ ରାୟ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର ଓ ସମ୍ମାନିତ ଅତିଥି ଭାବେ ମୋଟରଯାନ ନିରୀକ୍ଷକ ଶ୍ରୀକାନ୍ତ ଟୁଡୁ ଓ ଟ୍ରାଫିକ ଇନସପେକ୍ଟର ରାଜନାରାୟଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ସଡକ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ପ୍ରତି ଅବଗତ କରାଇଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ସଡକ ସୁରକ୍ଷା ସମ୍ବନ୍ଧିତ ଏକ ନାଟକ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଅତିଥିମାନେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବରେଡକ୍ରସର ସ୍ୱେଚ୍ଛାସେବୀ ମନୋଜ ଲେଙ୍କା, ଭବାନିଶଙ୍କର ପ୍ରଧାନ, ଉମେଶ ଆଚାର୍ଯ୍ୟ, ପ୍ରତିଭା ରାୟ, ଅର୍ପିତା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

